ବର୍ଷ-୨୫, ସଂଖ୍ୟା-୩୩୫
ଭୁବନେଶ୍ୱର
୧୫, ଡିସେମ୍ବର, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 335
Bhubaneswar
15, December, 2025 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com


Mahabharat



# ଆଖିବୁଜା ଗୁଳିମାଡ, ୧୨ ମୃତ

ନୂଆଦିଲ୍ଲୀ, ୧୪।୧୨ (ମହାଭାରତ): ରବିବାର ଅଷ୍ଟ୍ରେଲିଆର ସିଡନୀର ବଣ୍ଡି ବିଚ୍‌ରେ ଲୋକେ ଖୁସିରେ ଝୁମୁ ଉଠୁଥିଲେ। ଇହୁଦୀଙ୍କ ପର୍ବ ଚାଲିଥିବାରୁ ବହୁ ସଂଖ୍ୟାରେ ଲୋକେ ଉପସ୍ଥିତ ଥିଲେ। ଠିକ ଏହି ସମୟରେ ଲୋକଙ୍କ ଉପରେ ଅତର୍କିତ ଆକ୍ରମଣ ହୋଇଛି। ଦୁଇଜଣ ସଶସ୍ତ୍ର ଆକ୍ରମଣକାରୀ ସେଠାରେ ସମବେତ ହଜାର ହଜାର ଲୋକଙ୍କ ଉପରେ ଆଖିବୁଜା ଗୁଳିମାଡ କରିଛନ୍ତି। ଯିଏ ପାଇଲା, ଜୀବନ ବିକଳରେ ଦୌଡିଲେ। ଏହି ଗୁଳିକାଣ୍ଡରେ ଅତି କମରେ ୧୨ ଜଣଙ୍କର ମୃତ୍ୟୁ ଘଟିଛି।

ଅଷ୍ଟ୍ରେଲୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଇହୁଦୀଙ୍କ ଏକ ପର୍ବ ପାଇଁ ସିଡନୀ ବେଳାଭୂମିରେ ପ୍ରବଳ ଭିଡ଼ ଜମା ହୋଇଥିଲା। ଆଠ ଦିନିଆ ପବିତ୍ର ପର୍ବ ହାନୁକାହର ପ୍ରଥମ ଦିନ ପାଳନ କରିବା ପାଇଁ ବହୁ ସଂଖ୍ୟକ ଇହୁଦୀ ଏକତ୍ରିତ ହୋଇଥିଲେ। ଏହି ଘଟଣା ପରେ ସିଡନୀ ସୁରକ୍ଷା ସଂସ୍ଥା ଉଭୟ ଆକ୍ରମଣକାରୀଙ୍କୁ ଅଟକ ରଖିଛି।ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, କଳା ପୋଷାକ ପିନ୍ଧିଥିବା ଦୁଇଜଣ ବ୍ୟକ୍ତି ରାଇଫଲ୍ କିମ୍ବା ବନ୍ଧୁକ ଧରି ଲୋକଙ୍କ ଉପରକୁ ଅତର୍କିତ ଗୁଳି ଚଳାଇଥିଲେ। ପାଖାପାଖି ୫୦ ଗୁଳିର ଶବ୍ଦ ଶୁଣିବାକୁ ମିଳିଥିଲା। ଅଷ୍ଟ୍ରେଲିଆର ଏକ ଦୈନିକ ଖବରକାଗଜ ଦି ସିଡନୀ ମର୍ଣ୍ଣିଂ ହେରାଲ୍ଡ ଅନୁଯାୟୀ, ଗୁଳିକାଣ୍ଡରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି। ସିଡନୀ ପୋଲିସ ତୁରନ୍ତ ସର୍ଚ୍ଚ ଅପରେସନ ଚଳାଇ ଦୁଇଜଣ ସନ୍ଦିଗ୍ଧଙ୍କୁ ଅଟକ ରଖିଛି। ପୋଲିସ ଜଣଙ୍କ ଉପରେ ଗୁଳି ଚଳାଇଥିବା ବେଳେ ଅନ୍ୟ ଜଣଙ୍କୁ ଗିରଫ କରାଯାଇଥିଲା। ଅଞ୍ଚଳକୁ ସମ୍ପୂର୍ଣ୍ଣ ସିଲ୍ କରି ପୋଲିସ ଓ ତଦନ୍ତକାରୀ ଏଜେନ୍ସି ତଦନ୍ତ ଚଳାଇଛନ୍ତି।



ଘଟଣାସ୍ଥଳରୁ ଦୂରେଇ ରହିବାକୁ ପୋଲିସ ଲୋକଙ୍କୁ ଅନୁରୋଧ କରିଛି ଏବଂ ଘଟଣାସ୍ଥଳକୁ ଖାଲି କରିବାକୁ ପରାମର୍ଶ ଦେଇଛି। ହେଲିକପ୍ଟର ଏବଂ ଆମ୍ବୁଲାନ୍ସ ନିୟୋଜିତ କରାଯାଇଛି। ସ୍ଥାନୀୟ ବାସିନ୍ଦା କହିଛନ୍ତି ଯେ ସେମାନେ ୫୦ ରାଉଣ୍ଡ ପର୍ଯ୍ୟନ୍ତ ଗୁଳି ଫୁଟିବାର ଶବ୍ଦ ଶୁଣିଛନ୍ତି। ଲୋକମାନେ କ୍ୟାମ୍ପବେଲ ପରେଡ ନିକଟରେ ତଳେ ପଡ଼ି ରହିଥିଲେ। ଘଟଣାଟି ରବିବାର ସନ୍ଧ୍ୟା ପ୍ରାୟ ୬ଟା ୩୦ରୁ ୬ଟା ୪୫ ମଧ୍ୟରେ ଘଟିଛି। ଏହି ସମୟରେ ହଜାର ହଜାର ଲୋକ ବେଳାଭୂମିରେ ଉପସ୍ଥିତ ଥିଲେ। ଇହୁଦୀ ପର୍ବ ହାନୁକାହର ପ୍ରଥମ ଦିନରେ ଏହି ଅଘଟଣ ଘଟିଛି। ନ୍ୟୁ ସାଉଥ୍ ୱେଲ୍ସ ପୋଲିସ ଫୋର୍ସ ଏକ ସୋସିଆଲ ମିଡିଆ ପୋଷ୍ଟ ସେୟାର କରିକହିଛିଯେ, ପୋଲିସ ଅପରେସନ୍ ଜାରି ରହିଛି। ଏପର୍ଯ୍ୟନ୍ତ ଦଶ ଜଣଙ୍କର ମୃତ୍ୟୁ ସ୍ପଷ୍ଟ ହୋଇଛି, ଯେଉଁଥିରେ ଜଣେ ଆକ୍ରମଣକାରୀ ମଧ୍ୟ ଅଛନ୍ତି। ଅନ୍ୟ ଜଣେ ଆକ୍ରମଣକାରୀଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ବର୍ତ୍ତମାନ ଏହି ଘଟଣାରେ ଦୁଇ ଜଣ ପୋଲିସ ଅଧିକାରୀ ସମେତ ମୋଟ ୧୧ ଜଣ ଆହତ ହୋଇଛନ୍ତି।

# ମେସି-ସଚିନ ଭେଟଘାଟ

ନୂଆଦିଲ୍ଲୀ, ୧୪।୧୨ (ମହାଭାରତ):: ଆଜି ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ କ୍ରିକେଟର ଭଗବାନ ସଚିନ ତେନ୍ଦୁଲକର ଏବଂ ଫୁଟବଲ୍ କିମ୍ବଦନ୍ତୀ ଲିଓନେଲ୍ ମେସିଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ଦୁଇ କିମ୍ବଦନ୍ତୀ ଜର୍ସି ଏବଂ ଫୁଟବଲ୍ ବଦଳ କରିଥିଲେ।

ଷ୍ଟାଡିୟମରେ ସଚିନଙ୍କୁ ଦେଖିବା ମାତ୍ରେ ଲୋକମାନେ ସଚିନଙ୍କୁ ପ୍ରଶଂସା କରିବା ଆରମ୍ଭ କରିଦେଇଥିଲେ। ମେସିଙ୍କ ମୁମ୍ବାଇ କାର୍ଯ୍ୟକ୍ରମ ସେହି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ମେସି ସଚିନଙ୍କୁ ୨୦୨୬ ବିଶ୍ୱକପ୍ ଫୁଟବଲ୍ ଉପହାର ଦେଇଥିବା ବେଳେ, ସଚିନ ମେସିଙ୍କୁ ତାଙ୍କର ୨୦୧୧ ବିଶ୍ୱକପ୍ ୧୦ ନମ୍ବର ଜର୍ସି ଉପହାର ଦେଇଥିଲେ। ସଚିନ ସାକ୍ଷାତ ସମୟରେ ପ୍ରଶଂସକମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ, ସେ ସେଠାରେ ଅନେକ ଅବିଶ୍ୱସନୀୟ ମୁହୂର୍ତ୍ତ ବିତାଇଛନ୍ତି ।



ଲିଓନେଲ ମେସିଙ୍କ କାର୍ଯ୍ୟକ୍ରମରେ ମଞ୍ଚ ଉପରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍, ତାଙ୍କ ପତ୍ନୀ ଅମ୍ରିତା ଏବଂ ଅନ୍ୟ ପ୍ରତିନିଧିମାନେ ମେସି, ସୁଆରେଜ୍ ଏବଂ ଡି ପାଉଲଙ୍କ ସହିତ ଯୋଗ ଦେଇଥିଲେ। ସେମାନେ ସମସ୍ତେ ସେମାନଙ୍କ ପିଲାମାନଙ୍କ ସହିତ ଫଟୋ ଉଠାଇଥିଲେ। ଲିଓନେଲ ମେସି ଏବଂ ସଚିନ ତେନ୍ଦୁଲକରଙ୍କୁ ଏକାଠି ଦେଖି ପ୍ରଶଂସକମାନେ ବହୁତ ଖୁସି ହୋଇଥିଲେ। ମଞ୍ଚରେ ଦୁଇ କିମ୍ବଦନ୍ତୀଙ୍କୁ ଏକାଠି ଦେଖି ପ୍ରଶଂସକମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଗଲା। ରବିବାର ଏକ ଭବ୍ୟ କାର୍ଯ୍ୟକ୍ରମରେ ଫୁଟବଲ୍ କିମ୍ବଦନ୍ତୀ ଲିଓନେଲ ମେସି ଏବଂ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କୁ ଏକାଠି ଆୟୋଜନ କରି ପ୍ରତୀକାତ୍ମକ ୱାଙ୍ଖେଡେ ଷ୍ଟାଡିୟମ ଭାରତୀୟ କ୍ରୀଡ଼ା ଇତିହାସରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡିଥିଲା। ମେସି ତାଙ୍କର ଚାରି ସହର "ଜିଓଏଟି" ଭାରତ ଗସ୍ତର ତୃତୀୟ ରହଣି ୱାଙ୍ଖେଡେ ଷ୍ଟାଡିୟମରେ ଏକ ଘଣ୍ଟା ବିତାଇଲେ। ସେ ଯୁବ ଫୁଟବଲ୍ ଖେଳାଳି, କିମ୍ବଦନ୍ତୀ କ୍ରିକେଟର ତେନ୍ଦୁଲକର, ଭାରତୀୟ ଫୁଟବଲ୍ କିମ୍ବଦନ୍ତୀ ସୁନୀଲ ଛେତ୍ରୀ ଏବଂ ମନୋରଞ୍ଜନ ବ୍ୟକ୍ତିତ୍ୱଙ୍କ ସହିତ ଆଲୋଚନା କରିଥିଲେ।

# ବିଳମ୍ବିତ ନ୍ୟାୟକୁ ନେଇ ଉଦବେଗ ପ୍ରକାଶ କଲେ ସିଜେଆଇ

କଟକ, ୧୪।୧୨ (ମହାଭାରତ):: ବିଳମ୍ବିତ ନ୍ୟାୟକୁ ନେଇ ସିଜେଆଇ ଜଷ୍ଟିସ ସୂର୍ଯ୍ୟକାନ୍ତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ହାଇକୋର୍ଟ ବାର୍ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ସେ କହିଛନ୍ତି ଯେ ସାଧାରଣ ଲୋକ ଓ ନ୍ୟାୟ ମଧ୍ୟରେ ଦୁଇଟି ଜିନିଷ ବାଧା ଆଣିଥାଏ। ପ୍ରଥମଟି ମକଦ୍ଦମାରେ ଖର୍ଚ୍ଚ ହେଉଥିବା ଟଙ୍କା ଓ ଏଥିରେ ବିତୁଥିବା ସମୟ। ବିଳମ୍ବିତ ନ୍ୟାୟ ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତି ଓ ସମ୍ମାନ ଉପରେ ପ୍ରଭାବ ପକାଇଥାଏ। ବିଳମ୍ବିତ ଓ ଖର୍ଚ୍ଚସାପେକ୍ଷ ନ୍ୟାୟ ବ୍ୟବସ୍ଥା ସାଧାରଣ ଲୋକଙ୍କ ଉପରେ ଏକ ବୋଝ ଅଟେ। ତେଣୁ ଏଥିରେ ୩ଟି ବସ୍ତୁ ମୂଳ ଲକ୍ଷ୍ୟ ହେବା ଆବଶ୍ୟକ ବୋଲି ସିଜେଆଇ କହିଛନ୍ତି। ସାଧାରଣ ଲୋକଙ୍କ ଉପରେ କମ୍ ଚାପ ପକାଇବା ଓ ଅନିଶ୍ଚିତତା ଦୂର କରିବା ଓ ତୃତୀୟଟି ସାଧାରଣ ଲୋକଙ୍କ ସମ୍ମାନ ରକ୍ଷା କରିବା ବୋଲି ସେ ମତ ଦେଇଛନ୍ତି। ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ଆୟୋଜିତ ଆଲୋଚନା ଚକ୍ର କାର୍ଯ୍ୟକ୍ରମରେ ପ୍ରଧାନ ବିଚାରପତି ଯୋଗ ଦେଇଛନ୍ତି । ସାଧାରଣ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବା, ମାମଲା ଖର୍ଚ୍ଚ ଏବଂ ବିଳମ୍ବ ହ୍ରାସ କରିବା ପାଇଁ ରଣନୀତି ଆଦି ଶୀର୍ଷକ ଉପରେ ଏହି କାର୍ଯ୍ୟକ୍ରମରେ ଆଲୋଚନା ହୋଇଛି ।



ସିଜେଆଇ ସୂର୍ଯ୍ୟକାନ୍ତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ତାଙ୍କ ସହିତ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ମୁଖ୍ୟ ବକ୍ତା, ଆଡଭୋକେଟ ଜେନେରାଲ ବରିଷ୍ଠ ଆଇନଜୀବୀ ପିତାମ୍ବର ଆଚାର୍ଯ୍ୟ ଓ ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଭାରତର ପ୍ରଧାନ ବିଚାରପତି ହେବା ପରେ ଜଷ୍ଟିସ ସୂର୍ଯ୍ୟକାନ୍ତ ପ୍ରଥମଥର ପାଇଁ ଓଡ଼ିଶା ଆସିଛନ୍ତି ।

## ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଘରେ ଭଙ୍ଗାରୁଜା

ଯାଜପୁର, ୧୪।୧୨ (ମହାଭାରତ):: ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଘରେ ଭଙ୍ଗାରୁଜା। ଧର୍ମଶାଳା ଘରେ କର୍ମୀ ସମ୍ମିଳନୀ ଚାଲିଥିବା ବେଳେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ୪ ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି ଏବଂ ୧୫ ଧର୍ମଶାଳାରେ ଚିକିତ୍ସାଧୀନ ଅଛନ୍ତି। ୧୫ରୁ ଊର୍ଦ୍ଧ୍ୱ ଗାଡ଼ି ଭାଙ୍ଗି ଦେଇଛନ୍ତି ପ୍ରଣବ ବଳବନ୍ତରାୟ କହିଛନ୍ତି । ଏହା ସହ ସେ କହିଛନ୍ତି ଯାଜପୁର ପୋଲିସ ଉପରେ ଭରସା ନାହିଁ, ଡିଜିପିଙ୍କୁ ଅବଗତ କରିବି। ବର୍ତ୍ତମାନ ବିଧାୟକଙ୍କ ସମର୍ଥକ ଏପରି କରିଥିବା ସେ ଅଭିଯୋଗ କରିଛନ୍ତି।

# ରାଜଧାନୀର ବିଭିନ୍ନ ବାର୍‌ରେ ଚଢାଉ

ଭୁବନେଶ୍ୱର, ୧୪।୧୨ (ମହାଭାରତ):: ଗୋଆ ଅଗ୍ନିକାଣ୍ଡ ଘଟଣା ପରେ ଓଡିଶାର ଅବକାରୀ ବିଭାଗ ସଜାଗ ହୋଇଛି । ଦୁଇ ଦିନ ହେବ ରାଜଧାନୀର ପ୍ରତ୍ୟେକଟି ବାର ଓ ରେଷ୍ଟୁରାଣ୍ଟରେ ଚଢ଼ାଉ ଜାରି ରଖିଛି । ଏହି ପ୍ରରିପେକ୍ଷୀରେ ଶନିବାର ରାତି ଅଧରେ ରାଜଧାନୀର ବିଭିନ୍ନ ବାର ଓ ରେଷ୍ଟୁରାଣ୍ଟରେ ଅବକାରୀ ବିଭାଗର ୭ ଜଣିଆ ଟିମ୍ ଚଢ଼ାଉ କରିଥିଲା । ପ୍ରାୟ ୧୫୫ଟି ବାର୍ ଉପରେ ଅବକାରୀ ବିଭାଗର ଚଢ଼ାଉ କରିଛି।



ଦିନରେ କମିଶନରେଟ୍ ପୋଲିସ ଓ ଅଗ୍ନିଶମ ବାହିନୀର ଚଢ଼ାଉ ଚାଲିଥିବା ବେଳେ ବିଳମ୍ବିତ ରାତିରେ ଅବକାରୀ ବିଭାଗ ଚଢ଼ାଉ କରୁଛି । ଭୁବନେଶ୍ୱରରେ ଥିବା ସମସ୍ତ ବାର୍ ଏବଂ ରେଷ୍ଟୁରାଣ୍ଟଗୁଡ଼ିକୁ ଦିଆଯାଇଥିବା ଗାଇଡ ଲାଇନ୍ ସଠିକ୍ ଭାବେ ପାଳନ କରାଯାଉଛି ନା ନାହିଁ ତାହାର ତଦାରଖ କରାଯାଇଛି ।

ତେବେ ଏହି ସମୟରେ ଅବକାରୀ ଅଧିକାରୀଙ୍କୁ ଆକ୍ରମଣ କରିଥିଲେ କିଛି ଅସାମାଜିକ ବ୍ୟକ୍ତି। ଅବକାରୀ ଅଫିସର୍ ୟୁନିଫର୍ମରେ ଥିବା ସତ୍ତ୍ୱେ ତାଙ୍କ ଉପରେ ହମଲା କରିଥିଲେ କିଛି ଲୋକେ। ଭୁବନେଶ୍ୱର ଚନ୍ଦ୍ରଶେଖର ଥାନା ଅଞ୍ଚଳର ଏକ ବାର୍ ରେ ରେଡ୍ କରୁଥିବା ବେଳେ ଏଭଳି ପରିସ୍ଥିତି ଉପୁଜିଥିଲା। ଖାଲି ସେତିକି ନୁହେଁ ବାର୍ ରେ ରେଡ୍ କୁ ବି ଏମାନେ ବିରୋଧ କରିଥିଲେ। ଘଟଣାକୁ ନେଇ ଚନ୍ଦ୍ରଶେଖର ଥାନାରେ ଅଭିଯୋଗ ପରେ ଦୁଇ ଜଣଙ୍କୁ ପୋଲିସ୍ ଅଟକ ରଖିଛି।

ସୂଚନାଯୋଗ୍ୟ ଗୋଆର ଏକ ନାଇଟ୍ କ୍ଲବରେ ଅଗ୍ନିକାଣ୍ଡ ଘଟି ୨୫ ଜଣ ପୋଡ଼ି ହୋଇ ମୃତ୍ୟୁବରଣ କରିଥିଲେ । ଏଥିରେ ୨୦ ଜଣ କର୍ମଚାରୀ ଏବଂ ୫ ଜଣ ପର୍ଯ୍ୟଟକ ଥିଲେ । ଏହି ବଡ଼ ଘଟଣା ପରେ ମଧ୍ୟ , କ୍ଲବ ମାଲିକ ସୌରଭ ଏବଂ ଗୌରବ ଲୁଥ୍ରା କିଛି ଘଣ୍ଟା ପରେ ଇଣ୍ଡିଗୋ ବିମାନରେ ଦିଲ୍ଲୀ ଆଉ ପରେ ପରେ ଥାଇଲ୍ୟାଣ୍ଡ ପଳାଇ ଯାଇଥିଲେ । ପରେ ଏହି ଦୁଇ ଭାଇମାନଙ୍କୁ ଥାଇଲ୍ୟାଣ୍ଡରେ ଅଟକ ରଖାଯାଇ ଭାରତକୁ ଫେରାଇ ଆଣିବା ପ୍ରକ୍ରିୟା ଚାଲିଥିବା ବେଳେ ଦିଲ୍ଲୀ କୋର୍ଟରେ ଆବେଦନ କରିଥିଲେ। ସେମାନେ କୋର୍ଟଠାରୁ ଚାରି ସପ୍ତାହର ଅଗ୍ରୀମ ଜାମିନ୍ ମାଗିଥିଲେ ଯାହା ଦ୍ୱାରା ଦିଲ୍ଲୀ ପହଞ୍ଚିବା ପରେ ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ନାହିଁ । ତେବେ ଅତିରିକ୍ତ ସ୍ୱତନ୍ତ୍ର ବିଚାରପତି ବନ୍ଦନା ଲୁଥରା ବ୍ରଦର୍ସଙ୍କୁ ଝଟକା ଦେଇ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି ।

# କୋଲକାତା ଗଣ୍ଡଗୋଳ : ମୁଖ୍ୟ ଆୟୋଜକ ଗିରଫ

କୋଲକାତା, ୧୪।୧୨ (ମହାଭାରତ): କୋଲକାତାରେ ପହଞ୍ଚିଥିଲେ ବିଶ୍ୱର ଖ୍ୟାତନାମା ଫୁଟବଲ ତାରକା ଆର୍ଜେଣ୍ଟିନାର ଲିଓନେଲ ମେସି। କେତେ ଆଶା ଥିଲା ମେସିଙ୍କୁ ନିଜ ଆଖିରେ ଦେଖିବେ, କାର୍ଯ୍ୟକ୍ରମର ମଜା ଉଠାଇବେ। ସେଥିପାଇଁ କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ପୂରା ଦର୍ଶକରେ ଭରି ରହିଥିଲା। କିନ୍ତୁ ସବୁ କିଛି ବଦଳିଗଲା। ନିଜର ପ୍ରିୟ ଖେଳାଳି ଲିଓନେଲ ମେସି ପଡିଆକୁ ପ୍ରବେଶ କଲେ। ହେଲେ ତାଙ୍କୁ ଠିକରେ ଦେଖି ପାରିଲେନି ଦର୍ଶକ। ତା ପରେ କ୍ରୋଧରେ ଜର୍ଜରିତ ଦର୍ଶକ ଷ୍ଟାଡିୟମରେ ଭଙ୍ଗାରୁଜା କରିଛନ୍ତି। ପୂରା ଷ୍ଟାଡିୟମ ରଣକ୍ଷେତ୍ରରେ ପରିଣତ ହୋଇଛି। ପୋଲିସକୁ ଲାଠିଚାର୍ଜ କରିବାକୁ ପଡିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୁଃଖ ପ୍ରକାଶ କରିବା ସହ ଲିଓନେଲ ମେସିଙ୍କ ସହ ତାଙ୍କର ସମର୍ଥକଙ୍କୁ କ୍ଷମା ମାଗିଛନ୍ତି। ଘଟଣାର ଯାଞ୍ଚ ପାଇଁ ସ୍ୱତନ୍ତ୍ର ତଦନ୍ତ କମିଟି ଗଠନ କରାଯାଇଛି। ଏସବୁ ମଧ୍ୟରେ କାର୍ଯ୍ୟକ୍ରମର ଆୟୋଜକ ସତଦ୍ରୁ ଦତ୍ତଙ୍କୁ ପୋଲିସ ଗିରଫ କରିଛି। ଏହା ସହିତ ପ୍ରଶଂସକଙ୍କୁ ଆଶ୍ୱାସନା ଦିଆଯାଇଛି ଯେ, ସେମାନଙ୍କ ଟିକେଟ୍ ପଇସା ଫେରସ୍ତ କରାଯିବ।

ପଶ୍ଚିମବଙ୍ଗର ଏଡିଜି ଆଇନ ଏବଂ ଶୃଙ୍ଖଳା ଜାଭେଦ ଶାମିମ କହିଛନ୍ତି, ଆମେ ବର୍ତ୍ତମାନ ମାମଲାର ତଦନ୍ତ କରୁଛୁ। କାହିଁକି ଏମିତି ସମସ୍ୟା ଉପୁଜିଲା, ତାର ଯାଞ୍ଚ କରୁଛୁ। ଏଫଆଇଆର ରୁଜୁ କରାଯାଇଛି। ଆମକୁ ଶାନ୍ତି ଫେରାଇ ଆଣିବାକୁ ପଡିବ, ଏବଂ ଆମେ ଏଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ। ଯାତାୟାତ ସ୍ୱାଭାବିକ ଅଛି, ଏବଂ କୌଣସି ଦର୍ଶକ ଆହ ହୋଇ ନାହାନ୍ତି ତ କିମ୍ବା ବଡ଼ ଘଟଣା ଘଟିନାହିଁ। ଲୋକମାନେ ସୁରକ୍ଷିତ ଭାବରେ ଘରକୁ ଫେରୁଛନ୍ତି। ବାହାରେ କୌଣସି ଭଙ୍ଗାରୁଜା ହୋଇନାହିଁ; ସମ୍ପୂର୍ଣ୍ଣ ଘଟଣାଟି ସଲ୍ଟ ଲେକ୍ ଷ୍ଟାଡିୟମରେ ସୀମିତ ଥିଲା।


ସେ ଆହୁରି କହିଛନ୍ତି ଘଟଣାରେ ଦାୟୀ ସମସ୍ତ ଲୋକଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯିବ। ସେମାନଙ୍କ ଉପରେ ସମସ୍ତ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୁଖ୍ୟ ଆୟୋଜକ ସତଦ୍ରୁ ଦତ୍ତଙ୍କୁ ଅଟକ ରଖାଯାଇଛି। ସମସ୍ତ ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗଠିତ ଏକ ବିସ୍ତୃତ କମିଟି ମଧ୍ୟ ଘଟଣା ଉପରେ ସମୀକ୍ଷା କରିବ।ପୋଲିସ ଏହା ମଧ୍ୟ କହିଛି ଯେ ସେଠାରେ ଘଟିଥିବା ଘଟଣା ପାଇଁ ପ୍ରଶଂସକ ବ୍ୟଥିତ। ପ୍ରଶଂସକଙ୍କୁ ହାତ ହଲାଇ ମେସିଙ୍କୁ ଛାଡିବା ଯୋଜନା ନଥିଲା। ସରକାର ଏକ ତଦନ୍ତ କମିଟି ଗଠନ କରିଛନ୍ତି ଏବଂ ଘଟଣାର ତଦନ୍ତ କରୁଛନ୍ତି। ଆୟୋଜକମାନେ ଲିଖିତ ଭାବରେ ଦେଇଛନ୍ତି ଯେ ସେମାନେ ବିକ୍ରି ହୋଇଥିବା ଟିକେଟ୍ ଫେରସ୍ତ କରିବେ। ପରିସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣରେ ଅଛି। କୋଲକାତା ଏକ ଭାବପ୍ରବଣ ସ୍ଥାନ। ପ୍ରଶଂସକମାନେ ଆଶା କରୁଥିଲେ ମେସି କିଛି ସମୟ ଖେଳିବେ। ମୁଖ୍ୟ ଆୟୋଜକଙ୍କୁ ପୂର୍ବରୁ ଗିରଫ କରାଯାଇଛି। ଏହି ଭୁଲ ପରିଚାଳନା ପାଇଁ ଆୟୋଜକମାନେ ଯେପରି ଦଣ୍ଡିତ ହୁଅନ୍ତି ଏବଂ ପ୍ରଶଂସକମାନେ ଟଙ୍କା ଫେରସ୍ତ ପାଆନ୍ତି ସେଥିପାଇଁ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛୁ।

## ନୀତୀନ ନବୀନ ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ

ନୂଆଦିଲ୍ଲୀ ୧୪।୧୨ (ମହାଭାରତ):: ଭାରତୀୟ ଜନତା ପାର୍ଟି (ବିଜେପି)ର ପରବର୍ତ୍ତୀ ଅଧ୍ୟକ୍ଷ କିଏ ହେବ ତାକୁ ନେଇ ଦୀର୍ଘ ସମୟ ଧରି ଚର୍ଚ୍ଚା ଲାଗି ରହିଛ । ଏହା ମଧ୍ୟରେ ରବିବାର ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ନାଁ ଘୋଷଣା କରିଛି । ବିହାର ସରକାରରେ ମନ୍ତ୍ରୀ ରହିଥିବା ନୀତୀନ ନବୀନଙ୍କୁ ପାର୍ଟି ଏହି ଗୁରୁ ଦାୟିତ୍ୱ ଦେଇଛି । ନବୀନ ବର୍ତ୍ତମାନ ବିହାରର ନୀତିଶ କୁମାରଙ୍କ ନେତୃତ୍ୱାଧୀନ ଏନଡିଏ ସରକାରରେ ମନ୍ତ୍ରୀ ଅଛନ୍ତି। ବିହାରର ରାଷ୍ଟ୍ରୀୟ ସାଧାରଣ ସଂପାଦକ ଅରୁଣ ସିଂ ଏହାର ସୂଚନା ଦେଇଛନ୍ତି ।ବିଜେପି ନିଜ ବୟାନରେ କହିଛି ଯେ, ବିଜେପିର ସଂସଦୀୟ ବୋର୍ଡ ନୀତୀନ ନବୀନଙ୍କୁ ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ପଦରେ ନିଯୁକ୍ତ କରାଯାଇଛି । ଏହି ନିଯୁକ୍ତି ତତ୍କାଳ ପ୍ରଭାବରୁ ଲାଗୁ ହେବ । ଏହା ପୂର୍ବରୁ ଆଜି ଉତ୍ତର ପ୍ରଦେଶ ବିଜେପି ସଭାପତିଙ୍କ ନାଁ ଘୋଷଣା କରାଯାଇଥିଲା ।

# ନୂଆ ଟାଉନସିପ୍ ଗିଳିବ ୪୦୦ ଏକର ଜଙ୍ଗଲ

ଭୁବନେଶ୍ୱର, ୧୪।୧୨ (ମହାଭାରତ): ଚନ୍ଦକା ଅଭୟାରଣ୍ୟ ନିକଟରେ ପ୍ରସ୍ତାବିତ ଟାଉନସିପ୍ ଗିଳିବ ପ୍ରାୟ ୪୦୦ ଏକର ଜଙ୍ଗଲ । ୮୦୦ ଏକରରେ ହେବାକୁ ଥିବା ଏହି ଟାଉନସିପ୍‌ର ଚିହ୍ନଟ ଜମିର ଅଧାରୁ ଅଧିକ ଜମିରେ ରହିଛି ଜଙ୍ଗଲ । ସେଥିରେ ରହିଛି ଏକ ବଡ ଶାଳ ଜଙ୍ଗଲ, ୨୦ରୁ ଅଧିକ ଆମ୍ବ, ପଣସ ତୋଟା ଏବଂ ବିସ୍ତୀର୍ଣ୍ଣ ଝାଡ ଜଙ୍ଗଲ । ହରିଣ, ବାରହା, ମୟୂର, କ୍ଷୁଦ୍ର ଝରଣା ସହିତ କିଛି ପରିମାଣର ସନ୍ତସନ୍ତିଆ ଅଞ୍ଚଳ ରହିଛି । ଆବହମାନ କାଳରୁ ଏହିପଟେ ହାତୀମାନେ ଭରତପୁର ଜଙ୍ଗଲକୁ ଯିବା ଆସିବା କରନ୍ତି।ଗୋଠପାଟଣା ରାଜସ୍ୱ ଗ୍ରାମରେ ୨୬ ଏକରରେ ରହିଛି ଆମ୍ବ ଓ କାଜୁ ଜଙ୍ଗଲ । ୨୧ ଏକର ପରିମିତ ୨ଟି ଗ୍ରାମ୍ୟ ଜଙ୍ଗଲ । ବାକି ୭୬ ଏକର ଜଙ୍ଗଲ କିସମର ଜମି । ସେହିଭଳି ପ୍ରାୟ ୧୫୦ ଏକର ପତିତ ଜମିରେ ମଧ୍ୟ ଜଙ୍ଗଲ ଭର୍ତ୍ତି




ହେଟା, ବିଲୁଆ, ଅଜଗର ସାପ ଭଳି ବିଭିନ୍ନ ପ୍ରଜାତିର ବନ୍ୟଜୀବଙ୍କ ବାସସ୍ଥଳୀ । ହାତୀଙ୍କ ଚଳାପଥ ଭାବେ ଏହି ଅଞ୍ଚଳ ଭରତପୁର ଜଙ୍ଗଲ ସହିତ ଯୋଡୁଛି । ସହର ଠିଆ ହେଲେ ପରିବେଶ କ୍ଷେତ୍ରରେ ବିପର୍ଯ୍ୟୟ ସୃଷ୍ଟି ହେବ ବୋଲି ପରିବେଶବିତମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ତମାଣ୍ଡୋ, ନାରଗୋଦା ଅଞ୍ଚଳରେ ଟାଉନସିପ୍ କାମ ଚାଲିଛି। ସରିବାକୁ କେତେ ବର୍ଷ ଲାଗିବ ତାହା ଜଣାନାହିଁ । ପରିବେଶ ଜନିତ କ୍ଷୟକ୍ଷତିର ଭରଣା ହୋଇନାହିଁ । ଏହାରି ଭିତରେ ଆଉ ଏକ ସବୁଜିମା ଉପରେ ଦୃଷ୍ଟି ପକାଇଛି ବିକାଶ । ରାଜଧାନୀ ଉପକଣ୍ଠ ଦାସପୁର, ଗୋଠପାଟଣା ଓ ମଳିପଡା ରାଜସ୍ୱ ଗ୍ରାମର ୮୦୦ ଏକର ଜମି ଉପରେ ଠିଆ ହେବ ଟାଉନସିପ୍ । ଏହି ୩ଟି ରାଜସ୍ୱ ଗ୍ରାମ ସହର ପାଲଟିଲେ ବିପୁଳ ପରିମାଣର ଜଙ୍ଗଲ ନଷ୍ଟ ହେବ । ଏହାଦ୍ୱାରା ପ୍ରଦୂଷିତ ରାଜଧାନୀର ଆଗତ ଭବିଷ୍ୟତ କ'ଣ ହେବ ତାହା ଆଲୋଚନା ପ୍ରସଙ୍ଗ ପାଲଟିଛି । ଦାସପୁର ରାଜସ୍ୱ ଗ୍ରାମରେ ରହିଛି ୧୮୮ ଏକର ଜଙ୍ଗଲ ଜମି । ସେଥିରୁ ୪୯ ଏକରରେ ପ୍ରାୟ ୧୦ ହଜାର ହେବ ବଡ ବଡ ଶାଳ ଗଛ । ପାଖରେ ଦାସପୁର ମୁଣ୍ଡିଆ । ସେଥିରେ ୪୬ ଏକରରେ ଝାଡ ଜଙ୍ଗଲ । ପାହାଡ ଉପତ୍ୟକାରେ ୯୩ ଏକର ପରିମିତ ଜଙ୍ଗଲ । ପତିତ କିସମ ଜମିରେ ମଧ୍ୟ ଭର୍ତ୍ତି ହୋଇଛି ବିଭିନ୍ନ ପ୍ରଜାତିର ଗଛ, ୬ଟି ତୋଟାରେ ଅନେକ ଆମ୍ବ, ପଣସ ଦ୍ରୁମ । ଏହାବାଦ୍ ଗୋଟିଏ ହୋଇ ରହିଛି । ମଳିପଡାରେ ୧୦ଟି ଆମ୍ବ ଓ ପଣସ ତୋଟା । ପ୍ରାୟ ୮ ଏକର ପରିମିତ ଅଂଚଳରେ ରହିଛି ଏହି ତୋଟା । ସେହିଭଳି ଗ୍ରାମ୍ୟ ଜଙ୍ଗଲ ଓ ପ୍ରାୟ ୧୬୦ ଏକର ପତିତ ଜମିରେ ବାଉଁଶ ଓ ବିଭିନ୍ନ ପ୍ରଜାତିର ଗଛ ରହିଛି । ସବୁଜିମା ଉପରେ ବିକାଶର ଏହି ଆକ୍ରମଣକୁ ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ବରିଷ୍ଠ ପରିବେଶ ବୈଜ୍ଞାନିକ ପ୍ରମୋଦ କୁମାର ପଣ୍ଡା କହିଛନ୍ତି, କଂକ୍ରିଟ୍ର ବିକିରଣ ଯୋଗୁ ରାଜଧାନୀର ଉତ୍ତାପ ଦିନକୁ ଦିନ ବଢ଼ିଚାଲିଛି । ବାୟୁ ପ୍ରଦୂଷଣ, ଉତ୍ତାପ ପ୍ରତିରୋଧ ଓ ଜଳ ସଂରକ୍ଷଣ ପାଇଁ ପ୍ରାକୃତିକ ବୃକ୍ଷରାଜି ଏକାନ୍ତ ଅପରିହାର୍ଯ୍ୟ । ଜଙ୍ଗଲ ନଷ୍ଟ କରି ସେଠି ସହର ଗିଉଠିଲେ ରାଜଧାନୀର ପରିବେଶ ସନ୍ତୁଳନ ଆହୁରି ବିଗିଡିବ । ଖୋର୍ଦ୍ଧା ନିକଟରେ ବୃକ୍ଷ ନଥିବା ବିସ୍ତୀର୍ଣ୍ଣ ଜମି ପଡିରହିଛି । ଟାଉନସିପ୍ ସେଠି କଲେ ଏହି ପ୍ରାକୃତିକ ପରିବେଶଟି ବଞ୍ଚିଯାଆନ୍ତା । ପ୍ରସ୍ତାବିତ ଟାଉନସିପ୍ରେ ବିପୁଳ ପରିମାଣର ଜଙ୍ଗଲ ଜମି ଥିବା କଥାକୁ ସ୍ୱୀକାର କରିଛନ୍ତି ବନବିଭାଗ ଚନ୍ଦକା ବନଖଣ୍ଡର ଡିଏଫ୍‌ଓ ବିନୋଦ ଆଚାର୍ଯ୍ୟ । ସେ କହିଛନ୍ତି, ଜଙ୍ଗଲ ଜମି ସଂରକ୍ଷଣ ପାଇଁ ସରକାରଙ୍କ ସହିତ ଆଲୋଚନା ହୋଇଛି । ବଡ ବଡ ଗଛ ଥିବା ଜଙ୍ଗଲ ଜମିକୁ ସଂରକ୍ଷଣ କରି ତାହାକୁ ପାର୍କରେ ପରିଣତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ତେବେ ଜଙ୍ଗଲରେ ଥିବା ବନ୍ୟଜନ୍ତୁଙ୍କ ଭାଗ୍ୟ କ'ଣ ହେବ ଏହି ପ୍ରଶ୍ନକୁ ସେ ଏଡାଇ ଯାଇଥିଲେ ।

# ଦିଲ୍ଲୀରେ କଂଗ୍ରେସର ମହାରାଲି

ନୂଆଦିଲ୍ଲୀ, ୧୪।୧୨ (ମହାଭାରତ):: ରାଜଧାନୀ ଦିଲ୍ଲୀରେ କଂଗ୍ରେସର ରଣହୁଙ୍କାର ରାମଲୀଳା ମୈଦାନରେ ବିଶାଳ ରାଲି କରିଛି କଂଗ୍ରେସ। ଏଥିରେ ଶହ ନେତାକର୍ମୀ ସାମିଲ ହୋଇଛନ୍ତି । କଂଗ୍ରେସ ନେତା ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ସାମିଲ ହୋଇଛନ୍ତି। ସ୍ୱତନ୍ତ୍ର ଭୋଟ ସଂଶୋଧନ ଓ ଭୋଟ ଚୋରି ପ୍ରସଙ୍ଗରେ କଂଗ୍ରେସର ଏହି ମହାରାଲି ଆୟୋଜିତ ହୋଇଛି। ସରକାର ଏବଂ ନିର୍ବାଚନ କମିଶନଙ୍କ ଏକାଠି ହୋଇଥିବାର ଅଭିଯୋଗ ଆଣି ଆନ୍ଦୋଳନକୁ ଓହ୍ଲାଇଛି କଂଗ୍ରେସ। ୫୫ ଲକ୍ଷ ହସ୍ତଖତ ହୋଇଥିବା ଏକ ସ୍ମାରକୀପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରିବେ। ଏହି ଆନ୍ଦୋଳନ ଗଣତନ୍ତ୍ର ଏବଂ ନିରପେକ୍ଷ ନିର୍ବାଚନକୁ ସୁରକ୍ଷା ଦେବା ପାଇଁ ହୋଇଥିବା କହିଛନ୍ତି କଂଗ୍ରେସ ମହାସଚିବ କେ.ସି ବେଣୁଗୋପାଳ ।

ରାଲିକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି, ସଂସଦରେ ଉତ୍ତର ଦେବା କଥା, କିନ୍ତୁ ସେମାନେ (ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ) ଆମର ପ୍ରଶ୍ନର ଉତ୍ତର ଦେଇ ନଥିଲେ। ସେମାନେ ନିଜ ମନରୁ ଉତ୍ତର ଦେଇଥିଲେ। ସେମାନେ ସଂସଦରେ ଭୁଲ ସୂଚନା ଦେଇଥିଲେ । ଆମେ ପଚାରିଥିଲୁ ଯେ, କିପରି ଏବଂ କେଉଁ ଉପାୟରେ ଭୋଟ ଚୋରି ହୋଇଛି, ଏବଂ ରାହୁଲ ଗାନ୍ଧୀ ପ୍ରମାଣ ସହିତ ଏହା ବିଷୟରେ କହିଥିଲେ। ଆମେ ଲୋକଙ୍କୁ କହିବାକୁ ଚାହୁଁଛୁ ଯେ ମହାରାଷ୍ଟ୍ର ଏବଂ ହରିୟାଣାରେ କ୍ଷମତାରେ ଥିବା ସରକାର ଭୋଟ ଚୋରି କରି କ୍ଷମତାକୁ ଆସିଛନ୍ତି । ଆଜି କ୍ଷମତାରେ ବସିଥିବା ।ଲୋକମାନେ ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇ ନାହାଁନ୍ତି ।ଲୋକସଭାରେ ବିରୋଧି ଦଳ ନେତା ଏବଂ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ସରକାରଙ୍କୁ ଉଖାଡ଼ି ଫୋପାଡ଼ିବା ଦାବି କରି କହିଛନ୍ତି ଯେ ଦେଶରେ ଦୁଇ ବିଚାରଧାରାର ଲଢ଼େଇ ଚାଲୁ ରହିଛି, ଯେଉଁଥିରେ ଏକ ବିଚାରଧାରା ସରକାର ପାଇଁ କିଛି ବି କରିପାରେ, ଯେତେବେଳେ ଦ୍ୱିତୀୟ ସତ୍ୟ ବିଚାରଧାରା, ଯାହା ଜନତାଙ୍କର। କଂଗ୍ରେସ ଗାନ୍ଧୀଜୀଙ୍କ ସତ୍ୟର ବିଚାରଧାରା ରାସ୍ତାରେ ଚାଲି ସରକାରଙ୍କୁ ହଟାଇବ।



ସ୍ୱତନ୍ତ୍ର ଭୋଟ ସଂଶୋଧନ ଓ ଭୋଟ ଚୋରି ବିରୋଧରେ କଂଗ୍ରେସର ମହାରାଲିକୁ ନେଇ ମୁହଁ ଖୋଲିଛି ଭାରତୀୟ ଜନତା ପାର୍ଟି ବିଜେପି ତାର ଏକ୍ସରେ ଏକ ପୋଷ୍ଟ କରି କହିଛି, ''ତୁମେ ଅନୁପ୍ରବେଶକାରୀଙ୍କ ସେବାରେ ଲାଗି ରୁହ, ଆମେ ଦେଶର ଜନତାଙ୍କ ସେବା କରିବୁ '' ଏହା ସହିତ ଦଳର ପ୍ରବକ୍ତା ଅମିତ ମାଲବିୟ କହିଛନ୍ତି, ରାହୁଲ ଗାନ୍ଧୀ ଯେବେ ବି ନିର୍ବାଚନ ପରିଣାମ ନିଜ ସପକ୍ଷରେ ନେଇ ପାରନ୍ତି ନାହିଁ ସେବେ ଇଭିଏମ୍ ଉପରେ ପ୍ରଶ୍ନ ଉଠାନ୍ତି ଏବଂ ଭୋଟ ଚୋରି ଅଭିଯୋଗ ଲଗାନ୍ତି ହେଲେ ବିଜୟ ମିଳିଲେ ସେହି ପ୍ରକ୍ରିୟାକୁ ସ୍ୱୀକାର କରିନିଅନ୍ତି।

## ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।


ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



..... ପରଦା ଖବର ......

# ଧୁରନ୍ଧର ଫିଲ୍ମର ପ୍ରକୃତ କାହାଣୀ

'ଧୁରନ୍ଧର'ର ଟ୍ରେଲର ହିଁ ଫିଲ୍ମଟି ଆକର୍ଷଣୀୟ ବୋଲି ସୂଚାଇ ଦେଇଥିଲା ।ଏଥିରେ ଅକ୍ଷୟ ଖାନ୍ନା, ଅର୍ଜୁନ୍ ରାମପାଲ ଏବଂ ସଞ୍ଜୟ ଦତ୍ତଙ୍କୁ ଏକ ଭୟଙ୍କର ଚରିତ୍ରରେ ଅଭିନୟ କରୁଥିବାର ଦେଖିବାକୁ ମଳିଛି ।ଏଥିରେ ରଣବୀରଙ୍କୁ ମଧ ଦେଖିବାକୁ ମିଳିଛି । ହେଲେ ତାଙ୍କ ଚରିତ୍ର ସମ୍ପର୍କରେ ଅଧିକ କିଛି ପ୍ରକାଶ କରାଯାଇନଥିଲା । ଟ୍ରେଲର ଆସିବା ପରେ ସମସ୍ତଙ୍କ ମନରେ ଫିଲ୍ମ ପାଇଁ ଅଧିକ ଆଗ୍ରହ ଦେଖିବାକୁ ମିଳିଥିଲା ।ଏହି ଫିଲ୍ମଟି ଏକ ଗୁପ୍ତଚର କାହାଣୀ ଉପରେ ଆଧାରିତ । କିନ୍ତୁ ଏହାର ମୂଳ କାହାଣୀ ପାକିସ୍ତାନର କରାଚି ସ୍ଥିତ 'ଲିଆରି' ଅଞ୍ଚଳର ବାସ୍ତବ ଗ୍ୟାଙ୍ଗ୍ ୱାର୍ ଉପରେ ପର୍ଯ୍ୟବସିତ । ଏହି ଫିଲ୍ମର ପ୍ରଥମ ଭାଗରେ ଭାରତ ବିରୋଧରେ ଆତଙ୍କବାଦୀ ଷଡ଼ଯନ୍ତ୍ରର




ପର୍ଦ୍ଦାଫାସ ହୋଇଛି । ବିମାନ ଅପହରଣ ଏବଂ ସଂସଦ ଆକ୍ରମଣ ପରେ, ଆଇବି ମୁଖ୍ୟ ଅଜୟ ସାନ୍ୟାଲ ପାକିସ୍ତାନୀ ଆତଙ୍କବାଦକୁ ମୂଳପୋଛ କରିବା ପାଇଁ ଏକ ମହତ୍ୱାକାଂକ୍ଷୀ ଯୋଜନା ପ୍ରସ୍ତୁତ କରିଛନ୍ତି । ତେଣୁ ଏହି ପ୍ଲାନର ନାମ ଧୁରନ୍ଧର ରଖାଯାଇଛି । ଯାହାର ଉଦ୍ଦେଶ୍ୟ ହେଉଛି ପାକିସ୍ତାନର ଆତଙ୍କବାଦୀକୁ ଭିତରୁ ଦୁର୍ବଳ କରିବା । ଏଥିପାଇଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ହେଉଛି ହମଜା ଅଲି ମଜାରୀ ଅର୍ଥା (ରଣବୀର ସିଂ) ।ଲିଆରି କରାଚିର ଏକ ପୁରୁଣା ଅଞ୍ଚଳ, ଯାହା ଦିନେ ଫୁଟବଲ୍ ପାଇଁ ପ୍ରସିଦ୍ଧ ଥିଲା । କିନ୍ତୁ ୨୦୦୦ ଦଶକରେ ରାଜନୈତିକ ଛତ୍ରଛାୟା, ଡ୍ରଗ୍ସ କାରବାର ଏବଂ ଗ୍ୟାଙ୍ଗ୍ ଲଢେଇ ଯୋଗୁଁ ଏହା ଏକ ରଣକ୍ଷେତ୍ର ପାଲଟି ଯାଇଥିଲା । ଏହି ସ୍ଥାନ ପୋଲିସ ପାଇଁ ମଧ ଏକ ନୋ-ଗୋ ଜୋନ୍ ଥିଲା । ରେହମାନ ଡକାୟତ ଯିଏ ଲିଆରିର ସବୁଠାରୁ ବଡ଼ ଡନ୍ ଥିଲା । ସେ 'ପିପୁଲ୍ସ ଅମନ କମିଟି' ଗଠନ କରି ପୁରା ଅଞ୍ଚଳକୁ ନିଜ ନିୟନ୍ତ୍ରଣରେ ରଖିଥିଲା। ସ୍ଥାନୀୟ ଗରିବ ଲୋକଙ୍କୁ ସାହାଯ୍ୟ କରୁଥିବାରୁ କିଛି ଲୋକ ତାକୁ 'ରବିନ୍ ହୁଡ୍' ଭାବୁଥିଲେ । ୨୦୦୯ରେ ପୋଲିସ ଏନକାଉଣ୍ଟରରେ ସେ ନିହତ ହୋଇଥିଲା । ଉଜୈର ବାଲୋଚ ରେହମାନର ମୃତ୍ୟୁ ପରେ ତା'ର ସମ୍ପର୍କୀୟ ଭାଇ ଉଜୈର ଗ୍ୟାଙ୍ଗର ମୁଖିଆ ହୋଇଥିଲା । ସେ ଅତ୍ୟନ୍ତ ନିଷ୍ଠୁର ଥିଲା ଏବଂ ପ୍ରାୟ ୨୦୦ ଲୋକଙ୍କୁ ହତ୍ୟା କରିଥିବା ଅଭିଯୋଗ ରହିଛି ।

## କ'ଣ ପାଇଁ ଗଣପତିଙ୍କର ନାମ ସିଦ୍ଧି ବିନାୟକ

ଗଣେଶ ଚତୁର୍ଥୀ, ବିକ୍ରମ ସଂବତର ଭାଦ୍ରବ ଶୁକ୍ଳ ଚତୁର୍ଥୀରେ ପାଳନ କରାଯାଏ । ଏହି ଶୁଭଦିନକୁ ହିନ୍ଦୁଧର୍ମରେ ଗଣେଶଙ୍କ ଜନ୍ମ ଦିନ ଭାବେ ପାଳନ କରାଯାଏ। ଏହି ପର୍ବ ଦଶଦିନ ଧରି ଚାଲେ ଓ ଅନନ୍ତ ଚତୁର୍ଦ୍ଦଶୀରେ ସମାପ୍ତ ହେଇଥାଏ । ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ ଦିନ ବିନାୟକ ବ୍ରତ ପାଳିତ ହୁଏ । ବିନାୟକ ବ୍ରତକଥାରେ ଉଲ୍ଲେଖ ରହିଛି ଯେ ଏହି ବ୍ରତର ମାହାତ୍ମ୍ୟ ସ୍କନ୍ଧ ପୁରାଣରେ ବର୍ଣିତ। ଗୋମତୀ ନଦୀ କୂଳରେ ସୂତ ମୁନି ଅନ୍ୟ ଋଷିମାନଙ୍କର ଜିଜ୍ଞାସାକୁ ପ୍ରଶମନ କରି ବିନାୟକ ବ୍ରତ ପାଳନ କଲେ ମନୁଷ୍ୟମାନେ କାର୍ଯ୍ୟସିଦ୍ଧି, ଅର୍ଥପ୍ରାପ୍ତି, ସୁତ-ସୌଭାଗ୍ୟ-ସଂପଦ ଲାଭ କରି ପାରିବେ ବୋଲି ବୟାନ କରିଛନ୍ତି। ଏହି ବ୍ରତର ବିଧିବିଧାନ ସ୍ୱୟଂ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଛନ୍ତି । ଏହି ବ୍ରତ ପାଳନ କରି ଯୁଧିଷ୍ଠିର ରାଜ୍ୟ ଫେରି ପାଇଥିଲେ। ସେଥିପାଇଁ



ଗଣପତିଙ୍କର ନାମ ସିଦ୍ଧି ବିନାୟକ ।ସମସ୍ତେ ଜାଣନ୍ତି ଯେ ଭଗବାନ ଗଣେଶଙ୍କ ବାହନ ମୂଷା। ହେଲେ ମୂଷା କେମିତି ଗଣେଶଙ୍କ ବାହନ ହେଲେ ସେ ବିଷୟରେ ଖୁବ୍ କମ୍ ଲୋକ ଜାଣିଥିବେ। ଗଣେଶ ଓ ମୂଷାର ସମ୍ପର୍କ ନେଇ ବିଭିନ୍ନ ପ୍ରକାର କାହାଣୀ ରହିଛି । ସେହି ମଧ୍ୟରୁ ଆଜି ଆମେ ଆପଣଙ୍କୁ ଗୋଟିଏ କାହାଣୀ କହିବୁ ଯେଉଁଥିରୁ ଆପଣ ଜାଣି ପାରିବେ ଯେ ମୂଷା କେମିତି ଗଣେଶଙ୍କ ବାହନ ହେଲା। ପୁରାଣ ଅନୁସାରେ ଗଜମୁଖାସୁର ନାମକ ଏକ ରାକ୍ଷସ ସଙ୍ଗେ ଗଜାନନଙ୍କ ଯୁଦ୍ଧ ହୋଇଥିଲା । ହେଲେ ରାକ୍ଷସ ଦେବତାଙ୍କଠୁ ବର ପ୍ରାପ୍ତ କରିଥିଲା ଯେ କୌଣସି ଅସ୍ତ୍ରରେ ତା'ର ମୃତ୍ୟୁ ହେବ ନାହିଁ। ଯୁଦ୍ଧରେ ଗଣେଶ ଯେତେ ପ୍ରକାର ଚେଷ୍ଟା କରିଥିଲେ ବି ରାକ୍ଷସଙ୍କୁ ପରାଜିତ କରିପାରିନଥିଲେ । ଶେଷରେ ବୁଦ୍ଧି ଲଗାଇ ନିଜ ଦାନ୍ତରେ ରାକ୍ଷସକୁ ନିହତ କରିବାକୁ ଉଦ୍ୟମ କଲେ। ଏଥିରେ ରାକ୍ଷସ ଭୟଭୀତ ହୋଇ ମୂଷା ରୂପ ଧାରଣ କରିନେଇଥିଲା । ଦୌଡ଼ିବାକୁ ଚେଷ୍ଟା କରିଥିଲା । ହେଲେ ଗଣେଶ ରାକ୍ଷସକୁ ଧରିବାରେ ସକ୍ଷମ ହୋଇଥିଲେ। ତାକୁ ବାନ୍ଧି ଦେଇଥିଲେ। ତା'ପରେ ରାକ୍ଷସ ଭଗବାନ ଗଣେଶଙ୍କୁ କ୍ଷମା ମାଗିଥିଲା। ସେତେବେଳେ ଗଣେଶ ତାକୁ ନିଜ ବାହାନ କରି ତାକୁ ଜୀବନ ଦାନ ଦେଇଥିଲେ।

# ଜାଣନ୍ତୁ ଲବଙ୍ଗ ଏବଂ ସେଓ ଖାଇବାର ଫାଇଦା

ସେଓ ଖାଇବାର ଅନେକ ଲାଭକାରୀ ଗୁଣ ରହିଛି । କିନ୍ତୁ ଆପଣ ସେଓ ସହିତ କେବେ ଲବଙ୍ଗ ମିଶାଇ ଖାଇଛନ୍ତି କି ? ଯଦି କେହି ଖାଇନାହାଁନ୍ତି ତେବେ ଥରେ ନିଶ୍ଚିନ୍ତ ଖାଇବାକୁ ଚେଷ୍ଟା କରନ୍ତୁ । ଯାହା ଶରୀର ପାଇଁ ଲାଭଦାୟକ ହୋଇଥିବା ସହ ମାଇଗ୍ରେନ ଆକ୍ରମଣରୁ ରକ୍ଷା କରିଥାଏ ।ମାଇଗ୍ରେନର ଯନ୍ତ୍ରଣା ବହୁତ ତୀବ୍ର ହୋଇଥାଏ । ଯେଉଁ କାରଣରୁ କିଛି ଲୋକଙ୍କର ବାନ୍ତି ମଧ ହୋଇଯାଏ ।ଯନ୍ତ୍ରଣା ହେତୁ ମୁଣ୍ଡ ବିନ୍ଧା ପ୍ରବଳ ହୋଇଥାଏ । ଏପରି ପରିସ୍ଥିତିରେ ବିନା ଔଷଧରେ ଏଥିରୁ ଆରାମ ମିଳି ନଥାଏ । ଯଦି ଆପଣ ମାଇଗ୍ରେନ୍ ରୋଗରେ ଆକ୍ରାନ୍ତ, ତେବେ ଆପଣଙ୍କୁ ସେଓ ଖାଇବାର ଉପାୟ ବଦଳାଇବା ଆବଶ୍ୟକ । ଲବଙ୍ଗ ସହିତ ସେଓ ଖାଇବା ଦ୍ୱାରା ମାଇଗ୍ରେନ୍ ଆକ୍ରମଣରୁ ରକ୍ଷା ମିଳିଥାଏ ଯ କେବଳ ଏତିକି ନୁହେଁ,




ଏହା ଶ୍ୱାସକ୍ରିୟା ସମସ୍ୟାକୁ ମଧ୍ୟ ଦୂର କରିଥାଏ ।ସେଓ ସହିତ ଲବଙ୍ଗ ଖାଇବା ଦ୍ୱାରା ଆପଣଙ୍କୁ ଅନେକ ଆଶ୍ଚର୍ଯ୍ୟଜନକ ଲାଭ ମିଳିବ । ତେବେ ଏହାକୁ ଖାଇବାର ସଠିକ୍ ଉପାୟ କ'ଣ ଜାଣନ୍ତୁ ।ଡାକ୍ତର କହିଛନ୍ତି ଯେ, ଯେଉଁମାନଙ୍କର ମାଇଗ୍ରେନ୍ ଏବଂ ପେଟ ସମସ୍ୟା ଅଛି, ସେମାନେ କ'ଣ କରିବା ଉଚିତ । ଗୋଟିଏ ସେଓ ନିଅନ୍ତୁ ଏବଂ ଏହାକୁ ଧୋଇ ଦିଅନ୍ତୁ । ଏବେ ଏକ ଟୁଥପିକ୍ ସାହାଯ୍ୟରେ ସେଓରେ ୫ଟି ଛୋଟ ଗାତ କରନ୍ତୁ । ଏବେ ସେଓରେ କରିଥିବା ଗାତରେ ଲବଙ୍ଗ ଭର୍ତ୍ତି କରନ୍ତୁ ।ରାତିସାରା ସେଓକୁ ଏହିପରି ଭାବେ ଛାଡି ଦିଅନ୍ତୁ। ସକାଳେ ସେଓରୁ ଲବଙ୍ଗ ବାହାର କରି ଏହାକୁ ନ କାଟି ଚୋବାଇ ଖାଆନ୍ତୁ । ଯଦି ଆପଣ ୧୫ ଦିନ ପର୍ଯ୍ୟନ୍ତ ଏପରି ସେଓ ଖାଆନ୍ତି ତେବେ ଆପଣଙ୍କୁ ଆଶ୍ଚର୍ଯ୍ୟଜନକ ଲାଭ ମିଳିବ। ଏହା ଶ୍ୱାସକ୍ରିୟା, ମାଇଗ୍ରେନ୍ ଆକ୍ରମଣ ଏବଂ ସାଧାରଣ ମୁଣ୍ଡବିନ୍ଧା ସମସ୍ୟାରୁ ଦୂର କରିବୟ ତେବେ ଏହାର ଫାଇଦା ସମ୍ପର୍କରେ ଆସନ୍ତୁ ଜାଣିବା ।ପ୍ରତିଦିନ ଗୋଟିଏ ସେଓ ଖାଇବା ଦ୍ୱାରା ଅନେକ ରୋଗରୁ ମୁକ୍ତି ମିଳିଥାଏ । ଯାହା ଶରୀର ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ସେଓକୁ ଆମ ହାର୍ଟ ପାଇଁ ଭଲ ବୋଲି ବିବେଚନା କରାଯାଏ । ଏହା ସହିତ ପାଚନ କ୍ରିୟାକୁ ଉତ୍ତତ କରିବାରେ ମଧ ଏହା ସାହାଯ୍ୟ କରେ ।ସେଓ ଲିଭର ପାଇଁ ବେଷ୍ଟ ହୋଇଥାଏ । ଯାହା ଲିଭରରେ ଜମାଟ ବାନ୍ଧୁଥିବା ଚର୍ବିକୁ ରୋକିପାରେ। ଏହା ବ୍ୟତୀତ ଏହା କିଡନୀ କାର୍ଯ୍ୟରେ ସାହାଯ୍ୟ କରିବା ସହିତ ମସ୍ତିଷ୍କକୁ ଆଲଜାଇମର ଭଳି ରୋଗରୁ ରକ୍ଷା କରିଥାଏ ।ଉଜ୍ଜ୍ୱଳ ତ୍ୱଚା ପାଇଁ ସେଓ ଫଳପ୍ରଦ ହୋଇଥାଏ ।ସେଓ ଭିଟାମିନ୍ ସି, ଭିଟାମିନ୍ ଏ, ଆଣ୍ଟିଅକ୍ସିଡା□ ଏବଂ ଫାଇବରରେ ଭରପୂର । ସେହିପରି ଲବଙ୍ଗରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଛି। ଯାହା ଦାନ୍ତ ଯନ୍ତ୍ରଣାରୁ ମୁକ୍ତି ଦେବାରେ ପ୍ରଭାବଶାଳୀ ହୋଇଥାଏ ।ଲବଙ୍ଗ ଖାଇବା ଦ୍ୱାରା ପେଟ ଯନ୍ତ୍ରଣା, ଗ୍ୟାସ୍, ଫୁଲା ଏବଂ ବଦହଜମୀକୁ ହ୍ରାସ କରିଥାଏ । ଏଥିରେ ୟୁଜେନୋଲ୍ ଏବଂ ଫ୍ଲାଭୋନଏଡ୍ ଉପାଦାନ ଥାଏ ଯାହା ଶରୀରରେ ପ୍ରଦାହକୁ ମଧ କମ୍ କରିଥାଏ ।ଲବଙ୍ଗ କାଶ, ଆଜ୍ମା ଏବଂ ବ୍ରୋଙ୍କାଇଟିସ୍ ଭଳି ସମସ୍ୟାକୁ ଚୁଟିକିରେ ଗାଏବ କରିଦେଇଥାଏ ।ଯାହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାରେ ବଡ଼ ଭୂମିକା ନିର୍ବାହ କରେ ।ତେଣୁ କେବଳ ସେଓ ନଖାଇ ସେଥିରେ ଲବଙ୍ଗ ମିଶାଇ ଖାଆନ୍ତୁ । ଯାହା ଆପଣଙ୍କୁ ଅନେକ ସ୍ୱାସ୍ଥ୍ୟଜନିତ ଫାଇଦା ଦେବ ।

# ମା' ସମଲେଶ୍ୱରୀଙ୍କ ରହସ୍ୟ



ଜଗତଜନନୀ ମା' ସମଲେଶ୍ୱରୀଙ୍କ କେବଳ ପଶ୍ଚିମ ଓଡ଼ିଶାର ନୁହଁ ସାରା ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ । ସମ୍ବଲପୁରର ମହାନଦୀ କୂଳେ ମା' ସମଲେଶ୍ୱରୀ ପୂଜା ପାଉଛନ୍ତି । ମା'ଙ୍କ ନାମ ଅନୁସାରେ ସହରର ନାମ ସମ୍ବଲପୁର ହୋଇଛି । ମା' ସମଲେଶ୍ୱରୀଙ୍କ ପ୍ରଥମ ପୂଜା ବିନା ସହରର କୌଣସି ଶୁଭ କାର୍ଯ୍ୟ ଆରମ୍ଭ ହୋଇନଥାଏ । ମା' ଙ୍କ ଦର୍ଶନ କରିବା ପାଇଁ ରାଜ୍ୟ ତଥା ତାଜ୍ୟ ବାହାରୁ ହଜାର ହଜାର ଭକ୍ତ ଏଠାକୁ ଆସିଥାନ୍ତି ଫଏହି ପୀଠରେ ମା' ସମଲେଶ୍ୱରୀଙ୍କ ୩ ଟି ମୁଖ୍ୟ ପର୍ବ ପାଳନ କରାଯାଇଥାଏ। ଗୋଟିଏ ହେଉଛି ନୂଆଖାଇ , ଆଉ ଦୁଇଟି ହେଉଛି ମା' ଙ୍କ ନବରାତ୍ରୀ ପୂଜା ଫ ନୂଆଖାଇ ଦିନ ପ୍ରଥମ ଅନ୍ନ ସମର୍ପଣ କରିବା ପରେ ହିଁ ପଶ୍ଚିମ ଓଡ଼ିଶାର ସମସ୍ତେ ନୂଆ ଖାଇଥାନ୍ତି। ଏହିଠାରେ କରାଯାଉଥିବା ପ୍ରଥମ ନବରାତ୍ରୀ ଯାହା ମାର୍ଚ୍ଚ- ଏପ୍ରିଲ ମାସରେ ଓ ଅନ୍ୟଟି ସେପ୍ଟମ୍ବର ଓ ଅକ୍ଟୋବର ମାସରେ ପାଳନ



କରାଯାଇଥାଏ। ନବରାତ୍ରୀରେ ନଅ ଦିନ ଯାକ ଲଗାତର ଭାବେ ମା' ସମଲେଶ୍ୱରୀ ପୂଜା ପାଇ ଥାନ୍ତି । କିମ୍ବଦନ୍ତୀ ଅନୁସାରେ ବହୁ ପ୍ରକାର କଥା ଶୁଣିବାକୁ ମିଳିଥାଏ । ତନ୍ମଧ୍ୟରୁ ଗୋଟିଏ ହେଉଛି ସେତେବେଳର ସମ୍ବଲପୁର ରାଜା ଦିନେ ଶିକାର କରିବାକୁ ବାହାରିଥିଲେ। ସେହି ସମୟରେ ରାଜା ଏକ ଅଦ୍ଭୁଦ ଘଟଣା ଦେଖିବାକୁ ପାଇଥିଲେ ।ରାଜାଙ୍କ କୁକୁର ପଛରେ ଏକ ଠେକୁଆ ଗୋଡ଼ାଇଥିଲା ।ରାଜା ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଯେ ଗୋଟିଏ ଠେକୁଆ କିପରି କୁକୁର ପଛରେ ଗୋଡ଼ାଉଅଛି । ସେ ଏହା ଭାବି ଠେକୁଆର ପଛେପଛେ ଗଲେ ଯ ସେତେବେଳେ ରାଜା ଏକ ଶିମିଳି ଗଛ ଦେଖିଲେ । ଯେଉଁଠି ମା' ସମଲେଶ୍ୱରୀଙ୍କୁ ଆଦିବାସୀ ମାନେ ସେଠାରେ ପୂଜା କରୁଥିଲେ। ରାଜା ସେତେବେଳେ ମା' ସମଲେଶ୍ୱରୀଙ୍କୁ ନିଜ ଇଷ୍ଟ ବୋଲି ମାନିନେଇଥିଲେ ଓ ସେଠାରେ ଏକ ମନ୍ଦିର ତୋଳାଇଥିଲେ। ଏହିଠାରେ ଭକ୍ତ ମାନେ ଭୋର ସାଢେ ୪ ଟାରୁ ଆସି ମା'ଙ୍କ ପୂଜା କରିଥାନ୍ତି ।ଏହି ମନ୍ଦିରରେ ୧୨ ଜଣ ପାର୍ଶ୍ୱର୍ ଦେବା ଦେବୀଙ୍କ ସହିତ ବାବା ଭୈରବ ଏହି ମନ୍ଦିରକୁ ଯଗି ଅଛନ୍ତି । କୁହାଯାଏ ମା ସମଲେଶ୍ୱରୀଙ୍କ ଦର୍ଶନ କରିବା ସାଙ୍ଗରେ ବାବା ଭୈରବଙ୍କ ଦର୍ଶନ କରିବା ଅତି ଆବଶ୍ୟକ । ବିନା ବାବାଙ୍କ ଦର୍ଶନରେ ମା' ସମଲେଶ୍ୱରୀଙ୍କ ଦର୍ଶନ ସଫଳ ହୋଇନଥାଏ।

## ଘରେ ଏସବୁ କାମ କରିଲେ ଛାଡି ପଳାଇବେ ଲକ୍ଷ୍ମୀ

ଅନେକ ସମୟରେ ଆମେ ଦେଖୁ ଘରେ ଅଯଥାରେ ଅଶାନ୍ତି ଲାଗିରହିଥାଏ । ଅର୍ଥର ସଙ୍କଟ ମଧ ଦେଖାଦେଇଥାଏ । ଆମେ ଭାବିଥାଉ ଏହା ଘରର ବାସ୍ତୁ



ଦୋଷ ପାଇଁ ହେଉଛି । ମାତ୍ର ଏହା କେବଳ ଘରର ବାସ୍ତୁ ଦୋଷରୁ ହୋଇନଥାଏ । ଘରର ସଦସ୍ୟ ମାନଙ୍କର ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ଯୋଗୁଁ ମଧ ଘରେ ଏଭଳି ଅଶାନ୍ତି ଲାଗିରହିଥାଏ । ତେଣୁ ଘରେ ଅଶାନ୍ତି ନହେବା ପାଇଁ ଏଭଳି ଅଶୁଭ କାମ ସବୁ କେବେ କରନ୍ତୁ ନାହିଁ । ଘରେ କେବେ ହେଲେ ବି ଖଟ ଉପରେ ବସି ଖାଆନ୍ତୁନାହିଁ । ଏଭଳି କରିବା ଦ୍ୱାରା ଘରେ ସବୁବେଳେ ଅଶାନ୍ତି ବୃଦ୍ଧି ପାଇଥାଏ । ଘରଲୋକଙ୍କ ପାଖରେ କେବେ ହେଲେ ବି ଅର୍ଥ ରହେନାହିଁ । ଘରର ମୁଖ୍ୟ ଦ୍ୱାରରେ କେବେ ହେଲେ ଅଳିଆ ଆବର୍ଜନା ରଖନ୍ତୁ ନାହିଁ । ଏଭଳି କରିବା ଦ୍ୱାରା ପଡୋଶୀମାନେ ଶତ୍ରୁ ହୋଇଯିବେ । ରାତିରେ ଅଇଁଠା ବାସନ ରଖନ୍ତୁ ନାହିଁ । ବାସନକୁ ଧୋଇକରି ରଖନ୍ତୁ । ରାତିରେ ଅଇଁଠା ବାସନ ରଖିବା ଦ୍ୱାରା ଅର୍ଥହାନି ହୋଇଥାଏ । ଘରେ କେବେ ହେଲେ ଝାଡୁକୁ ଛିଡା କରି ରଖନ୍ତୁନାହିଁ । ଝାଡୁରେ କେବେହେଲେ ଗୋଡ ଲଗାନ୍ତୁନାହିଁ। ଘରେ ଝାଡୁକୁ ସବୁବେଳେ ଲୁଚାଇ ରଖନ୍ତୁ । ନଚେତ୍ ଘରେ ଦାରିଦ୍ର୍ୟ ଦେଖାଦେବ। କେବେ ଆରତୀ, ଦୀପ, ହୋମ ଅଗ୍ନିକୁ ମୁହଁରେ ଫୁଙ୍କି ଲିଭାନ୍ତୁ ନାହିଁ ।

# ବିଜେପି ସାଂଗଠନିକ କର୍ମଶାଳା



**ଭୁବନେଶ୍ୱର,୧୩।୧୨ (ମହାଭାରତ):** ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆଜି ପ୍ରଦେଶସ୍ତରୀୟ ସାଂଗଠନିକ କର୍ମଶାଳା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ (ସଂଗଠନ) ବି.ଏଲ୍.ସନ୍ତୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହ ପ୍ରଭାରୀ ଶ୍ରୀମତୀ ଲତା ଉଷେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ବିଜେପିର ଆଗାମୀ ଦିନର ରୋଡ ମ୍ୟାପ୍ ପ୍ରସ୍ତୁତ କରିଥିଲେ।

ବୈଠକ ପରେ ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ ଭାରତୀୟ ଜନତା ପାର୍ଟି ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ସାଧାରଣ ଲୋକଙ୍କ ପାଖରେ ପହଂଚାଇବା ସହ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ସଂଗଠନ ସହ ସମନ୍ୱୟ କରି ଦେଶ ଏବଂ ଓଡ଼ିଶାର ବିକାଶ କରିବା ପାଇଁ ବିଭିନ୍ନ ସମୟରେ ବିଜେପି ପକ୍ଷରୁ କର୍ମଶାଳା ଆୟୋଜନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପ୍ରଦେଶସ୍ତରୀୟ ସାଂଗଠନିକ କର୍ମଶାଳ ଅନୁଷ୍ଠିତ ହୋଇଯାଇଛି।

ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଓଡ଼ିଶାବାସୀଙ୍କ ଆଶୀର୍ବାଦ ଭାରତୀୟ ଜନତା ପାର୍ଟି ସହ ଅଛି। ଓଡ଼ିଶାବାସୀ ଏହି ଦଳ ମାଧ୍ୟମରେ ଓଡ଼ିଶାର ଭବିଷ୍ୟତ ଦେଖୁଛନ୍ତି। ଏଥିପାଇଁ ବିଜେପି ନିଷ୍ଠାର ସହ ଲୋକଙ୍କ ସେବା କରୁଛି। ଆଜିର କର୍ମଶାଳା ମାଧ୍ୟମରେ ବିଜେପି ତା'ର ସଂଗଠନକୁ ସର୍ବବ୍ୟାପୀ, ସର୍ବସ୍ପର୍ଶୀ କରାଇବା ପାଇଁ ପ୍ରୟାସ ଜାରି ରଖିଛି। ଦେଶ ଓ ରାଜ୍ୟର ବିକାଶରେ କାର୍ଯ୍ୟକର୍ତ୍ତାଙ୍କ କିପରି ସହଯୋଗ ରହିବ ସେସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। କର୍ମଶାଳାରେ ସମସ୍ତ ରାଜ୍ୟ ପ୍ରଦାଧିକାରୀ, ମୋର୍ଚ୍ଚା ସଭାପତି, ଜିଲ୍ଲା ପ୍ରଭାରୀ, ଜିଲ୍ଲା ସଭାପତିମାନେ ଯୋଗଦେଇଥିଲେ।

# ଓଡ଼ିଶା ପ୍ରତିନିଧିମଣ୍ଡଳୀର ପୋଲାଣ୍ଡ ଗସ୍ତ

**ଭୁବନେଶ୍ୱର,୧୩।୧୨ (ମହାଭାରତ):** ଭାରତ ନିର୍ବାଚନ ଆୟୋଗକୁ ପ୍ରତିନିଧିତ୍ୱ କରି ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ପାଞ୍ଚଜଣିଆ ପ୍ରତିନିଧି ମଣ୍ଡଳୀଙ୍କ ପୋଲାଣ୍ଡ ଗସ୍ତ ସମାପ୍ତ ହୋଇଛି । ପ୍ରଥମଥର ପାଇଁ ଓଡ଼ିଶାର ପ୍ରତିନିଧିମଣ୍ଡଳୀ ଏଭଳି ଏକ ଅନ୍ତର୍ଜାତୀୟ ଗସ୍ତର ଅଂଶବିଶେଷ ହେବାର ସୌଭାଗ୍ୟ ଲାଭ କରିଛନ୍ତି । ବିଶ୍ୱର ଲୋକତନ୍ତ୍ରଗୁଡ଼ିକ ସହ ସମ୍ପର୍କ ଓ ସହଯୋଗ ସୁଦୃଢ଼ କରିବା ଏବଂ ପରସ୍ପର ମଧ୍ୟରେ ଜ୍ଞାନକୌଶଳର ବିନିମୟ ଦ୍ୱାରା ନିର୍ବାଚନ ପରିଚାଳନା ପ୍ରଣାଳୀକୁ ଅଧିକ ଉନ୍ନତ କରିବା ଏହି ଗସ୍ତର ଲକ୍ଷ୍ୟ ଅଟେ । ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ୍. ଗୋପାଳନ କହିଛନ୍ତି ଯେ, ଏହି ଗସ୍ତ ଓଡିଶା ପାଇଁ ଏକ ବିଶେଷ ଗୌରବର ଅବସର । ଅଧିକାରୀମାନଙ୍କ ଏଭଳି ଅନ୍ତର୍ଜାତୀୟ ଅଭିଜ୍ଞତା ଓଡ଼ିଶାର ନିର୍ବାଚନ, ଭୋଟର ତାଲିକା ପରିଚାଳନା ଆଦି କ୍ଷେତ୍ରରେ ବହୁ ମାତ୍ରାରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

# ଓପିଟିସିଏଲ ଓ ନାବାର୍ଡ ମଧ୍ୟରେ ବୁଝାମଣା

**ଭୁବନେଶ୍ୱର,୧୩।୧୨ (ମହାଭାରତ):** ଓଡିଶାରେ ବିଦ୍ୟୁତ୍ ଭିତିଭୂମି ବିକାଶ ପାଇଁ ଓପିଟିସିଏଲ ଏବଂ ନାବାର୍ଡ ମଧ୍ୟରେ ଏକ ଦୀର୍ଘକାଳୀନ ଋଣ ଚୁକ୍ତିନାମା ସ୍ୱାକ୍ଷରିତ ଲୋକସେବା ଭବନରେ ହୋଇଛି। ଏହି ରଣନୈତିକ ଆର୍ଥିକ ସହଭାଗିତା ରାଜ୍ୟର ଆଗାମୀ ଶିଳ୍ପ ପ୍ରକଳ୍ପ ଓ ଗ୍ରାହକମାନଙ୍କ ପାଇଁ ଗୁଣାତ୍ମକ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ଲକ୍ଷ୍ୟ ରଖିଛି। ଏହି ବୁଝାମଣା ପତ୍ର ଅନୁଯାୟୀ, ନାବାର୍ଡ ବାର୍ଷିକ ୭.୭୫% ଆକର୍ଷଣୀୟ ସୁଧ ହାରରେ ଓପିଟିସିଏଲକୁ ୧,୬୮୫.୨୭ କୋଟି ଟଙ୍କା ଋଣ ପ୍ରଦାନ କରିଛି। ମୋଟ ଋଣ ପରିମାଣରୁ, ୯୦୦ କୋଟି ଟଙ୍କା ନୂତନ ବିଦ୍ୟୁତ ପରିବହନ ପ୍ରକଳ୍ପ ପାଇଁ ବ୍ୟବହୃତ ହେବ, ବଳକା ପରିମାଣ ପୂର୍ବରୁ ହୋଇଥିବା ଉଚ୍ଚ-ମୂଲ୍ୟଯୁକ୍ତ ଋଣକୁ



ସ୍ୱିଚ୍ କରିବା ପାଇଁ ବ୍ୟବହୃତ ହେବ। ଓଡ଼ିଶାରେ ପ୍ରଥମ ଥର ପାଇଁ କୌଣସି ରାଜ୍ୟ ପିଏସୟୁକୁ ନାବାର୍ଡ ଦ୍ୱାରା ପ୍ରକଳ୍ପ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହା ରାଜ୍ୟର ବିଦ୍ୟୁତ୍ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ବିକାଶର ଧାରା ସୃଷ୍ଟି କରିବ।

ବୁଝାମଣାପତ୍ର ସ୍ୱାକ୍ଷରିତ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଓପିଟିସିଏଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ଯୋଗ ଦେଇ ଓଡ଼ିଶାର ବିଦ୍ୟୁତ୍ ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ମିଳିତ ପ୍ରୟାସକୁ ପ୍ରଶଂସା କରିଥିଲେ। ଓପିଟିସିଏଲର ନିର୍ଦ୍ଦେଶକ (ଅର୍ଥ) ଏସ.କେ. ସାହୁ ଏବଂ ନାବାର୍ଡର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟର ମହାପ୍ରବନ୍ଧକ ଭି.କେ. ନାଗଙ୍କ ମଧ୍ୟରେ ଏହି ଚୁକ୍ତିନାମା ଆନୁଷ୍ଠାନିକ ଭାବରେ ଆଦାନପ୍ରଦାନ ହୋଇଥିଲା। ଓପିଟିସିଏଲ ଓ ନାବାର୍ଡର ଅନ୍ୟାନ୍ୟ କାର୍ଯ୍ୟକାରୀ ନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀ ମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ସହଭାଗିତା ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ ପରିବହନ ଭିତିଭୂମିର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବ ଏବଂ ରାଜ୍ୟର ବର୍ଦ୍ଧିତ ଶିଳ୍ପ ଓ ଆର୍ଥିକ ଚାହିଦାକୁ ପୂରଣ କରିବ ବୋଲି ଆଶା କରାଯାଉଛି।

# ବିଭୁ ଚେତନାରେ ତରଙ୍ଗାୟିତ ସତ୍ୟବାଦୀ ସାହିତ୍ୟ

**ଭୁବନେଶ୍ୱର,୧୩।୧୨ (ମହାଭାରତ):** ପଣ୍ଡିତ ଗୋପବନ୍ଧୁ ତଥା ସତ୍ୟବାଦୀର ମନୀଷୀମାନଙ୍କ ରଚନା ସମୂହ ଈଶ୍ୱର ଚେତନାରେ ପରିପୁଷ୍ଟ ବୋଲି ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ଆୟୋଜିତ 'ସତ୍ୟବାଦୀ ସାହିତ୍ୟ ସନ୍ଧ୍ୟା' ରେ ମତ ପ୍ରକାଶ ପାଇଛି। ସୀତା ବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜୟ ମହାନ୍ତି, ଆରତି କର, ମନୋଜ ଜେନା, ପର୍ଶୁରାମ ଦ୍ୱିବେଦୀ ଓ ସୁଷମା ଲେଙ୍କା ପ୍ରମୁଖ ବକ୍ତା ଭାବେ ଯୋଗଦେଇ ମୁଖ୍ୟତ ଉତ୍କଳମଣି ଗୋପବନ୍ଧୁ ଓ ପଣ୍ଡିତ ନୀଳକଣ୍ଠଙ୍କ ସାରସ୍ୱତ ସୃଷ୍ଟି ସମ୍ଭାର ଉପରେ ବିଶେଷ ଆଲୋକପାତ କରିଥିଲେ। ଏହି ଅବସରରେ ମୁରଲୀଧର ପଳାଇଙ୍କ ନେତୃତ୍ୱରେ ସାମୂହିକ



ଶ୍ରୀଜଗନ୍ନାଥ ସହସ୍ରନାମ ପଠନ କରାଯାଇଥିଲା ଓ ଜଗନ୍ନାଥ ପ୍ରାଣ ଦିବଂଗତ ଶ୍ରୀମତୀ କ୍ରିଷ୍ଣା ପଳାଇଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ନ୍ୟାସୀ ମଣ୍ଡଳର ଗୋପବନ୍ଧୁ ସଭା ଗୃହରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ରାମ ନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାଶ ଚନ୍ଦ୍ର ରଥ, ଜ୍ଞାନ ରଞ୍ଜନ ଦାସ, ବାସନ୍ତୀ ତ୍ରିପାଠୀ, ବିରି ଶତପଥୀ , ବଂଶୀଧର ସେଠୀ, ଶକ୍ତିମୟୀ ରଥ, ଗୋଲକ ବିହାରୀ ନାୟକ ଓ ଭାଷ୍ୟମ ମୁରଲୀଧର ପ୍ରମୁଖ ।ଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ସରପଞ୍ଚ ପ୍ରାର୍ଥୀ ଓଡ଼ିଆ ପଢ଼ିବା, ଲେଖିବା ବାଧ୍ୟତାମୂଳକ

**ଭୁବନେଶ୍ୱର,୧୩।୧୨ (ମହାଭାରତ):** ଓଡ଼ିଶା ଗ୍ରାମ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କୁ ଓଡ଼ିଆ ଭାଷାରେ ପଢ଼ିବା ଏବଂ ଲେଖିବା ଜାଣିବା ଅତ୍ୟନ୍ତ ଆବଶ୍ୟକ ବୋଲି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଓଡ଼ିଆରେ ସାକ୍ଷରତା ଅଭାବରୁ ବିଷ୍ଣୁପୁର ଗ୍ରାମ ପଞ୍ଚାୟତର ମହେଶ୍ୱର ଜେନାଙ୍କ ଅଯୋଗ୍ୟତାକୁ ହାଇକୋର୍ଟ କାଏମ ରଖିବା ସହିତ ନୂତନ ନିର୍ବାଚନ ପାଇଁ ରାସ୍ତା ଖୋଲିଛନ୍ତି।

ନ୍ୟାୟାଳୟ କହିଛନ୍ତି ଯେ ରାଜ୍ୟର ସରକାରୀ ଭାଷାରେ କାର୍ଯ୍ୟକ୍ଷମ ସାକ୍ଷରତା ଆଇନ ଦ୍ୱାରା ଲଗାଯାଇଥିବା ଏକ ଅତ୍ୟାବଶ୍ୟକ ଆବଶ୍ୟକତା ଏବଂ ଏହାକୁ ବାଦ୍ ଦିଆଯାଇପାରିବ ନାହିଁ।

ଖଣ୍ଡପୀଠ କହିଛନ୍ତି, ଯଦି ଜଣେ ବ୍ୟକ୍ତି ଓଡ଼ିଆ ପଢ଼ିବାକୁ ଅକ୍ଷମ ହୁଅନ୍ତି, ତେବେ ସେ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ହେବେ। କେବଳ ଓଡ଼ିଆ ପଢ଼ିବାର କ୍ଷମତା ଯଥେଷ୍ଟ ନୁହେଁ। ଓଡ଼ିଆ ଲେଖିବାର ଅକ୍ଷମତା ମଧ୍ୟ ଅଯୋଗ୍ୟତାକୁ ଆକର୍ଷିତ କରେ।

'ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ, ୧୯୬୪'ର ଧାରା ୧୯ ଅନୁଯାୟୀ ସରପଞ୍ଚଙ୍କ ଦାୟିତ୍ୱ ତୁଲାଇବା ପାଇଁ ଓଡ଼ିଆ ପଢ଼ିବା ଏବଂ ଲେଖିବାର କ୍ଷମତା ଆବଶ୍ୟକ ବୋଲି ଅଦାଲତ ମତ ଦେଇଛନ୍ତି। ମହେଶ୍ୱର ଜେନା ବାଲେଶ୍ୱର ସିଭିଲ୍ ଜଜ୍‌ଙ୍କ ଏପ୍ରିଲ୍ ୨୦, ୨୦୨୪ ରାୟକୁ



ଚ୍ୟାଲେଞ୍ଜ କରି ହାଇକୋର୍ଟ ଯାଇଥିଲେ। ତଳ କୋର୍ଟ ମହେଶ୍ୱରଙ୍କର ଲିଖିତ ଓଡ଼ିଆର ନମୁନାକୁ ଭିତ୍ତିକରି ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। କାରଣ ତାଙ୍କ ଲେଖା କୌଣସି ଅର୍ଥ ପ୍ରକାଶ କରୁ ନଥିଲା। ହାଇକୋର୍ଟ ତଳ କୋର୍ଟର ରାୟକୁ ସମର୍ଥନ କରିଛନ୍ତି। ତେବେ, ଏହି ଅଯୋଗ୍ୟତା ସ୍ଥାୟୀ ନୁହେଁ। ଯଦି ବ୍ୟକ୍ତି ଜଣକ ଭବିଷ୍ୟତରେ ଓଡ଼ିଆ ପଢ଼ିବା ଓ ଲେଖିବା କ୍ଷମତା ହାସଲ କରନ୍ତି, ତେବେ ଏହି ଅଯୋଗ୍ୟତା ଦୂର ହୋଇପାରିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

# ଶିକ୍ଷା ଗବେଷଣାରେ ଭାରତ - ସାଉଦିଆରବ ଚୁକ୍ତି

**ଭୁବନେଶ୍ୱର,୧୩।୧୨ (ମହାଭାରତ):** ସାଉଦି ଆରବର ଶିକ୍ଷା ମନ୍ତ୍ରୀ ୱାଇ.ବି ଅବଦୁଲ୍ଲା ଅଲ୍-ବେନିଆନ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରିଛନ୍ତି। ଶିକ୍ଷା ଏବଂ ଗବେଷଣାରେ ଭାରତ-ସାଉଦି ଆରବ ସହଯୋଗକୁ ଆହୁରି ମଜବୁତ କରିବା ଦିଗରେ ଉଭୟ ମନ୍ତ୍ରୀ ଚର୍ଚ୍ଚା କରିଛନ୍ତି। ଏହି ଆଲୋଚନା କାଳରେ ଦୁଇ ଦେଶ ମଧ୍ୟରେ ଶିକ୍ଷା, ଉଦ୍ଭାବନ ତଥା ଗବେଷଣା କ୍ଷେତ୍ରରେ ସହଯୋଗକୁ ଆହୁରି ଗଭୀର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦୁଇ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ନୂତନ ସ୍ତରକୁ ନେବା ପାଇଁ ସାଉଦି ଆରବରେ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଏବଂ ଭାରତରେ ସାଉଦି ବିଶ୍ୱବିଦ୍ୟାଳୟଗୁଡ଼ିକର ବିଦେଶୀ କ୍ୟାମ୍ପସ୍ ସ୍ଥାପନ କରିବା ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ଉଦୀୟମାନ ଏବଂ ନୂତନ ଯୁଗର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମିଳିତ ଗବେଷଣା ଆରମ୍ଭ କରିବା ପାଇଁ ଆଲୋଚନା ହୋଇଥିଲା। ସାଉଦି ଆରବରେ ଅଧିକ ସଂଖ୍ୟକ ସିବିଏସଇ ବିଦ୍ୟାଳୟ ଖୋଲିବାର ସମ୍ଭାବନା ଉପରେ ମଧ୍ୟ ବୈଠକରେ ଆଲୋକପାତ ହୋଇଥିଲା। ଶ୍ରୀ ପ୍ରଧାନ ସାଉଦି ଛାତ୍ରଛାତ୍ରୀମାନଙ୍କୁ ଭାରତରେ ଅଧ୍ୟୟନ କରିବା ପାଇଁ ଆମନ୍ତ୍ରଣ କରିଥିଲେ, ଯାହା ଉଭୟ ଦେଶ ମଧ୍ୟରେ ଜ୍ଞାନ ଏବଂ ସାଂସ୍କୃତିକ ଆଦାନପ୍ରଦାନକୁ ସୁଗମ କରିବ।

ଶ୍ରୀ ପ୍ରଧାନ କହିଥିଲେ ଯେ ଭାରତର 'ବିକଶିତ ଭାରତ ୨୦୪୭' ଏବଂ ସାଉଦିର 'ଭିଜନ ୨୦୩୦' ର ଶିକ୍ଷାଗତ ପ୍ରାଥମିକତାରେ ଦୃଢ଼ ସମନ୍ୱୟ ରହିଛି। ଆଜିର ବୈଠକ ଭାରତ ଏବଂ ସାଉଦି ଆରବ ମଧ୍ୟରେ ଜ୍ଞାନ ଭାଗିଦାରୀକୁ ଆହୁରି ମଜବୁତ କରିବା, ସାଂସ୍କୃତିକ ଆଦାନପ୍ରଦାନକୁ ସୁବିଧାଜନକ କରିବା, ମିଳିତ ଆକାଂକ୍ଷାକୁ ସାକାର କରିବା ଏବଂ ଉଭୟ ଦେଶକୁ ଜ୍ଞାନ-ପରିଚାଳିତ ତଥା ବିଶ୍ୱ ସ୍ତରରେ ପ୍ରତିଯୋଗୀତାମୂଳକ ସମାଜରେ ପରିଣତ କରିବା ପାଇଁ ଏକ ଉତ୍କୃଷ୍ଟ ସୁଯୋଗ ଥିଲା। ଏହି ଆଲୋଚନା ଦୁଇ ରାଷ୍ଟ୍ରର ଶିକ୍ଷା କ୍ଷେତ୍ରରେ ଏକ ଉଜ୍ଜ୍ୱଳ ଭବିଷ୍ୟତର ସଙ୍କେତ ଦେଉଛି ବୋଲି ସେ ପରିପ୍ରକାଶ କରିଛନ୍ତି।

# 'ସାହସ ଉତ୍ସବ: ଆମ ସ୍ୱର ଆମ ଶକ୍ତି' କର୍ମଶାଳା

**ଭୁବନେଶ୍ୱର,୧୩।୧୨ (ମହାଭାରତ):** ଆଜି ମାନବାଧିକାର ଦିବସ ଅବସରରେ ମହିଳା ଏବଂ ଶିଶୁ ବିକାଶ ବିଭାଗ, ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍ଏଫ୍‌ପିଏ)ର ମିଳିତ ସହଯୋଗରେ ୧୬ ଦିନିଆ ରାଜ୍ୟସ୍ତରୀୟ ଲିଙ୍ଗଭିତ୍ତିକ ହିଂସା ବିରୁଦ୍ଧରେ କାର୍ଯ୍ୟକଳାପ କର୍ମଶାଳା ଉଦଯାପିତ ହୋଇଯାଇଛି।




ଭୁବନେଶ୍ୱରର ମେଫେୟାର କନଭେନସନରେ 'ସାହସ ଉତ୍ସବ: ଆମ ସ୍ୱର ଆମ ଶକ୍ତି' ଶୀର୍ଷକ ଏହି କର୍ମଶାଳାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକମାନଙ୍କର ସମ୍ମାନ, ସୁରକ୍ଷା ଏବଂ ପୁନର୍ବାସ ପାଇଁ ଓଡ଼ିଶା ସରକାରଙ୍କ ରାଜନୈତିକ ଏବଂ ପ୍ରଶାସନିକ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ମହିଳା ମାନଙ୍କ ଜୀବନରେ ବହୁତ ପରିବର୍ତ୍ତନ ଆସିଛି। ରାଜ୍ୟସରକାରଙ୍କ ବହୁ ପଦକ୍ଷେପ ମାଧ୍ୟମରେ ମହିଳାମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରିଛି। ନିଜ ସହ ଘଟିଥିବା ହିଂସାକୁ ଭୁଲି ଆଉ ଥରେ ଜୀବନକୁ ନୂଆ ଭାବେ ବଞ୍ଚିବାକୁ ସେ ଆହ୍ୱାନ ଦେଇଥିଲେ। ଆପଣମାନଙ୍କ ନୂଆ ଜୀବନ ସମାଜକୁ ନୂଆ ପଥ ଦେଖେଇବ। ଆପଣମାନଙ୍କ ଜୀବନ ସମାଜ ପାଇଁ ଆଦର୍ଶ ବୋଲି କହି ସେ ଶକ୍ତି ସଦନର ସଦସ୍ୟାମାନଙ୍କୁ ଉତ୍ସାହିତ କରିଥିଲେ।

ମହିଳା ଏବଂ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଶୁଭା ଶର୍ମା ଶକ୍ତି ସଦନକୁ ସୁରକ୍ଷା, ଆରୋଗ୍ୟ ଏବଂ ଆର୍ଥିକ ପୁନଃନିର୍ମାଣର ସ୍ଥାନ ଭାବରେ ସୁନିଶ୍ଚିତ କରିବାରେ ବିଭାଗର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ସ୍ୱାବଲମ୍ବୀ କୈନ୍ଦ୍ରିକ ଅଭିଜ୍ଞତାମୂଳକ କାର୍ଯ୍ୟକ୍ରମ ଭାବେ ପ୍ରସ୍ତୁତ କରାଯାଇଥିବା 'ସାହସ ଉତ୍ସବ' ଚିରାଚରିତ ଓ ବ୍ୟକ୍ତିକୈନ୍ଦ୍ରିକ ପ୍ରଥାକୁ ହ୍ରାସ କରିଥିଲା। ଥିଏଟର, ସଙ୍ଗୀତ, ଅଭିବ୍ୟକ୍ତି କଳା, ଇଣ୍ଟରାକ୍‌ଟିଭ୍ ମଡେଲ୍ ଆଶ୍ରୟସ୍ଥଳ ଭିଜୁଆଲାଇଜେସନ୍, ଏବଂ ସ୍ୱାବଲମ୍ବୀ-ନେତୃତ୍ୱାଧୀନ ପୋଡକାଷ୍ଟ ଆଦି ଜରିଆରେ ଜୀବନ୍ତ ବ୍ୟକ୍ତିମାନେ ନିର୍ଭରଶୀଳ ନୁହଁନ୍ତି ବରଂ ପରିବର୍ତ୍ତନର ବାହକ ବୋଲି ବାର୍ତ୍ତା ଦିଆଯାଇଥିଲା। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଶକ୍ତି ସଦନ ବାସିନ୍ଦାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଆୟ-ଉତ୍ପାଦନକାରୀ କାର୍ଯ୍ୟକଳାପ ଏବଂ କଳାତ୍ମକ କାର୍ଯ୍ୟଗୁଡ଼ିକର ପ୍ରତ୍ୟକ୍ଷ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଏଥିସହ ଉପମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ଏବଂ ନିରନ୍ତରତାର ବର୍ଣ୍ଣନା ସମ୍ବଳିତ ସର୍ଭାଇଭର ଷ୍ଟୋରୀ ପୁସ୍ତିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ୟୁଏନଏଫପି ପ୍ରକଳ୍ପ ଅଧିକାରୀ ନୁର ମଲିକ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଉଦଘାଟିତ

**ଭୁବନେଶ୍ୱର,୧୩।୧୨ (ମହାଭାରତ):** ଇଡ଼କୋ ପ୍ରଦର୍ଶନୀ ପଡିଆ ଠାରେ ୧୮ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ୨୦୨୫ ବୁଧବାର ଉଦଘାଟିତ ହୋଇଯାଇଛି.। ଉଦ୍ଘାଟନୀ ସମାରୋହରେ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଏହି କଳିଙ୍ଗ ହର୍ବାଲ ମେଳା କେବଳ ଏକ ମେଳା ନୁହେଁ, ଏହା ଆମର ପରମ୍ପରା, ଆୟୁର୍ବେଦ ଐତିହ୍ୟ, ଜଙ୍ଗଲ ଓ ପ୍ରକୃତିର ଦାନକୁ ସମ୍ମାନ କରିବାର ଏକ ଅତ୍ୟନ୍ତ ଗର୍ବର ମଞ୍ଚ। ଏହା ଆମ ଓଡ଼ିଶା ମାଟିର, ଆମ ଜନତାଙ୍କ ଜ୍ଞାନ ଓ ସମ୍ପଦର ଏକ ଅପୂର୍ବ ପ୍ରଦର୍ଶନୀ। ଓଡ଼ିଶାକୁ ଦେଶର ଅନ୍ୟତମ ଶୀର୍ଷ ଔଷଧୀୟ ଉଦ୍ଭିଦ ଉତ୍ପାଦର ବଜାର ହିସାବରେ ପରିଚିତ କରିବା ପାଇଁ କଳିଙ୍ଗ ହର୍ବସ ନାମରେ ବ୍ରାଣ୍ଡିଂ କରାଯାଇ ଏହାର ଗୁଣବତ୍ତା, ବିପଣନ ପାଇଁ ରାଜ୍ୟ ବାହାର ସଂସ୍ଥା ସହିତ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଉଛି.। ଗୁଣାତ୍ମକ ଆୟୁର୍ବେଦିକ ଔଷଧ ପ୍ରସ୍ତୁତ କରିବା, ଗବେଷଣାକୁ ପ୍ରୋତ୍ସାହିତ କରିବା ଓ ସ୍ଥାନୀୟ ଚାଷୀମାନଙ୍କୁ ନ୍ୟାୟଯୁକ୍ତ ମୂଲ୍ୟ ପ୍ରଦାନ କରିବା କ୍ଷେତ୍ରରେ କବକ୍ଷସଭଶବ ଐରକ୍ୱଭଣ୍ଡ ଅସାଧାରଣ କାର୍ଯ୍ୟ କରିବ ବୋଲି ଆମେ ଆଶାବାଦୀ। କଳିଙ୍ଗହର୍ବାଲ ମେଳା ଏହି ଲକ୍ଷ୍ୟକୁ ଅଧିକ ଗତିଶୀଳ କରିବ ବୋଲି ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ ।

ବିଶିଷ୍ଟ ଅତିଥି ଭାବେ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ସୁରେଶ ପନ୍ଥ, ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଶ୍ରୀ ପ୍ରେମ କୁମାର ଝା ଏବଂ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ପ୍ରକଳ୍ପ ନିର୍ଦ୍ଦେଶକ ଡ଼. କେ. ମୁରୁଗେଶନ ସେମାନଙ୍କ ଅଭିଭାଷଣରେ ଔଷଧୀୟ ଉଦ୍ଭିଦର ସୁରକ୍ଷା ଏବଂ ପାରମ୍ପରିକ ଔଷଧ ବ୍ୟବସ୍ଥାକୁ ସାମଗ୍ରୀକ ଭାବରେ ଆଗକୁ ବଢ଼ାଇବାରେ ଏହି ଏହି ମେଳା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଆଶା ପ୍ରକଟ କରିଥିଲେ । ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଔଷଧୀୟ ଉଦ୍ଭିଦ କ୍ଷେତ୍ରର ମୁଖ୍ୟ ହିତାଧୁକାରୀମାନଙ୍କ ମଧ୍ୟରେ ସମ୍ପର୍କ, ବ୍ୟବସାୟ, ଶିକ୍ଷା, ଓ ସଚେତନ ?ତା ବୃଦ୍ଧି କରିବା: ଆୟୁର୍ବେଦ, ଯୋଗ, ପ୍ରାକୃତିକ ଚିକିତ୍ସା, ୟୁନାନୀ, ସିଦ୍ଧ ଓ ହୋମିଓପାଥିର ପ୍ରଚାର କରିବା ଏବଂ ଦର୍ଶକମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଓ ଚିକିତ୍ସା ସୁବିଧା ପ୍ରଦାନ ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଔଷଧୀୟ ଉଦ୍ଭିଦ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ କାର୍ତ୍ତିକ ଭି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏବଂ ଉପ ବନ ସଂରକ୍ଷକ ଶ୍ରୀ ଦେବାପ୍ରିୟ କମ୍ପ ଧନ୍ୟବାଦ ଅର୍ପଣ କରିଥଲେ। ସମାରୋହରେ ବନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ସରକାରୀ ଆୟୁର୍ବେଦିକ ଓ ହୋମିଓପାଥ୍ ଡାକ୍ତର, ବୈଦ୍ୟ, ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ମାନେ ଯୋଗ ଦେଇଥିଲେ । ପ୍ରକାଶ ଥାଇ କି ଚଳିତ ବର୍ଷ ୧୩୦ରୁ ଅଧିକ ଷ୍ଟଲ ସହ ଏହି ମେଳା ରେ ଅଂଶ ଗ୍ରହଣ କରିଛନ୍ତି। ନିଶୁଳ୍କ ଆୟୁର୍ବେଦ,ହୋମିଓପାଥି ଚିକିତ୍ସା, ଛାତ୍ରଛାତ୍ରୀଙ୍କ ପାଇଁ ଅନଲାଇନ କ୍ୱିଜ୍ ସଚେତନତା ଅଭିଯାନ, ଔଷଧୀୟ ଉଦ୍ଭିଦ ସମ୍ବନ୍ଧୀୟ ବିଭିନ୍ନ କର୍ମଶାଳା, ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମୋଟ ସାତଦିନ ଧରି ଏହି ମେଳା ଲୋକମାନଙ୍କ ମଧ୍ୟରେ ଆୟୁର୍ବେଦର ପ୍ରଚାର ଓ ପ୍ରସାରରେ ସହାୟକ ହେବ।

# 'ସ୍ମାର୍ଟ ଆଣ୍ଡ ନୋବେଲ ମ୍ୟାଟେରିଆଲ୍‌ସ ଫର୍ ନେକ୍ସଟ ଜେନେରେସନ' ସମ୍ମିଳନୀ

**ଭୁବନେଶ୍ୱର,୧୩।୧୨ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଅନ୍ତର୍ଗତ ପଦାର୍ଥ ବିଜ୍ଞାନ ବିଭାଗ ଓ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସର ମିଳିତ ଆନୁକୂଲ୍ୟରେ ଏକ ତ୍ରିଦିବସୀୟ ଆନ୍ତର୍ଜାତିକ ସମ୍ମିଳନୀ ନିକଟରେ ଆୟୋଜିତ ହୋଇଯାଇଛି। ଏହି ଆନ୍ତର୍ଜାତିକ ସମ୍ମିଳନୀର ଶୀର୍ଷକ ରହିଥିଲା 'ସ୍ମାର୍ଟ ଆଣ୍ଡ ନୋବେଲ ମ୍ୟାଟେରିଆଲ୍‌ସ ଫର୍ ନେକ୍ସଟ ଜେନେରେସନ'।

ଏହି ଆନ୍ତର୍ଜାତିକ ସମ୍ମିଳନୀରେ ସମଗ୍ର ଭାରତ ବର୍ଷର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଆନ୍ତର୍ଜାତିକ ଗବେଷଣା ବିଭାଗର ଶତାଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଦିନରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହ ବିଜ୍ଞାନର ଯଥୋଚିତ ବ୍ୟବହାରରେ ସମଗ୍ର ବିଶ୍ୱକୁ ଏକ ନୂତନ ଦିଗଦର୍ଶନ ଦେବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଏହି ସମ୍ମିଳନୀରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଡିନ୍ ପ୍ରଫେସର ପି.କେ. ସାହୁ, ସମ୍ମିଳନୀର ଚେୟାରମ୍ୟାନ ପ୍ରଫେସର ସୁଶାନ୍ତ କୁମାର କାମିଲା, କନ୍‌ଭେନର ପ୍ରଫେସର ଜ୍ୟୋତିର୍ମୟୀ ନନ୍ଦ ଏବଂ ଅର୍ଗାନାଇଜିଂ ସେକ୍ରେଟାରୀ ଡକ୍ଟର ସନ୍ତୋଷ କୁମାର ପରିଡ଼ା ଉପସ୍ଥିତ ଥିଲେ। ଏଥିରେ ମିଚିଗାନ୍ ଷ୍ଟେଟ ୟୁନିଭର୍ସିଟିର ପ୍ରଫେସର ଏସ୍.ଡି. ମହାନ୍ତି, ନାଇଜରର ପ୍ରଫେସର ଶୁଭଙ୍କର ବେଦାନ୍ତ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ସମ୍ମିଳନୀର ଦ୍ୱିତୀୟ ଓ ତୃତୀୟ ଦିନରେ ଆଇଆଇଟି, ବିଏଚ୍‌ୟୁର ପ୍ରଫେସର ଅଖିଳେଶ ସିଂହ, ଆଇଆଇଟି ପାଟନାର ଡକ୍ଟର ମନୋରଞ୍ଜନ କର, ନାଇଜରର ପ୍ରଫେସର କାର୍ତ୍ତିକେଶ୍ୱର ସେନାପତି, ୟୁନିଭର୍ସିଟି ଅଫ୍ ଜୋହନ୍ସବର୍ଗ ସାଉଥ ଆଫ୍ରିକାର ପ୍ରଫେସର କୌଶିକ ମଲ୍ଲିକ, ଆଇଆଇଟି ଭୁବନେଶ୍ୱରର ଡକ୍ଟର ସଚିଦାନନ୍ଦ ରଥ, ଜର୍ମାନୀର ଜୋହନ୍ସ ଗ୍ୱାଟେନର୍ବର୍ଗ ୟୁନିଭର୍ସିଟିର ପ୍ରଫେସର ହର୍ଷିତ ଅଗ୍ରୱାଲ, ୟୁଏଇ ୟୁଜିସିର ଡକ୍ଟର ଭି. ସାଠେ, ୟୁଜିସି, ଡିଏଇ ମୁମ୍ବାଇର ସେଂଟର ଡାଇରେକ୍ଟର ଡକ୍ଟର ପି.ଡି ବାବୁ, ୟୁଜିସି, ଡିଏଇ ଇନ୍ଦୋରର ସେଂଟର ଡାଇରେକ୍ଟର ଡକ୍ଟର ଆର. ଜେ. ଚୌଧୁରୀ, ଆଇଆଇଏମ୍‌ଟି, ସିଏସ୍‌ଆଇଆରର ଡକ୍ଟର ଏମ୍. କେ. ଦଲାଇ, ନର୍ଥ ଟେକ୍ସାସ୍, ଆମେରିକାର ପ୍ରଫେସର ବିଭୁତି ରାଉତ ଏବଂ ଏନ୍‌ଆଇଟି ପାଟନାର ଡକ୍ଟର ଦେବ କେ. ମହାତୋ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଭିଆରଆର ମେଦିଚେର୍ଲା, ପ୍ରଫେସର ଦିଲୀପ କୁମାର ମିଶ୍ର, ଡକ୍ଟର କମଳ ଲୋଚନ ମହାନ୍ତ, ପ୍ରଫେସର ସୁରେଶ କୁମାର ପାତ୍ର, ଡକ୍ଟର ରବିନାରାୟଣ ପଣ୍ଡା, ପ୍ରଫେସର ଶେଖର ଚନ୍ଦ୍ର ରାୟ, ପ୍ରଫେସର ନଚିକେତା ଶର୍ମା, ପ୍ରଫେସର ଆର. କେ. ପରିଡା, ଡକ୍ଟର ପ୍ରଜ୍ଞା ମହାନ୍ତି ସମ୍ମିଳନୀକୁ ପରିଚାଳନା କରିଥିଲେ।

# ୭୩,୧୮୧ ବୋତଲ କଫ ସିରପ ଜବତ

**ଭୁବନେଶ୍ୱର,୧୩।୧୨ (ମହାଭାରତ):** ବେଆଇନ କଫ୍ ସିରପ ଚୋରା ଚାଲାଣ ଓ ବ୍ୟବସାୟ ରୋକିବା ପାଇଁ ଓଡିଶା ପୋଲିସ କଠୋର ପଦକ୍ଷେପ ଗ୍ରହଣ କରୁଛି। ବିଗତ କିଛି ଦିନ ମଧ୍ୟରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ କରାଯାଇ ବିପୁଳ ପରିମାଣର କଫ୍ ସିରପ ଜବତ ସହିତ ଚୋରା ଚାଲାଣରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ମୋଟ ୬୧ଟି ମାମଲା ରୁଜୁ କରାଯିବା ସହ ମୋଟ ୭୩,୧୮୧ ବୋତଲ ନିଶାଦ୍ରବ୍ୟ ମିଶ୍ରିତ କଫ ସିରପ ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ୧୮୧ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏସଟିଏଫ୍, ଭୁବନେଶ୍ୱର ସର୍ବାଧିକ ୨୬,୬୫୮ ବୋତଲ କଫ ସିରପ୍ ଜବତ କରି ଏହି ଅଭିଯାନରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

ସେହିପରି ସମ୍ବଲପୁର ଜିଲ୍ଲା



ପୋଲିସ ୧୩ଟି ମାମଲା ରୁଜୁ କରାଯାଇ ଥିବା ବେଳେ ୧୯,୯୦୮ ବୋତଲ କଫ ସିରପ ଜବତ କରାଯାଇଛି। ବରଗଡ଼ ଜିଲ୍ଲା ପୋଲିସ ୧୭ଟି ମାମଲା ଓ ୧୨,୮୫୬ ବୋତଲ, ବଲାଙ୍ଗୀର ୧୨ଟି ମାମଲା ଓ ୫,୪୬୮ ବୋତଲ, ସୁବର୍ଣ୍ଣପୁର ଜିଲ୍ଲାରେ ୬ଟି ମାମଲା ଓ ୪୫୧ ବୋତଲ, ବୌଦ୍ଧ ଜିଲ୍ଲାରେ ୪ ଟି ମାମଲା ସହିତ ୧୮୮୬ ବୋତଲ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ୩ଟି ମାମଲା ସହିତ ୫୯୫ ବୋତଲ କଫ ସିରପ ଜବତ କରାଯାଇଛି। ସମ୍ବଲପୁର ଜିଲ୍ଲା ପୋଲିସ ୬୬ ଜଣଙ୍କୁ ଗିରଫ କରିଥିବା ବେଳେ,ବରଗଡ଼ ପୋଲିସ ୬୪, ବଲାଙ୍ଗୀର ପୋଲିସ ୨୩ , ସୁବର୍ଣ୍ଣପୁର ପୋଲିସ ୭ ଜଣ, ସୁନ୍ଦରଗଡ ୬ ଜଣ ଏବଂ କେଉଁଝର ଜିଲ୍ଲାରେ ୬ ଜଣଙ୍କୁ ଗିରଫ କରାଯାଇଛି, ଯାହା ନିଶା କାରବାର ନେଟୱର୍କକୁ ଭାଙ୍ଗିବାରେ ପୋଲିସର ତତ୍ପରତାକୁ ଦର୍ଶାଉଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ସମସ୍ତ ଜିଲ୍ଲା ଏବଂ ସ୍ୱତନ୍ତ୍ର ଟାସ୍କ ଫୋର୍ସର ଏହି ସଫଳତାକୁ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଏହିପରି ଅଭିଯାନ ଜାରି ରହିବା ସହ ନିଶା ବ୍ୟବସାୟୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି।

# ଗୁଇନ୍ଦା ବାହିନୀ ସତର୍କ

ଦିଲ୍ଲୀର ଲାଲକିଲ୍ଲାରେ ଘଟିଥିବା କାର ବୋମା ବିସ୍ଫୋରଣ ଘଟଣାରେ ତଦନ୍ତ ବେଳେ ଯେଉଁସବୁ ଚାଞ୍ଚଲ୍ୟକାର ତଥ୍ୟ ପ୍ରକାଶ ପାଇଛି ତାହା ଭାରତରେ ଆତଙ୍କବାଦର ଚେର କେତେ ଗଭୀରକୁ ଯାଇଛି ତାହା ଅନୁମାନ କରାଯାଇପାରିବ। ଏହି ବିସ୍ଫୋରଣରେ ୧୫ଜଣ ପ୍ରାଣ ହରାଇବା ସହିତ ୩୨ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ଅନେକ ଏବେ ବି ଚିକିତ୍ସାଧିନ ଅଛନ୍ତି। ଏହାର ତଦନ୍ତ ଦାୟିତ୍ୱ ଏନଆଇଏକୁ ହସ୍ତାନ୍ତରିତ କରାଯାଇଛି। ତଦନ୍ତ ବେଳେ ଏନଆଇଏ ହରିୟାନା, ଜାମ୍ମୁ-କାଶ୍ମୀର ଏବଂ ୟୁପିରୁ କିଛି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୫ଜଣ ଡାକ୍ତର ଅଛନ୍ତି। ମୁଖ୍ୟ ଅଭିଯୁକ୍ତ ହରିୟାନାର ଅଲଫଲାହ ବିଶ୍ୱବିଦ୍ୟାଳୟ ମେଡିକାଲ କଲେଜରେ ସହକାରୀ ପ୍ରଫେସର ଥିଲେ। ଗତ ୧୦ ତାରିଖରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ କାର ବୋମା ବିସ୍ଫୋରଣ ଘଟଣାର ଦିନକୁ ପୂର୍ବରୁ ହରିୟାନାର ଫରିଦାବାଦରେ ସୁରକ୍ଷା ବାହିନୀ ଦୁଇଟି ଭଡ଼ା ଘରୁ ୨୯୦୦ କେଜିର ବିସ୍ଫୋରକ (ଆମୋନିୟମ ନାଇଟ୍ରେଟ) ଜବତ ହୋଇଥିଲା। ଅଲ ଫଲାହ ବିଶ୍ୱବିଦ୍ୟାଳୟ ପରିସରରେ ଥିବା କୋଠା ନମ୍ବର ୧୭ର ରୁମ ନମ୍ବର ୧୩ ଥିଲା ଆତଙ୍କବାଦୀଙ୍କ ଠିକଣା। ସେଠାରେ ବିସ୍ଫୋରଣ ଘଟଣା ସହ ସମ୍ପୃକ୍ତ ଆତଙ୍କବାଦୀମାନେ ଏକାଠି ହେଉଥିଲେ। ଏମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ନିମନ୍ତେ ଏକ ମୋବାଇଲ ଆପ ପ୍ରସ୍ତୁତ ହୋଇଥିଲା। ଏହାକୁ ପାକିସ୍ତାନରେ ଥିବା ଜଣେ ଜୈଶ-ଇ-ମହମ୍ମଦ ଆତଙ୍କବରଦୀ ନିୟନ୍ତ୍ରଣ କରୁଥିଲା। ଅର୍ଥାତ ଦିଲ୍ଲୀ ବିସ୍ଫୋରଣ ଘଟଣାରେ ପାକିସ୍ତାନ ପ୍ରତ୍ୟକ୍ଷ ବା ପରୋକ୍ଷରେ ସମ୍ପୃକ୍ତ ରହିଛି। ସୁରକ୍ଷା ବାହିନୀ ପକ୍ଷରୁ ଲକ୍ଷ୍ନୌରେ ଚଢ଼ଉ କରାଯାଇ ଜଣେ ମହିଳା ସର୍ଜନଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ଏକେ-୪୭ ସହ ବିପୁଳ ଗୁଳିଗୋଳା ଜବତ କରାଯାଇଛି। ଏମାନେ ଉପରକୁ ଡାକ୍ତର ଭାବେ ସମାଜରେ ପରିଚିତ ଥିଲେ। ଭିତରେ ସେମାନେ ଥିଲେ ସଇତାନ। ସେମାନଙ୍କର ଶିକ୍ଷା, ପେଷା ସବୁ ମୂଲ୍ୟହୀନ। ସେମାନଙ୍କର ପ୍ରଥମ ପରିଚୟ ହେଲା ଆତଙ୍କବାଦୀ। ଏନଆଇଏ ତଦନ୍ତ ବେଳେ ଆଉ କିଛି ରହସ୍ୟ ଉନ୍ମୋଚିତ ହୋଇଛି। ଶ୍ରୀନଗରରୁ ଆତଙ୍କବାଦୀଙ୍କୁ ବୈଷୟିକ ସହାୟତା କରୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ତାଙ୍କ ନାମ ଡାନିସ। ସେ ଆତଙ୍କବାଦୀଙ୍କ ପାଇଁ ରକେଟ ପ୍ରସ୍ତୁତ କରୁଥିଲେ। କାର ବୋମା ବିସ୍ଫୋରଣର କୌଶଳ ସେ ହିଁ ଶିଖାଇଥିଲେ। ଏନଆଇ ତଦନ୍ତ ବେଳେ ଏହା ଜଣାପଡ଼ିଛି ଯେ, ଆତଙ୍କବାଦୀମାନେ ଆସନ୍ତା ଡିସେମ୍ବର ୬ରେ ବାବରୀ ମସଜିଦ ଭଙ୍ଗ ଘଟଣାର ୩୩ ବର୍ଷ ପୂର୍ତ୍ତୀ ଅବସରରେ ଦେଶର ବିଭିନ୍ନ ସ୍ଥାନରେ ସିରିଜ ବିସ୍ଫୋରଣ ପାଇଁ ଯୋଜନା କରିଥିଲେ। ବାବରୀ ମସଜିଦ ଭଙ୍ଗ ଘଟଣାର ପ୍ରତିଶୋଧ ନେବାକୁ ସେମାନେ ଏଭଳି କରିବାକୁ ଯୋଜନା କରିଥିଲେ। ଏଥିରେ ବହୁ ନିରୀହ ବ୍ୟକ୍ତି ପ୍ରାଣ ହରାଇଥାଆନ୍ତେ। କିନ୍ତୁ ସେମାନଙ୍କ ଯୋଜନା ଭଣ୍ଡୁର ହୋଇଗଲା ବୋଲି କୁହାଯାଇପାରେ। ହରିୟାନା, ୟୁପି, ଗୁଜରାଟ ଆଦି ରାଜ୍ୟରୁ ଅନେକ ଆତଙ୍କବାଦୀ ଗିରଫ ହେବା ଏବଂ ବିପୁଳ ପରିମାଣର ବିସ୍ଫୋରକ ଜବତ ହେବା ପରେ ଆତଙ୍କବାଦୀମାନେ ଭୟଭୀତ ହୋଇଯାଇଥିଲେ। ଦିଲ୍ଲୀ ବିସ୍ଫୋରଣ ଏକ ଆତ୍ମଘାତୀ ବିସ୍ଫୋରଣ ବୋଲି କୁହାଯାଉଥିବା ବେଳେ ଏନଆଇଏ ଏହାକୁ ଅସ୍ୱୀକାର କରିଛି। ଏହା ଏକ ଦୁର୍ଘଟଣା ଥିଲା ବୋଲି ଏନଆଇ ପକ୍ଷରୁ କୁହାଯାଇଛି। ଆତଙ୍କବାଦୀମାନେ ବଡ଼ ଧରଣର ବିସ୍ଫୋରଣ ଯୋଜନା କରୁଥିବା ବେଳେ ଲାଲକିଲ୍ଲା ନିକଟରେ ଆକସ୍ମିକ ଭାବେ ବିସ୍ଫୋରଣ ହୋଇଥିଲା। ଯାହା ବି ହେଉ ଏଥିରେ ୧୫ଜଣ ପ୍ରାଣ ହରାଇବା ଏକ ବଡ଼ ଅଘଟଣ ବୋଲି କୁହାଯାଇପାରେ। ଏହି ଘଟଣା ପରେ ସାରା ଦେଶରେ ସୁରକ୍ଷା ବାହିନୀ ଏବଂ ଗୁଇନ୍ଦା ବାହିନୀ ସତର୍କ ହୋଇଯାଇଛି। ଆତଙ୍କବାଦୀମାନେ ଯେ କୌଣସି ରୂପରେ, ଯେକୌଣସି ସ୍ଥାନରେ ଆକ୍ରମଣ କରିପାରନ୍ତି।

# ଭଗବାନଙ୍କୁ ପାଇବା କିପରି ?

॥ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ॥

*“ମାନବତ୍ୱରୁ ଦୈବତ୍ୱକୁ ଯିବାକୁ ପ୍ରସ୍ତୁତ ହେବା। ଏଥିପାଇଁ କୁଆଡ଼େ ଦୂରବାଟ ଯିବାକୁ ପଡ଼ିବ ନାହିଁ। ଗଛରେ ଯେତେବେଳେ ଫୁଲଟିଏ ଫୁଟେ, ସେତେବେଳେ ଫଳ କେଉଁଠି ଅଛି ଖୋଜିବା ଦରକାର ପଡ଼େ କି ? ସେଇ ଫୁଲଟି କ୍ରମଶଃ ଫଳରେ ପରିଣତ ହୁଏ। ଫଳ ବଢ଼ି ପାକଳ ହୁଏ ଏବଂ ଯଥା ସମୟରେ ପାଚିଯାଏ। ସେତେବେଳେ ଫଳ ମଧୁର ରସରେ ପରିପୂର୍ଣ୍ଣ ହୋଇଯାଏ। ଏଇ ରସ ଆସ୍ୱାଦନ କରିବା ପାଇଁ ଆମେ ଫୁଲକୁ ପାଚିଲା ଫଳ କରିବା ପର୍ଯ୍ୟନ୍ତ କ'ଣ ଚେଷ୍ଟା କରିଥିଲୁ କି ?*

ଜଗତରେ ମନୁଷ୍ୟର ଜୀବନ ଚାରି ପ୍ରକାର ଦେଖିବାକୁ ମିଳେ । ତାହା ହେଉଛି ନିକୃଷ୍ଟ ଜୀବନ, ସାମାନ୍ୟ ଜୀବନ, ସଫଳ ଜୀବନ ତଥା ମହତ୍ତ୍ୱପୂର୍ଣ୍ଣ ଜୀବନ । ଅପରାଧରେ ଲିପ୍ତ ରହୁଥିବା ନରାଧମଙ୍କ ଜୀବନ ନିକୃଷ୍ଟ ଜୀବନ । ଏଭଳି ବ୍ୟକ୍ତି ନିଜର ନୀଚ କର୍ମ ଦ୍ୱାରା ନିଜର ଜୀବନ ବ୍ୟର୍ଥ କରିଥାନ୍ତି ତଥା ଅନ୍ୟର ଜୀବନରେ ଅନେକ ପ୍ରକାର ସମସ୍ୟା ସୃଷ୍ଟି କରନ୍ତି । ଏହିଭଳି ବ୍ୟକ୍ତି ସମାଜ ପାଇଁ ଅମଙ୍ଗଳକାରକ । ତେଣୁ ଏହି ବ୍ୟକ୍ତିଙ୍କୁ ସମାଜ ହେୟ ଦୃଷ୍ଟିରେ ଦେଖିଥାଏ । ନିଜର ତଥା ନିଜ ପରିବାରକୁ ଉଚିତ ବୃତ୍ତି ଉପାୟରେ ଭରଣ ପୋଷଣ କରୁଥିବା ଏବଂ ସାମାନ୍ୟ ଜୀବନ ଅତିବାହିତ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ପେଟ ପାଇଁ କାମ କରିବା ଏହି ଧରରଣର ଲୋକଙ୍କ ମୁଖ୍ୟ ଉଦ୍ଦେଶ୍ୟ । ମୋଟ ଉପରେ କହିଲେ ନିଜର ତଥା ନିଜ ପରିବାରର ଭରଣପୋଷଣ ପାଇଁ ଏଭଳି ଲୋକ୍ ଖୁବ୍ କମ୍ ଭୁଲ କାର୍ଯ୍ୟ କରନ୍ତି । ଏହିଭଳି ବ୍ୟକ୍ତି ସାମାନ୍ୟ ଜୀବନଯାପନ କରୁଥିବା ଶ୍ରେଣୀରେ ଆସିଥାନ୍ତି । ସାମାନ୍ୟ ଜୀବନ ଯାପନ କରୁଥିଲେ ହେଁ କୌଣସି କ୍ଷେତ୍ରରେ ବିଶେଷ ଉପଲବ୍ଧି ଅର୍ଜନ କରିଥିବା ଲୋକଙ୍କ ଜୀବନକୁ ସଫଳ ଜୀବନ କୁହାଯାଏ । କିଛି ଦିନ ପର୍ଯ୍ୟନ୍ତ ସମାଜ ତାଙ୍କୁ ମନେରଖେ । ତାଙ୍କଠାରୁ କୌଣସି ବ୍ୟକ୍ତି ସଫଳତା ଅର୍ଜନ କଲେ ଉକ୍ତ ବ୍ୟକ୍ତିର ସଫଳତା ନ୍ୟୂନ ହୋଇଯାଏ । ଏହିଭଳି ବ୍ୟକ୍ତି ସଫଳ ଜୀବନ ଅତିବାହିତ କରୁଥିବା ବର୍ଗରେ ଆସିଥାନ୍ତି । ଯେଉଁ ବ୍ୟକ୍ତି ଅନ୍ୟର ଦୁଃଖକୁ ଦୂର କରିବାରେ ସଂପୃକ୍ତ ରହିଥାନ୍ତି, ନିଜର ଦୁଃଖକୁ ଖାତିର କରନ୍ତି ନାହିଁ, 'ବହୁଜନ ହିତାୟ ବହୁଜନ ସୁଖାୟ'କୁ ଆଧାର ଭାବେ ଗ୍ରହଣ କରି ଯିଏ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଶ୍ୱମଙ୍ଗଳ ପ୍ରକ୍ରିୟାରେ ଜଡ଼ିତ ହୋଇଯାଏ ସେ ମହତ୍ତ୍ୱପୂର୍ଣ୍ଣ ଜୀବନକାରୀ ହୋଇଥାନ୍ତି । ଏହି ମହାପୁରୁଷଙ୍କ କୀର୍ତ୍ତି ପତାକା ଯୁଗ ଯୁଗ ଧରି ଅମର ରହେ । ସାଧାରଣତଃ ପ୍ରତ୍ୟେକ ସମାଜରେ ଚାରି ପ୍ରକାରର ବ୍ୟକ୍ତିଙ୍କ ଉପସ୍ଥିତି ଦେଖିବାକୁ ମିଳେ । ଏଥିପାଇଁ ସମାଜରେ ଅପରାଧ, ଜୀବନ ସଂଘର୍ଷ, ତ୍ୟାଗବୃତ୍ତି ଏବଂ ପରମାର୍ଥଙ୍କ ହିତ ପାଇଁ ସ୍ୱୟଂକୁ ବଳିଦାନ ଦେଉଥିବା ଲୋକ ସମୟ ସମୟରେ ଆମ ସମ୍ମୁଖକୁ ଆସିଥାନ୍ତି । ପ୍ରତ୍ୟେକ ବ୍ୟକ୍ତିକୁ ଏହି ଚାରି ପ୍ରକାରର ବ୍ୟକ୍ତିଙ୍କ ମଧରେ ଜୀବନ ଅତିବାହିତ କରିବାକୁ ହୁଏ । ମନୁଷ୍ୟ ଆତ୍ମଜ୍ଞାନର ଅନ୍ୱେଷଣରେ ଅନେକ ପ୍ରକାର ଆଧ୍ୟାତ୍ମିକ ସାଧନା କରୁଛି। ଜଣେ ସବୁ ଶାସ୍ତ୍ର ଅଧ୍ୟୟନ କରିପାରେ, ପବିତ୍ର ସ୍ଥାନଗୁଡ଼ିକୁ ତୀର୍ଥଯାତ୍ରା କରିପାରେ, ଗୁରୁଙ୍କର ଦିଗ୍‌ଦର୍ଶନ ଲାଭ କରିପାରେ କିମ୍ବା ଅନ୍ୟ ପ୍ରକାର ସାଧନା କରିପାରେ, କିନ୍ତୁ ସେ ନିଜର ଆତ୍ମାକୁ ହୃଦୟଙ୍ଗମ କରିବା ପାଇଁ ନିଜର ଦୃଷ୍ଟିକୁ ଅନ୍ତର୍ମୁଖୀ ନ କଲେ ଏହିସବୁ ଉପାୟରେ ଆତ୍ମୋପଲବ୍ଧି କରିପାରିବ ନାହିଁ। ଯଦି ଜଣେ ନିଜର ସ୍ୱଭାବକୁ ହୃଦୟଙ୍ଗମ କରିପାରିବ ନାହିଁ ତେବେ ସେ ତା'ଭିତରେ ଥିବା ଦିବ୍ୟତ୍ୱର ଉପଲବ୍ଧି କରିବାକୁ କିପରି ଆଶାକରି ପାରିବ ? ବସ୍ତୁତଃ ଜଣେ ନିଜର ମାନବୀୟ ଗୁଣାବଳୀର ଉପଲବ୍ଧି କଲେ ହିଁ ସେ ଭଗବତ ଉପଲବ୍ଧି ଅଭିମୁଖେ ଅଗ୍ରଗତି କରିବାକୁ ସକ୍ଷମ ହେବ।

ଭଗବାନ ସଂସାରର ଏ ବିରାଟ ନାଟକର ପରିଚାଳକ। ସେ ଲୋକ ନାଟକ ସୂତ୍ରଧାରୀ। ସୂତ୍ରଧରି ସଂସାରର ଏ କଣ୍ଢେଇ ନାଚ ସେ ପରିଚାଳନା କରନ୍ତି। ମାତ୍ର ସୂତ୍ରଧର କେବେହେଲେ ପ୍ରକୃତ ରୂପକ ପରଦା ଆଢ଼େଇ ଆଗକୁ ଆସନ୍ତି ନାହିଁ। ତେଣୁ ପରଦା ପଛରେ ଥିବା ଈଶ୍ୱରଙ୍କୁ ଦେଖିବାକୁ ହେଲେ ଦୃଷ୍ଟିକୁ ଅନ୍ତର୍ମୁଖୀ କରିବା। ଯାହାଦ୍ୱାରା ତାଙ୍କୁ ଦେଖି ପାରିବା। ଦୃଷ୍ଟିକୁ ଅନ୍ତର୍ମୁଖୀ କରିବା ସକାଶେ ଧର୍ମଶାସ୍ତ୍ର ଅଧ୍ୟୟନ କରିବା ଦରକାର। ସତ୍ୟସନ୍ଧ ହେବା, ଅସତ୍ୟକୁ ସତ୍ୟ ବୋଲି ଗ୍ରହଣ କରିବାନାହିଁ। ଶ୍ରବଣ, ମନନ ଏବଂ ନିଦିଧ୍ୟାସନ ଆଧ୍ୟାତ୍ମିକ ପ୍ରଗତି ନିମନ୍ତେ ଏକାନ୍ତ ଆବଶ୍ୟକ। ଖାଦ୍ୟ ପ୍ରସ୍ତୁତ କରିବା ଶ୍ରବଣ, ତାକୁ ଖାଇବା ମନନ ଓ ହଜମ ହୋଇ ସାରିଲେ ତାହା ଦେହରେ ଶକ୍ତି ସଂଚାର କରେ, ତାହା ନିଦିଧ୍ୟାସନ। ସେହିପରି ଯାହା ଶୁଣିଲେ ସେ ସବୁ ଜୀବନରେ ପାଳନ ନକଲେ ଆଧ୍ୟାତ୍ମିକ ଜୀବନ ସଫଳ ହୁଏନାହିଁ। ଶ୍ରବଣ, ମନନ ଓ ନିଦିଧ୍ୟାସନ ନିମନ୍ତେ କୌଣସି ବୟସ ସୀମା ନାହିଁ।

ମାନବତ୍ୱରୁ ଦୈବତ୍ୱକୁ ଯିବାକୁ ପ୍ରସ୍ତୁତ ହେବା। ଏଥିପାଇଁ କୁଆଡ଼େ ଦୂରବାଟ ଯିବାକୁ ପଡ଼ିବ ନାହିଁ। ଗଛରେ ଯେତେବେଳେ ଫୁଲଟିଏ ଫୁଟେ, ସେତେବେଳେ ଫଳ କେଉଁଠି ଅଛି ଖୋଜିବା ଦରକାର ପଡ଼େ କି ? ସେଇ ଫୁଲଟି କ୍ରମଶଃ ଫଳରେ ପରିଣତ ହୁଏ। ଫଳ ବଢ଼ି ପାକଳ ହୁଏ ଏବଂ ଯଥା ସମୟରେ ପାଚିଯାଏ। ସେତେବେଳେ ଫଳ ମଧୁର ରସରେ ପରିପୂର୍ଣ୍ଣ ହୋଇଯାଏ। ଏଇ ରସ ଆସ୍ୱାଦନ କରିବା ପାଇଁ ଆମେ ଫୁଲକୁ ପାଚିଲା ଫଳ କରିବା ପର୍ଯ୍ୟନ୍ତ କ'ଣ ଚେଷ୍ଟା କରିଥିଲୁ କି? ଏହା ଆପେ ଆପେ ହୁଏ। ଆମକୁ ଖାଲି ଫୁଲକୁ ଓ ପାକଳ ଫଳକୁ ଜଗିବାକୁ ପଡ଼େ, ଯେମିତି ଏହା କୌଣସି କାରଣରୁ ନଷ୍ଟ ହୋଇ ନଯାଏ। ତାହାହେଲେ ସ୍ୱାଭାବିକ ଏବଂ ପ୍ରାକୃତିକ ଉପୟରେ ସେ ଫଳ ମଧୁର ରସରେ ପରିପୂର୍ଣ୍ଣ ହୋଇଯାଏ। ସେହିପରି ଦୈବତ୍ୱ ଲାଭ କରିବାକୁ ଆମକୁ କୁଆଡ଼େ ଯିବାକୁ ପଡ଼ିବ ନାହିଁ। ମାନବତ୍ୱକୁ ଉତ୍ତମ ରୂପେ ସୁରକ୍ଷା କରିବା। ଦାନବତ୍ୱ ଯେମିତି ତାକୁ ନଷ୍ଟ କରି ନଦିଏ। ମାନବ ତାହାର ସହଜ ସ୍ୱାଭାବିକ ଧର୍ମରେ ବଢ଼ି ବଢ଼ି ମାଧବରେ ପରିଣତ ହେବ। ଫୁଲଟିଏ ପାଚିଲା ଫଳରେ ପରିଣତ ହେବା ଯେମିତି କୌଣସି ଇନ୍ଦ୍ରଜାଲ ନୁହେଁ, ମଣିଷ ଦେବତାରେ ପରିଣତ ହେବା ସେମିତି କୌଣସି ଭୋଜ ବିଦ୍ୟା ନୁହେଁ। ଏହା ସ୍ୱାଭାବିକ। ଜପ, ଧ୍ୟାନ, ଯଜ୍ଞ, ଶାସ୍ତ୍ରଜ୍ଞାନ, ତୀର୍ଥଯାତ୍ରା ପ୍ରଭୃତି ଆଧ୍ୟାତ୍ମିକ କର୍ମମାନ ନିଃସ୍ୱାର୍ଥ ସେବାର ସମକକ୍ଷ ନୁହନ୍ତି । କେବଳ ନିଜ ପାଇଁ ମୁକ୍ତି ଚାହିଁବା ଠିକ୍ ନୁହେଁ, ଅନ୍ୟମାନଙ୍କ ମୁକ୍ତି ପାଇଁ ଉଦ୍ୟମ କରିବା ଉଚିତ ତାହା ହିଁ ପ୍ରକୃତ ସେବା । ପ୍ରତ୍ୟେକ ମଣିଷର ଗୋଟିଏ ଶରୀର ଅଛି, ତାହା ହେଉଛି ରଥସଦୃଶ । ଏଥିରେ ସାରଥି ହେଉଛି ଆତ୍ମା । ଏହା ଏକ ଶାସ୍ୱତ ସତ୍ୟ ଏବଂ ମାନବ ଜାତିର ବିବିଧତା ମଧ୍ୟରେ ଏକତ୍ୱ, ଏହି ଭିତ୍ତିଭୂମି ଉପରେ ପର୍ଯ୍ୟବେସିତ ।

ପ୍ରେମ ହିଁ ଈଶ୍ୱର। ମନୁଷ୍ୟର ତିନୋଟି ଆଦର୍ଶ ରହିବା ଉଚିତ। ଦୈବ ପ୍ରୀତି, ପାପଭୀତି ଓ ସଙ୍ଘନୀତି। ଏହି ଆଦର୍ଶଗୁଡ଼ିକ ବ୍ୟକ୍ତି, ପରିବାର ଓ ସମାଜର ଉତ୍‌ଥାନରେ ସହାୟକ ହେବ। ଏହି ପବିତ୍ର ଦେଶରେ ଅନେକ ମୁନି-ଋଷି ମାନଙ୍କ ଦ୍ୱାରା ପବିତ୍ର ଆଦର୍ଶ ଅନୁସୃତ ହୋଇଆସିଛି। ସେଥିପାଇଁ ଅନେକ ଆହ୍ୱାନ ଓ ବାଧାବିଘ୍ନ ସତ୍ତ୍ୱେ ଭାରତର ସାଂସ୍କୃତିକ ଐତିହ୍ୟ ସୁରକ୍ଷିତ ହୋଇଛି। ଏହା ରହସ୍ୟମୟ, ବିସ୍ମୟକର ଓ ଅମୃତ। ଆମେସବୁ ପାଶ୍ଚାତ୍ୟ ସଂସ୍କୃତିର ଦାସ ହୋଇଯାଇଛୁ ଏବଂ ଆମର ନିଜର ମୂଲ୍ୟବାନ ସଂସ୍କୃତିକୁ ଅବହେଳା କରିଛୁ। ପାଶ୍ଚାତ୍ୟ ଲୋକମାନେ ବର୍ତ୍ତମାନ ଆମ ସଂସ୍କୃତିକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି। ଭାରତୀୟମାନେ ସେମାନଙ୍କର ନିଜ ସଂସ୍କୃତିର ମହତ୍ୱ ଉପଲବ୍ଧି କରି ଏହାର ଅବହେଳା ବନ୍ଦ କରିବା ଉଚିତ। ଆମର ସଂସ୍କୃତି ଶିକ୍ଷା ଦିଏ ଯେ ଗୋଟିଏ ମାତ୍ର ଧର୍ମ ଅଛି, ପ୍ରେମ ଧର୍ମ ଏବଂ ଗୋଟିଏ ମାତ୍ର ଜାତି ଅଛି, ମାନବ ଜାତି। ଆମ ସଂସ୍କୃତି ଆସ୍ତିକ ବା ନାସ୍ତିକ ରାଷ୍ଟ୍ରୀୟତାବାଦୀ, ପ୍ରତ୍ୟେକଙ୍କ ଭିତରେ ଥିବା ପ୍ରେମ ଉପରେ ଆଧାରିତ। ପ୍ରେମ ବିନା କେହି ରହିପାରିବେ ନାହିଁ। ପଶୁ ଓ ପକ୍ଷୀମାନଙ୍କର ମଧ ପ୍ରେମ ଅଛି। ଆମେ ଦେଖିଛେ ଗାଈ କିପରି ନବଜାତ ବାଛୁରୀକୁ ଏତେ କୋମଳ ଭାବରେ ଚାଟେ ଯେ ସେହି ମାତୃସୁଲଭ ସ୍ପର୍ଶରେ ହିଁ ବାଛୁରୀଟି ଉଠି ଠିଆହୁଏ। ସେ ବାଛୁରୀକୁ ସଫାକରି ଦିଏ। ନିର୍ମଳତା ହିଁ ଦିବ୍ୟତ୍ୱ। ନିର୍ମଳତା ବିକଶିତ ହେବା ଉଚିତ। ଏହା ଏକତ୍ୱକୁ ଉତ୍ସାହିତ କରେ ଓ ଦିବ୍ୟତ୍ୱ ଆଡ଼କୁ ଘେନିଯାଏ। କିନ୍ତୁ ତୁମଠାରେ କେବଳ ଶତ୍ରୁତା ଓ ସାମ୍ପ୍ରଦାୟିକତା ରହିଛି। ଏଗୁଡ଼ିକ ପାଶବିକ ଓ ଆସୁରିକ ଗୁଣ। ମଣିଷ ନିଜକୁ ଦିବ୍ୟସ୍ତରକୁ ଉନ୍ନୀତ କରିବାକୁ ଚେଷ୍ଟା କରିବା ଉଚିତ। ସେ ପାଶବିକ ଓ ଆସୁରିକ ସ୍ତରକୁ ଖସିଯିବା ଉଚିତ ନୁହେଁ। ବୈଦିକ ଉପଦେଶ ହେଉଛି 'ସତ୍ୟଂ ବଦ, ଧର୍ମଂ ଚର।' ସତ କହିବା ସହଜ। ମିଛ କହିବା ଓ ତାକୁ ରଖି ପାରିବା ଅତି କଷ୍ଟ। ସତ କହିବା ଦ୍ୱାରା ତୁମେ ଧର୍ମର କାନ୍ଥ ପାଇଁ ମୂଳଦୁଆ ପକାଇଥାଅ। ଏହା ମାଧ୍ୟମରେ ତୁମେ ଶାନ୍ତି ପାଇପାର। ପ୍ରେମର ବିକାଶ କର। ପ୍ରେମ ହିଁ ଈଶ୍ୱର। ପ୍ରେମରେ ବାସକର।

ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା, ଭୁବନେଶ୍ୱର
ଦୂରଭାଷ : ୯୪୩୭୦୨୨୦୬୧

# ପଥଭ୍ରଷ୍ଟ ମାନବ ପାଇଁ ପଦେ

॥ ଅନୀତା ପଟ୍ଟନାୟକ ॥

କଥାରେ ଅଛି, ନ ସୁଖ ଲଭ୍ୟତେ ସୁଖମ। ଏହାର ଅର୍ଥ ପ୍ରକୃତ ସୁଖ ଭୌତିକ ସୁଖ ମାଧ୍ୟମରେ ମିଳେନାହିଁ। କର୍ତ୍ତବ୍ୟ ଜ୍ଞାନରେ କରାଯାଉଥିବା କର୍ମ / କର୍ତ୍ତବ୍ୟ ଓ ଉତ୍ସର୍ଗଭାବ ଦ୍ୱାରା ଆବର୍ଜନା, ଶଂସୟ ଓ ମୋହରୁ ମୁକ୍ତି ମିଳିବା ସମ୍ଭବପର ହୋଇଥାଏ। ଶୁଦ୍ଧ ବୁଦ୍ଧି ଓ ନିର୍ମଳତା ସାହାଯ୍ୟରେ ବିଶ୍ୱର ଏକତ୍ୱ ସମ୍ଭବପର ହୋଇଥାଏ। ସର୍ବଂ ବିଷ୍ଣୁମୟଂ ଜଗତଂ, ଇଶାବାସ୍ୟ ଇଦମ ସର୍ବଂ ଏହି ଉକ୍ତିକୁ ଉପଲବ୍ଧି କରିହୁଏ। ବର୍ତ୍ତମାନ ସମୟରେ ଦୂରଦର୍ଶନରେ ଅନେକଥର ରାମାୟଣ ପ୍ରସାରିତ କରାଗଲାଣି, ହେଲେ ରାମାୟଣରେ ଦର୍ଶାଯାଇଥିବା ମନ୍ଥରାର କ୍ରୋଧ, ସୂର୍ପଣଖାର କାମଜାବ, ଲକ୍ଷ୍ମଣଙ୍କର ତ୍ୟାଗଭାବ, ରାମଙ୍କର ବୈରାଗ୍ୟ ଭାବ, ସୀତାଙ୍କର ଏକ ପତ୍ନୀ ବ୍ରତ, ଏସବୁକୁ କେହି ଅନୁଧ୍ୟାନ କରୁନାହିଁ। ଦୁଷ୍ଟ ପ୍ରଭାବରୁ ମନକୁ କିପରି ନିୟନ୍ତ୍ରଣ କରାଯିବ ତାହା ରାମାୟଣରେ ସୂଚନା ଦିଆଯାଇଥିଲେ ମଧ ତାହାକୁ କେହି ଅନୁସରଣ କରନ୍ତି ନାହିଁ।

ସେଥିପାଇଁ କିଛି କିଛି ପଇସା ସଞ୍ଚୟ କରି ମୋର ସ୍ୱାମୀ ଓ ମୁଁ, ମୋର ପୁଅଝିଅ ପୁରୀ ଅଭିମୁଖେ ବାହାରିଲୁ। ବସରେ ଯାଉଥିବା ସମୟରେ ଅନେକ ଯାତ୍ରୀଙ୍କ ସହ କଥୋପକଥନ ହେଲା ଆମ ପାଖରେ ବସିଥିବା ଜଣେ ଯାତ୍ରୀ ଆଉ ଜଣେ ଯାତ୍ରୀକୁ ବଡ଼ ପାଟିରେ କହୁଥାଏ ଏ ଲୋକ ଗୁଡ଼ିକ ପାଗଳ ହୋଇଗଲେଣି। ମନ୍ଦିର ବେଢ଼ା ପରିକ୍ରମା ପାଇଁ ନିର୍ମାଣ କାର୍ଯ୍ୟ ଚାଲୁଛି ତେଣୁ ସିଂହଦ୍ୱାର ଛଡ଼ା ଅନ୍ୟ ଦ୍ୱାରରେ ଯିବା ନିଷିଦ୍ଧ କରାଯାଇଛି। ଲୋକେ ବର୍ତ୍ତମାନ ଘଣ୍ଟା ଘଣ୍ଟା ଧରି କଷ୍ଟ କରି ଠିଆ ହେଉଛନ୍ତି। ମନଭରି ଜଗନ୍ନାଥଙ୍କୁ ଦେଖିବାର ସୁଯୋଗ ପାଉନାହାଁନ୍ତି। ମୋର କଣ ନଥିଲା ? ଧନ ସଂପତ୍ତି, ପ୍ରତିପତ୍ତି, ସ୍ତ୍ରୀ ସବୁକିଛି ଜଗନ୍ନାଥ ଛଡ଼ାଇ ନେଇଥିବାରୁ ଓ ମତେ ଦାଣ୍ଡର ଭିକାରୀ କରି ଦେଇଥିବାରୁ ମୁଁ ଆଜିକାଲି ଆଉ ଜଗା ଦର୍ଶନ କରୁନାହିଁ।

ଏକଥା ମୋ ପୁଅ ମନକୁ ବଡ଼ ପାଇଲା। କହିଲା ବାପା ଏତେ କଷ୍ଟ କରିବା କାହିଁକି ? ଅନ୍ୟତ୍ର କେଉଁଆଡ଼େ ବୁଲି ଯାଇଥିଲେ ଭଲ ହୋଇଥାନ୍ତା। ଏତେ କଷ୍ଟ କରିବା ଅପେକ୍ଷା ସବୁକିଛି ହରାଇବା ଅପେକ୍ଷା ସମୁଦ୍ର କୂଳ ବୁଲି ହୋଟେଲରେ ଖାଇ, କୋଣାର୍କ, ଚନ୍ଦ୍ରଭାଗା ବୁଲି ଆସିଲେ ଭଲ ଲାଗିବ। ଝିଅ ରୂପା ମନକୁ ମଧ ଭାଇର କଥା ଭଲ ପାଇଲା। ସେ କହିଲା ବାପା! ସମୁଦ୍ରକୂଳ ବୁଲି ସିଧା ଭୁବନେଶ୍ୱରକୁ ଫେରି ନନ୍ଦନକାନନକୁ ଯିବା। ଆଜି ମୋର ଅନେକ ସାଙ୍ଗ ସେଠାରେ ବଣଭୋଜି କରୁଛନ୍ତି। କିନ୍ତୁ ତୁମର ଏହି ଆଧ୍ୟାତ୍ମିକ ପର୍ଯ୍ୟଟନ ମତେ ଭଲ ଲାଗୁନାହିଁ। ମୁଁ ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲି ଭକ୍ତି ଓ ସମର୍ପଣ ଭାବକୁ ଛାଡ଼ି ଛୋଟ ପିଲା ତାର ଖେଳନା ଖେଳିବାକୁ ଭଲ ପାଆନ୍ତି। ଖେଳନା ଭାଙ୍ଗିଗଲେ ସେମାନେ କାନ୍ଦନ୍ତି। ସେହିପରି କ୍ଷମତା ସୌଭାଗ୍ୟ, ପରିବାର ରୂପକ ଖେଳନାକୁ ପାଇ ମନୁଷ୍ୟ ଭଗବାନଙ୍କୁ ଭୁଲିଯାଏ ଓ ଏଗୁଡ଼ିକ ଚାଲିଗଲେ ସେ ନିଜର କ୍ଷମତା, ସୌଭାଗ୍ୟ ଓ ପରିବାରକୁ ଫେରି ପାଇବା ପାଇଁ ସେ କ୍ରନ୍ଦନ କରେ ଓ ମୋ ପ୍ରଭୁ ଜଗନ୍ନାଥଙ୍କୁ ନିନ୍ଦା କରେ। ତେଣୁ ମୁଁ ଜଗା ଦର୍ଶନ ବିନା ଅନ୍ୟ କେଉଁଆଡ଼େ ଯିବିନାହିଁ। ମୋର ସ୍ୱାମୀ କହିଲେ, ମନୁଷ୍ୟ ନିକଟରେ ଭାଷା, ବିବେକ, ଭକ୍ତିର ଅବର୍ଣ୍ଣନୀୟ ସନ୍ତୋଷ ଅଛି, କିନ୍ତୁ ସେ ଜୀବନକୁ କିପରି ବ୍ୟବହାର କରୁଛି ତାହାକୁ ଅନୁଧ୍ୟାନ କରୁନାହିଁ। ଅଗ୍ନିରେ ଦହନଶକ୍ତି ଥାଏ। ଜଳରେ ଆର୍ଦ୍ର କରିବାର ଶକ୍ତି ଥାଏ, ତେଣୁ କଷ୍ଟ କରି ପ୍ରଭୁଙ୍କର ଦର୍ଶନ କରିବାର ଶକ୍ତି ମନୁଷ୍ୟକୁ ଦିଆଯାଇଛି। ଏହାକୁ ତୁମେ ପିଲାମାନେ ଭୁଲିଯିବା ଉଚିତ ନୁହେଁ। ସାପ କାମୁଡ଼ାରେ କଷ୍ଟ ପାଉଥିବା ଲୋକକୁ ଲଙ୍କା ଚୋବାଇବାକୁ ଦିଆଯାଏ କାରଣ ବିଷର ପ୍ରକ୍ରିୟା ଚାଲିଥିବା ପର୍ଯ୍ୟନ୍ତ ଲଙ୍କାର ରାଗ ଲାଗେ ନାହିଁ। ସାଂସାରିକ ଇନ୍ଦ୍ରିୟ ବିଷ ଜୋର ଧରିଥିବା ପର୍ଯ୍ୟନ୍ତ ପୂଜା, ଜପ, ଧ୍ୟାନ ଶୁଷ୍କ ଲାଗେ ମଣିଷ ଖବରକାଗଜରେ ବାହାରିଥିବା ଗୁଜବ, ସହଯାତ୍ରୀଙ୍କର ଗୁଜବରେ ବିଶ୍ୱାସ କରେ। କିନ୍ତୁ ଶ୍ରୀକୃଷ୍ଣ ଗୀତାରେ ଅର୍ଜ୍ଜୁନଙ୍କୁ ଯେଉଁ ଶିକ୍ଷା ଦେଇଥିଲେ ଓ ବ୍ୟାସଦେବ ରଚନା କରିଥିବା କଥାକୁ ବିଶ୍ୱାସ କରିବାକୁ ନାରାଜ। ସମ୍ବାଦପତ୍ର ଇନ୍ଦ୍ରିୟ ମାନଙ୍କୁ ଖାଦ୍ୟ ଯୋଗାଇ ପାରୁଚି ଓ ଇନ୍ଦ୍ରିୟ ଭୋଗ, ବ୍ୟାକୁଳତାକୁ ତୁଷ୍ଟକରି ପାରୁଛି। କିନ୍ତୁ ଗୀତା ତ୍ୟାଗ ଓ ଶରଣାଗତି ଓ ଇନ୍ଦ୍ରିୟ ବାସନା ଉର୍ଦ୍ଧରେ ରହିବାକୁ ନିର୍ଦ୍ଦେଶ ଦେଉଥିବାରୁ ତାହା ଭଲ ଲାଗୁନାହିଁ। ଏହାକୁ ହିଁ ଅଜ୍ଞତା, ଦୁର୍ଭାଗ୍ୟଜନକ ଓ ପଥଭ୍ରଷ୍ଟ କୁହାଯାଏ।

ରୂପା କହିଲା ମନ୍ଦିର ଭିତରେ ନଖାଇ ଏକ ବାତାନୁକୂଳ ହୋଟେଲରେ ଆମିଷ ଭୋଜନ କଲେ ଭଲ ହୋଇଥାନ୍ତା। ମୁଁ କହିଲି ରୋଗାକ୍ରାନ୍ତ ହୋଇଯିବା ପରେ ଆଉ ଦୁଃଖ କରି ଲାଭ କ'ଣ ? ସ୍ୱାସ୍ଥ୍ୟକୁ ନଷ୍ଟ କରିବାର ପ୍ରଥମ ଭୁଲ ପଦକ୍ଷେପ ନେଲାବେଳେ ବରଂ ଦୁଃଖ କରିବା ଉଚିତ। ମିତାହାର ଓ ମାତ୍ରାହାର ଅଭ୍ୟାସ କରିପାରିଲେ ଜଣେ ଆଧ୍ୟାତ୍ମିକ ଜୀବନର ଭିତ୍ତି ସ୍ଥାପନା କରିପାରିବ। ମାଦକ ଦ୍ରବ୍ୟ ସେବନ କଲେ, ବେଗ, ଆବେଗ, ବୃତ୍ତି, ପ୍ରବୃତ୍ତି ମନୋଭାବ କଥାବାର୍ତ୍ତା, ଚାଲିଚଳନ ସବୁ ଅସଜ୍ଞତ ହୋଇପଡ଼େ। ମନୁଷ୍ୟ ପଶୁ ସ୍ତରକୁ ଖସିଯାଏ। ମାଂସହାର ଦ୍ୱାରା ପଶୁ ପ୍ରବୃତ୍ତି ଓ ପଶୁମାନଙ୍କର ରୋଗ ଦେଖାଯାଏ। ରାଜସିକ ସେବନ ଦ୍ୱାରା ମନ ଅବାଧ୍ୟ ହୁଏ। ତାମସିକ ଖାଦ୍ୟ ଯାହା ରୁଚିକର ସେଥିରେ ମନ ଆଉ ପୁର୍ନଗଠିତ ହୋଇପାରିନଥାଏ। ଆମର କି ଭାଗ୍ୟ ପୁରୀରେ ପହଞ୍ଚିବା କ୍ଷଣି ଶୁଣିଲୁ ଚାରି ଦ୍ୱାର ଖୋଲି ଦିଆଯାଇଛି। ସରକାର ଶାନ୍ତି ଶୃଙ୍ଖଳା ରକ୍ଷା କରାଇଥିବାରୁ ସୁନ୍ଦର ଜଗା ଦର୍ଶନ କରି, ଆନନ୍ଦ ବଜାରରେ ପେଟ ଭରି ଖାଇ ଜଗାର ଗୁଣକୁ ଗାନ କରି କରି ଘରକୁ ଫେରିଲୁ। କି ବିସ୍ମୟକର ଦେବତା।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# ଜୀବନ ଅଧ୍ୟୟନ

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

ଆମ ଦେଶ ଭାରତବର୍ଷରେ ପାଞ୍ଚଲକ୍ଷ ଗାଁ ଅଛି। ସେଥିରେ ଲୋକମାନେ ସୁଖ ସୁବିଧାରେ ରହିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ସରକାର ଲୋକଙ୍କ ହିତ ପାଇଁ ଅନେକ ପ୍ରକାର ଯୋଜନା କରୁଛନ୍ତି। କିନ୍ତୁ ସେ ସବୁ କାର୍ଯ୍ୟକାରୀ ହେବାର ଦେଖାଯାଉ ନାହିଁ। କେବଳ ସରକାର ଯେ ଚେଷ୍ଟା କରି ଗାଁ ଲୋକଙ୍କୁ ଆରାମରେ ରଖିପାରିବେ ଏମିତି ଭାବିବା ଭୁଲ। ଏଥିପାଇଁ ଲୋକମାନଙ୍କର ସହଯୋଗ, ସାହାଯ୍ୟ ଏବଂ ସଦିଚ୍ଛା ଲୋଡ଼ା ହୁଏ। ଗୋଟିଏ ଫୁଲରେ କଣ ବଗିଚାଟିଏ ହୋଇପାରିବ ? ଜଣେ ଲୋକ କ'ଣ ଦ୍ରୁତ ବେଗରେ ଚାଲିଥିବା ଦୁନିଆଁକୁ ବଦଳାଇ ଦେଇପାରିବ? ନାଇଁ, ଏହା ଅସମ୍ଭବ। ଆଜି ଆମ ଭାରତବର୍ଷରେ ୨୪.୬୪ କୋଟି ଟିକିପିଲା ଅଛନ୍ତି। ସେଥିମଧ୍ୟରୁ ୯.୩୬ କୋଟି ପିଲା ଭିକ୍ଷା କରି ବଞ୍ଚନ୍ତି। ତେଣୁ ସେମାନଙ୍କ ଭାଗ୍ୟ ବଦଳେଇବା ଆମର ଦାୟିତ୍ୱ।

ବଡ଼ ମଣିଷକୁ ବଦଳେଇବା ଆଉ ସମ୍ଭବ ନୁହେଁ। ଯେଉଁ ଗଛର ଡାଳ ବାଙ୍କି ଯାଇଛି ତାକୁ ଆଉ ସଳଖ କରିବା ସମ୍ଭବ ନୁହେଁ। କିନ୍ତୁ ଟିକି ଚାରା ଗଛଟିକୁ ଠିକ୍ ଭାବରେ ବଢ଼େଇ ହେବ। ତେଣୁ ଭାରତର ପ୍ରତ୍ୟେକ ବଡ଼ ମଣିଷ ଟିକି ଟିକି ଛାତ୍ରଛାତ୍ରୀମାନଙ୍କର ଉନ୍ନତି ପାଇଁ କାମ କରିବା ଉଚିତ। ଧର୍ମ କରିବା ପାଇଁ ମଣିଷକୁ ଧନ ଦିଆଯାଇଛି; ଉପଭୋଗ ପାଇଁ ନୁହେଁ। ଆମ ପ୍ରତ୍ୟେକ ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଏବଂ ଗୋଟିଏ ଚିକିତ୍ସାଳୟ ବସାଇବା ପାଇଁ ଆଜି ଶପଥ ନେବା ଉଚିତ। ସାନ ସାନ ଛାତ୍ରଛାତ୍ରୀମାନେ ଏହାଦ୍ୱାରା ଯଥେଷ୍ଟ ଉପକୃତ ହେବେ। ଅନ୍ୟ ରାଷ୍ଟ୍ରମାନଙ୍କ ସମ୍ମୁଖରେ ଭାରତବର୍ଷକୁ ଆଦର୍ଶ ଦେଶର ଆସନ ଦେବାକୁ ହେଲେ ଆମକୁ ସବୁଠୁ କମ୍ କାମନା ରଖି କାମ କରିବାକୁ ପଡ଼ିବ ଏବଂ କଠିନ ଶାରୀରିକ ପରିଶ୍ରମ କରିବାକୁ ହେବ। ଆଜି ଆମ ଦେଶରେ କାହିଁକି ଏତେ ମାତ୍ରାରେ ଦୁର୍ଦ୍ଦଶା ରହିଛି ଜଣେ ହେଲେ ତାହା ଜାଣି ପାରୁନାହାନ୍ତି। ଅନ୍ନପୂର୍ଣ୍ଣାଙ୍କ ନାମ ଅନୁଯାୟୀ ନାମିତ ହୋଇଥିବା ଏହି ପବିତ୍ର ଦେଶ ଭାରତବର୍ଷରେ ଖାଦ୍ୟାଭାବ ରହିଛି ବୋଲି ଆମ ନେତାମାନେ କହି ବୁଲୁଛନ୍ତି, ଭାରତରେ କେବେ ହେଲେ ଖାଦ୍ୟ ଅଭାବ ହେବନାହିଁ। ଏହାକୁ ବହୁ ଆଧ୍ୟାତ୍ମିକ ନେତାଙ୍କ ଭବିଷ୍ୟତ ବାଣୀ।

ଜନସଂଖ୍ୟା ଦ୍ରୁତଭାବରେ ବଢ଼ୁଛି ବୋଲି ଅନୁଭବ କରି ଆମେମାନେ ଜନସଂଖ୍ୟା ନିୟନ୍ତ୍ରଣ କରିବାକୁ ଯୋଜନା କରୁଛୁ। ଏହା କିନ୍ତୁ ଠିକ୍ ପଦ୍ଧତି ନୁହେଁ। ଲୋକସଂଖ୍ୟା ବଢୁଥିବାବେଳେ ପ୍ରତ୍ୟେକ ବ୍ୟକ୍ତିପାଇଁ ଖାଦ୍ୟ ଆବଶ୍ୟକ। ଜନ୍ମରୁ ମଣିଷର ଗୋଟିଏ ମୁଖ ଏବଂ ଯୋଡ଼ିଏ ହାତ ରହିଛି। ଯଦି ଜଣେ ଦୁଇ ହାତରେ ପରିଶ୍ରମ କରେ ତାହେଲେ ଗୋଟିଏ ମୁହଁ ପାଇଁ ସେ କ'ଣ ଖାଦ୍ୟ ଯୋଗାଇ ପାରିବ ନାହିଁ? ସେ ଖାଦ୍ୟ ଚାହେଁ ଅଥଚ ସେଥିପାଇଁ ଶ୍ରମ ବା ଯତ୍ନ କରିବାକୁ ଅପାରଗ। ଆମେ ଅଧିକରୁ ଅଧିକ ଅଳସୁଆ ହେଉଥିବାରୁ ତାହାହିଁ ଖାଦ୍ୟାଭାବର ମୁଖ୍ୟ କାରଣ ହେଉଛି। ଆମେ ଯଦି କଠୋର ପରିଶ୍ରମ କରୁ ଆମ ପାଇଁ ଖାଦ୍ୟ କେବେ ନିଅଣ୍ଟ ହେବନାହିଁ। ଆଜି ଆମେ ଛାତ୍ରଛାତ୍ରୀମାନଙ୍କୁ କର୍ମବୀର ହେବା ପାଇଁ ତାଲିମ ଦେବା। ସେମାନେ ଉତ୍ସର୍ଗୀକୃତ ଏବଂ ତ୍ୟାଗପୁତ ମନରେ କର୍ମସାଧନ କରିବେ। ସେମାନେ କର୍ମଯୋଜନା ଅଂଶଗ୍ରହଣ କରିବା ପାଇଁ ଯେପରି ଆଗଭର ହେବେ ସେଥିପାଇଁ ଆମେ ତାଙ୍କୁ ଉତ୍ସାହିତ କରିବା ଉଚିତ। ସେମାନଙ୍କୁ ସବୁ ପ୍ରକାର କାମ କରାଇବା ପାଇଁ ଆମେ ଉଦ୍ୟମ କରିବା ଉଚିତ। ତାହା ଆମ ଜୀବନର ଉଦ୍ଦେଶ୍ୟ ହୋଇପାରେ। ପ୍ରକୃତରେ ଜୀବନର ଉଦ୍ଦେଶ୍ୟ କ'ଣ ? ଖାଇବା, ପିଇବା, ଶୋଇବା ଏବଂ ମରିବା ଜୀବନ ନୁହେଁ। ଜୀବନ ଏକ ଆହ୍ୱାନ, ଏହାର ମୁକାବିଲା କର। ଜୀବନ ଏକ ସ୍ୱପ୍ନ, ଏହାକୁ ଉପଲବ୍ଧି କର। ଜୀବନ ଏକ ଖେଳ, ଏହାକୁ ଖେଳି ଶିଖ। ଜୀବନ ଏକ ପ୍ରେମ, ଏହାକୁ ଉପଭୋଗ କର। ଜୀବନ ହେଉଛି ଚେତନା। ଜୀବନର ଏହି ସବୁ ଦିଗକୁ ଆମେ ଜାଣି ରଖିବା ଉଚିତ। ଆମ ଭିତରେ ଆଧ୍ୟାତ୍ମିକତା ଏବଂ ଆତ୍ମାର ଯେଉଁ ଚିତ୍‌କଣା ରହିଛି ତାହାକୁ ଉପଯୁକ୍ତ ଭାବେ ବିକଶିତ କରିବା ହିଁ ଜୀବନର ଲକ୍ଷ୍ୟ ହେବା ଉଚିତ। 'ଜନ୍ତୁନାଂ ନରଜନ୍ମଂ ଦୁର୍ଲ୍ଲଂଭମ୍' ଯେତେ ପ୍ରାଣୀ ଜନ୍ମ ହୁଅନ୍ତି ସେମାନଙ୍କ ମଧରେ ମଣିଷ ଜନ୍ମ ପାଇବା ସବୁଠୁ ଭାଗ୍ୟର କଥା। ମଣିଷ ଜନ୍ମ ସବୁଠୁଁ ପୂଣ୍ୟ ଜନ୍ମ ହୋଇଥିବାରୁ ସମସ୍ତ ଜ୍ଞାନ ଓ ପ୍ରଜ୍ଞାନ ଲାଭ କରି ପଶୁ ପରି ବଞ୍ଚିବା ଅତି ଦୁଃଖର କଥା।

ଅଲିଶା ବଜାର, କଟକ
ଦୂରଭାଷ : ୯୩୩୭୨୪୨୯୫୫

## ଖବର ପ୍ରସାରଣ ତିରିଶଦିନ ପରେ ବି କୁନ୍ଦେଇ ପୋଲିସ ନିରବ ଦ୍ରଷ୍ଟା

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ପୋଲିସ ପ୍ରଶାସନ ଅସାମାଜିକ କାର୍ଯ୍ୟକୁ ରୋଖିବା ପାଇଁ ଗୋଟେପଟେ ସଚେତନତା କାର୍ଯ୍ୟକର୍ମ ମାନ କରାଉଛନ୍ତି ସତ କିନ୍ତୁ ସଚେତନ କରାଇବାରେ ବିଫଳ । ଏହାର ଏକ ଜ୍ୱଳନ୍ତା ଉଦାହରଣ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲାର ସୀମାନ୍ତ କୁନ୍ଦେଇ ଅଞ୍ଚଳରେ, କୁନ୍ଦେଇ ପୋଲିସ ପୋଲିସଙ୍କୁ ଖୁଲମ ଖୁଲା ଚାଲେଞ୍ଜ ଦେଇ ସକ୍ରିୟ ହୋଇ ଉଠିଛନ୍ତି ଯୁଆଡିମାନେ ! ହେଲେ କାହିଁକି କୁନ୍ଦେଇ ପୋଲିସ ପ୍ରଶାସନ ଖବର ପ୍ରସାରଣର ତିରିଶ ଦିନ ଘଣ୍ଟା ବିତିଯାଇ ଥିଲେ ମଧ ନିରବ ଦ୍ରଷ୍ଟା ସାଜିଛି । କୁନ୍ଦେଇ ରାଇଘର ବ୍ଲକ ର ଏକ ଆଦିବାସୀ ଅଦ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଶିକ୍ଷାର ଅଭାବ ଓ ସଚେତନତା ଅଭାବ ଯୋଗୁଁ ଏଠାରେ ବସବାସ କରୁଥିବା ନିରୀହ ଆଦିବାସୀ ହରିଜନ ଖଟିଖିଆ ଗରୀବ ଶ୍ରେଣୀର ଲୋକ ମାନେ । ଅନେକ ସମୟରେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ।ଯୁବଗୋଷ୍ଠୀ ମଦ ପିଇ ମାତାଲ ରହୁଥିବା ବେଳେ ଜୁଆ ମାଫିଆ ମାନେ ଜୁଆରେ ସାଧାରଣ ଲୋକଙ୍କୁ ଜାବୁଡି ଧରି ଶୋଷଣ କରୁଛନ୍ତି । ।ଏଭଳି ଦୃଶ୍ୟ ଖବର ପ୍ରସାରଣ ପରେବି ପୋଲିସ ନଜରକୁ ପଡୁନାହିଁ ।ଅତି ଦୁଃଖର କଥା କୁନ୍ଦେଇ ଥାନା ଅଞ୍ଚଳ ର ସାପ୍ତାହିକ ବଜାର ଦିନଗୁଡିକ ହେଲା ରବିବାର ଦିନ, ଯାନୀପାରା,ଶନିବାର ଦିନ, ସର୍ଗପାରା ମଙ୍ଗଳବାର ଦିନ କେବିକଙ୍ଗା, ଗୁରୁବାର ଦିନ କସକଙ୍ଗା, ଏହିବଜାର ମାନଙ୍କରେ ଦିନ କୁ ଦିନ ଯୁଆଡ଼ି ମାନଙ୍କ ଭିଡ଼ ଜମୁଥିବା ବେଳେ ନିରୀହ ଆଦିବାସୀ ଜୁଆ ଖେଳି ସର୍ବହରା ହୋଇ ମୁହଁ ଶୁଖେଇ ଘରକୁ ଖାଲି ବେଗଧରି ଫେରୁଥିବା ଦୃଶ୍ୟ ସାମ୍ନାକୁ ଆସିଛି ।ଘରେ ପହଁଚିଲା ମାତ୍ରକେ ଅପ୍ରୀତିକର ପରିବେଶ ମଧ ସୃଷ୍ଟି ହେଉଥିବା ଖବର ଆସୁଛି ।ଏହି ସପ୍ତହିକ ବଜାର ମାନଙ୍କରେ ପସରା ମେଲେଇ ବସୁଥିବାର ଲକ ଜଣଙ୍କ ହେଲେ ଜଣେ ଜନନାୟକ ସେପୁଣି ପସରା ମେଲେଇ ବସିଥାନ୍ତି ଗାଟିଏ ପଟେ ଗରିବ ଆଦିବାସୀ ଖଟିଖିଆ ଘରୁ ଧାନ, ମକା, ଚାଉଳ,ଟଙ୍କା ପଇସା ଓ ଅନ୍ୟାନ୍ୟ ସାମଗ୍ରୀ ନିଜ ଘରୁ ଚୋରି କରି ଜୁଆରେ ବାଜି ଲଗେଇ ଦେଉଥିବା ସାଧାରଣରେ ଆଲୋଚନା ହେଉଛି ।କିନ୍ତୁ ପୋଲିସ ପ୍ରଶାସନ ଖବର ପ୍ରସାରଣର ତିରିଶ ଦିନ ବିତି ଯାଇଥିଲେ୍ୱ ଜୁଆ ଖେଳକୁ ବନ୍ଦ କରିବା ରେ କୁନ୍ଦେଇ ପୋଲିସ ଅସମର୍ଥ ! ନା ଜାଣିଶୁଣି ଯୁଆଡ଼ି ମାନଙ୍କ ସହ ସଲା ସୁତୁରା ରେ ଜୁଆ ଖେଳ ଚାଲୁଛି ତାହା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୋଲିସ ପ୍ରଶାସନ ଯୋଦି ଜୁଆଡି ମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠନ ନ ନିଅନ୍ତି ଏମିତି ଯଦି ଯୁଆଖେଳ ଛାଲୁରହେ ତା ହେଲେ ଖଟିଖିଆ ନିରୀହ ଆଦିବାସୀ ସର୍ବହରା ଦିଗକୁ ଗତି କରିବେ ଏବଂ ଚୋର ଡକାୟତ ହେବାକୁ ପରିସ୍ଥିତି ବାଧ୍ୟକରିବ ବୋଲି ଜନସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ମୃତ ନାବାଳକ ଗାଁ ପରିବାର ଲୋକଙ୍କୁ ଭେଟିଲା ଶିଶୁ ମଙ୍ଗଳ ସମିତି ଓ ଶିଶୁ ସୁରକ୍ଷା ୟୁନିଟ ଦଳ



କେନ୍ଦୁଝର, (ମହାଭାରତ): କିସ ରେ ଆଦିବାସୀ ନା ବାଳକର ସନ୍ଦେହଜନକ ମୃତ୍ୟୁକୁ ନେଇ ଶନିବାର ପରିବାର ଲୋକ ନ୍ୟାୟ ପାଇଁ ଶବକୁ ଧରି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେରେ ଧାରଣାରେ ବସିଥିଲେ । ପ୍ରଶାସନର ବୁଝାସୁଝା ପରେ ଆନ୍ଦୋଳନ ହଟିଥିଲା । ରବିବାର ଅଧିକ ତଦନ୍ତ ପାଇଁ ଜିଲା ଶିଶୁ ମଙ୍ଗଳ ସମିତି ଓ ଶିଶୁ ସୁରକ୍ଷା ୟୁନିଟ ଦଳ ଟିକରଗୁମୁରା ଗାଁ ପହଞ୍ଚି ପରିବାର ଲୋକଙ୍କୁ ସବିଶେଷ ପଚାରି ବୁଝିଛନ୍ତି । ଏଥି ସହ ମୃତ ନା ବାଳକର ଫଟୋ, ସ୍କୁଲର କାଗଜପତ୍ର ଏଫଆଇ ଆର କପି ପରିବାର ଲୋକଙ୍କ ଠାରୁ ଆଣିଛନ୍ତି ।

## ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଦାବି ପାଇଁ ଆମ୍ବେଦକର ସାମାଜିକ ପରିବର୍ତନ ମଞ୍ଚର ସମର୍ଥନ




ଦେବଗଡ, (ମହାଭାରତ) : ଶନିବାର ଦିନ ଦେବଗଡ଼ ସହରସ୍ଥିତ ପୁରୁଣା ମେଡିକାଲକୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ସହିତ ନୂତନ ମେଡିକାଲର ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯିବା ଦାବୀରେ ଆଜି ତାରିଖ ୧୩.୧୨.୨୦୨୫ ଦିନ ଦେବଗଡ଼ ପୁରୁଣା ମେଡିକାଲ ପରିସରରେ ଏକ ଶାନ୍ତିପୂର୍ଣ୍ଣ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଧାରଣା କାର୍ଯ୍ୟକ୍ରମ ଦେବଗଡ଼ ଯୁବ ଏକତା ମଞ୍ଚ ଦ୍ୱାରା ପୂର୍ବରୁ ଚାଲିଥିବା ଆନ୍ଦୋଳନକୁ ସମର୍ଥନ ଜଣାଇ ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚ ପକ୍ଷରୁ ଆୟୋଜିତ କରାଯାଇଥିଲା । ଏହି ଅବସରରେ ମଞ୍ଚର ପ୍ରତିଷ୍ଠାତା ଓ ସଂଯୋଜକ ଶ୍ରୀ କ୍ଷମାନିଧି ମାନବ ଦେବଗଡ଼ ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ହିତକୁ ଦୃଷ୍ଟିରେ ରଖି ଉକ୍ତ ଦାବୀଗୁଡ଼ିକ ଶୀଘ୍ର ପୂରଣ କରିବା ପାଇଁ ଜୋରଦାର ଅନୁରୋଧ କରିଥିଲେ । ଧାରଣା କାର୍ଯ୍ୟକ୍ରମରେ ମଞ୍ଚର ସଭାପତି ଆଇନଜୀବୀ ଚୌଧୁରୀ ବେହେରା, ସାଧାରଣ ସମ୍ପାଦକ ଶିବାଜୀ ଭୋଜ, କୋଷାଧ୍ୟକ୍ଷ ପରମାନନ୍ଦ କୁସୁମ, ମିଡିଆ ସେଲ୍ ସମ୍ପାଦକ ସୁଜିତ ସୋନା, ଭୀମ ଆର୍ମି ଜିଲ୍ଲା ସଭାପତି ରିତେଶ ବେହେରା, ଉପସଭାପତି ଅର୍ଜୁନ ରଣଜିତ୍, ଆମ୍ବେଦକର ୟୁଥ୍ କ୍ଲବ୍ ର ଉପସଭାପତି ଖଗ ସାସିନୀ, ବରିଷ୍ଠ ସଦସ୍ୟ ସୁରେନ ପାତ୍ର ସହ ଅନେକ କର୍ମକର୍ତ୍ତା ଓ ସମର୍ଥକ ଉପସ୍ଥିତ ଥିଲେ ।

## ଅଗ୍ନି ନିରାପତ୍ତା ସଚେତନତା ଶିବିର ଅନୁଷ୍ଠିତ



ଖଡ଼ିଆଳ, (ମହାଭାରତ) : ନୂଆପଡା ଜିଲ୍ଲା ଖଡ଼ିଆଳ ମହିଳା ଓ ସମନ୍ୱୟ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ଅଗ୍ନି ନିରାପତ୍ତାକୁ ନେଇ ଏକ ଦୁଇ ଦିନିଆ ସଚେତନତା ମକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଖଡ଼ିଆଳ ବ୍ଲକ ର ୨୬୪ ଅଙ୍ଗନବାଡି କର୍ମୀ ଙ୍କ ସହ ସମସ୍ତ ସାହାୟିକା ଙ୍କୁ ଖଡ଼ିଆଳ ଅଗ୍ନିଶମ ବିଭାଗ ଆଗ୍ନୀକ ମାନେ ରନ୍ଧନ ଗ୍ୟାସ ବ୍ୟବହାର ସମୟରେ ହଠାତ ନିଆଁ ଲାଗିଗଲେ କିପରି ସୁରକ୍ଷିତ ରହିବେ, ନିଆଁକୁ କିପରି ଆୟତ୍ତ କରିବେ ସେ ନେଇ ଏକ ମକଡ୍ରିଲ କରି ସଚେତନତା କରାଇଥିଲେ । ଖଡ଼ିଆଳ ବ୍ଲକ ଇନଚାର୍ଜ ସିଡିପିଓ ଶକୁନ୍ତଳା ନାଗଙ୍କ ସହ ସମସ୍ତ ସୁପରଭାଇଜର ଦୀପାଞ୍ଜଳି ମେହେର, ସରସ୍ୱତୀ ବିଶି, ସୁପ୍ରଭା ଯୋଶୀ, ରଶ୍ମିରାଣୀ ମେହେର,ବୈଜୟନ୍ତୀ ମହାନ୍ତି, କେ ଗୌରୀ ସ୍ୱାମୀ, ଗୋରେଖନାଥ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ । ବ୍ଲକର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ମାନଙ୍କ ଉପସ୍ଥିତରେ ଏହି ସଚେତନତା କାର୍ଯ୍ୟକ୍ରମରେ ଗ୍ୟାସ୍ ସିଲିଣ୍ଡରରୁ ଅଗ୍ନିକାଣ୍ଡ ଘଟିଲେ କିପରି ନିଆଁ ଲିଭାଇବା,କିପରି ସୁରକ୍ଷିତ ରଖିବା ସେ ନେଇ ମକ୍ ଡ୍ରିଲ୍ କରି କୌଶଳ ବତାଇଥିଲେ ଅଗ୍ନିଶମ ବାହିନୀ କର୍ମଚାରୀ ମାନେ । ପ୍ରତିରୋଧକ ସୁରକ୍ଷା ବ୍ୟବସ୍ଥା, ଜରୁରୀ କାଳୀନ ପ୍ରତିକ୍ରିୟା କୌଶଳ ଏବଂ ଅଗ୍ନି ବିପଦକୁ କମ କରିବା ପାଇଁ ଏଲପିଜି ସିଲିଣ୍ଡରର ସଠିକ୍ ପରିଚାଳନା ବିଷୟରେ ଶିକ୍ଷା ଦିଆଯାଇଥିଲା । ଆଶୁ ଅଗ୍ନି ବିପଦରୁ କିପରି ରକ୍ଷା କରାଯିବ ତାଉପରେ କୌଶଳ ଦେଖାଇଥିଲେ ଅଗ୍ନି ସମ ବିଭାଗ । ଗ୍ରାମାଞ୍ଚଳରେ ମହିଳା ମାନେ ଏଲପିଜି ସଂଯୋଗୀକରଣ କରଣ ବେଳେ ବହୁ ଅସୁବିଧା ଯୋଗୁଁ ସିଲିଣ୍ଡର ବ୍ଲାଷ୍ଟ ହୋଇ କିମ୍ବା ଗ୍ୟାସ ଲିକ ହୋଇ ଅଗ୍ନି ସଂଯୋଗ ଘଟି ବହୁ ଧନ ଜୀବନ ନଷ୍ଟ ହେଉଛି ।ଏହି ବିପତ୍ତିରୁ କିପରି ରକ୍ଷା ପାଇପାରିବା ସେ ନେଇ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ କୌଶଳ ଦେଖାଇଥିଲେ । କାର୍ଯ୍ୟକ୍ରମରେ ଖଡ଼ିଆଳ ଅଗ୍ନିଶମ ବିଭାଗ ହାବିଲଦାର ନରୋତ୍ତମ ପାଣ୍ଡେ, ସୁଶାନ୍ତ କିଶାନ, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ଯୁଗେଶ୍ୱର ବେହେରା ଙ୍କ ସହ ହାରିଲାଲ କେଉଁଟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବିଦ୍ୟାଳୟରେ ପୋଷଣ ଲଡ୍ଡୁ ପାଇବାରେ ଶିକ୍ଷାର୍ଥୀ ଅସମର୍ଥ



ଅସ୍ତରଙ୍ଗ, (ମହାଭାରତ) : ବିଦ୍ୟାଳୟ ରେ ପାଠ ପଢୁଥିବା ଛାତ୍ର, ଛାତ୍ରୀଙ୍କୁ ମିଳୁନି ପୋଷଣ ଯୁକ୍ତ ଲଡୁ । ଯେଉଁଥି ପାଇଁ ସରକାର ଏହି ଯୋଜନା ପ୍ରଣୟନ କରିଥିଲେ ତାହା କାର୍ଯ୍ୟକାରୀ କରିବାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଫଳ ହୋଇଛନ୍ତି । ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଗୋଟିଏ କି ଦୁଇଟି ବିଦ୍ୟାଳୟ ନୁହେଁ, ଅନେକ ବିଦ୍ୟାଳୟ ରେ ଏହି ସମସ୍ୟା ଦେଖାଦେଇଛି । କିନ୍ତୁ ସରକାର ଙ୍କ ଏହି ଯୋଜନା କେତେ କାର୍ଯ୍ୟକାରୀ ହେଉଛି, ଆସୁଥିବା ଅର୍ଥ ଯାଉଛି କାହା ପକେଟ କୁ ତାହା ପ୍ରଶ୍ନ ବାଚୀ । ଛାତ୍ର, ଛାତ୍ରୀ ଙ୍କୁ ନ ମିଳିବାରୁ ଅଭିଭାବକ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି ।ସୂଚନା ମୁତାବକ, ପିଏମ୍ ପୋଷଣ ଯୋଜନାରେ ସମସ୍ତ ସରକାରୀ ବିଦ୍ୟାଳୟ ରେ ପ୍ରଥମ ରୁ ଦଶମ ଶ୍ରେଣୀର ଛାତ୍ର, ଛାତ୍ରୀ ଙ୍କୁ ପୋଷଣ ଯୁକ୍ତ ଲଡୁ ଖାଇବାକୁ ଦିଆଯିବାକୁ ସରକାରୀ ସ୍ତରରେ ନିଷ୍ପତି ହୋଇଥିଲା । ସପ୍ତାହରେ ତିନି ଦିନ ମଙ୍ଗଳ, ଗୁରୁ ଓ ଶନିବାର ପ୍ରତି ପିଲାଙ୍କୁ ଗୋଟିଏ ଲେଖାଏଁ ଏହି ଲଡୁ ମିଳିବ । ଏହି ଲଡୁ ମାଣ୍ଡିଆ, ଚିନାବାଦାମ, ଗୁଡ଼, ଘିଅ, ରାଶି ଓ ଅଳେଇଚରେ ପ୍ରସ୍ତୁତ ହେବ ବୋଲି ଚଳିତ ବର୍ଷ ଏପ୍ରିଲ ପହିଲାରେ ସରକାର ଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମସ୍ତ ଶିକ୍ଷାଧିକାରୀ ଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ । କିନ୍ତୁ ଘୋଷଣା କିଛି ଦିନ ଚାଲିବା ପରେ ଏହା ବନ୍ଦ ହୋଇଯାଇଛି । ଅନେକ ବିଦ୍ୟାଳୟ ରେ କେତେବେଳେ କାଁ ଭାଁ ଦିଆଯାଉଛି । ଅଧିକାଂଶ ବିଦ୍ୟାଳୟ ରେ ନାହିଁ କହିଲେ ଚଳେ । ଯାହାକି କିଛି ଛାତ୍ର, ଛାତ୍ରୀ ନାମ ଗୋପନ ରଖି ଗଣ ମାଧ୍ୟମ କୁ ସୂଚନା ଦେଇଛନ୍ତି ।ଲଡୁ ପ୍ରସ୍ତୁତି ପାଇଁ ଅତି କମ୍ ରେ ୫ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ମିଳୁଥିଲା ମାତ୍ର ୩ଟଙ୍କା । ଯୋଗାଣ କାରୀ ସଂସ୍ଥା ଆର୍ଥିକ କ୍ଷତି ସହୁଥିବାରୁ ଏହାକୁ ବନ୍ଦ କରିଦେଲା ବୋଲି ସେତେବେଳେ ଶୁଣିବାକୁ ମିଳିଲା । ଅନେକ ସ୍ଥନରେ କେତେକ ବିଦ୍ୟାଳୟ ରେ ଲଡୁ ବଦଳରେ କଦଳୀ, ମିଠେଇ ଓ ବିସ୍କୁଟ ଆଦି ପିଲାଙ୍କୁ ଦେବାର ନଜିର ରହିଛି । କିନ୍ତୁ ଏହା କ୍ରମଶଃ ହ୍ରାସ ପାଇଁ ଅନେକ ବିଦ୍ୟାଳୟ ପୋଷଣ ଯୁକ୍ତ ମଧ ମିଳୁନାହିଁ । ଟଙ୍କା ଚଳୁ କରି ଦେଉଛନ୍ତି ଶିକ୍ଷକ, ଶିକ୍ଷୟତ୍ରୀ । ଅନ୍ୟ ପକ୍ଷରେ ଗତ ଏପ୍ରିଲ ପହିଲାରୁ ପ୍ରତି ପିଲାଙ୍କୁ ଅତିରିକ୍ତ ଗୋଟିଏ ଲେଖାଏଁ ଅଣ୍ଡା ଅଧିକ ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି । ଫଳରେ ସୋମ, ବୁଧ ଓ ଶୁକ୍ରବାର ତିନିଦିନ ପିଲା ମାନେ ଅଣ୍ଡା ପାଇବେ । ଏ ବାବଦରେ ପ୍ରତି ଅଣ୍ଡା ପିଛା ୪ଟଙ୍କା ମିଳୁଥିବା ବେଳେ କିଣା ଦର ୬ରୁ ୭ଟଙ୍କା ରହିଛି । ଫଳରେ ପିଲାମାନଙ୍କୁ ଠିକ ସମୟରେ ଅଣ୍ଡା ଦେବା ସମ୍ଭବ ହେଉନାହିଁ ବୋଲି ଅଧିକାଂଶ ସ୍କୁଲ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି । ଏ ବାବଦ ରେ ପାଉଣା ଅନେକ ବିଦ୍ୟାଳୟ କୁ ମିଳୁନଥିବା ବିଶେଷ ସୂତ୍ରରୁ ଜଣା ପଡିଛି । ଉଭୟ ଅଣ୍ଡା ଓ ଲଡୁ ପରି ପୃଷ୍ଟିକର ଖାଦ୍ୟ ନିରନ୍ତର ଭାବେ ଛାତ୍ର, ଛାତ୍ରୀ ଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ସାଧାରଣ ଦାବୀ ହେଉଛି । ଏ ସମ୍ପର୍କ ରେ ମଣ୍ଡଳଶିକ୍ଷାଧିକାରୀ କହିଛନ୍ତି ଏ ସମ୍ପର୍କ ରେ କୌଣସି ଅଭିଯୋଗ ଆସିନି, ସବୁ ବିଦ୍ୟାଳୟ ଗ୍ରସ୍ତ କରି ତଦନ୍ତ କରାଯିବ, ପ୍ରତ୍ୟେକ ବିଦ୍ୟାଳୟ ରେ ସଠିକ ଲଡୁ ଓ ଅଣ୍ଡା ପ୍ରଦାନ କରାଯିବ ।

## ରାଜ୍ୟ ସ୍ତରୀୟ ଓଲାଶୁଣୀ ଗୁମ୍ଫା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବାଲିଚନ୍ଦ୍ରପୁର, (ମହାଭାରତ) : ରାଜ୍ୟର ପ୍ରମୁଖ ଧର୍ମ ଓ ସଂସ୍କୃତି ପୀଠ ତଥା ଅଷ୍ଟାଦଶ ଶତାବ୍ଦୀର ମହାନ ସନ୍ଥ ସାଧକ ଅରକ୍ଷିତ ଦାସଙ୍କ ସମାଧି କ୍ଷେତ୍ରରେ ଆୟୋଜିତ ହେବାକୁ ଯାଉଛି ଓଲାଶୁଣୀ ଗୁମ୍ଫା ମେଳା । ଆସନ୍ତା ବର୍ଷ ଜାନୁଆରୀ ୧୪ ତାରିଖ ମକର ସଂକ୍ରାନ୍ତି ଦିନ ଠାରୁ ଆରମ୍ଭ ହେଉଥିବା ଏହି ମେଳାଦିନ ଅନୁଷ୍ଠିତ ହେବ ତ୍ରୟୋଦଶତମ ରାଜ୍ୟ ସ୍ତରୀୟ ଓଲାଶୁଣୀ ଗୁମ୍ଫା ମହୋତ୍ସବର ଭବ୍ୟ କାର୍ଯ୍ୟକ୍ରମ । ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ଆଜି ମା'ଓଲାଶୁଣୀଙ୍କ ବିଜେସ୍ଥଳୀ ମନ୍ଦିର ପ୍ରାଙ୍ଗଣରେ ଏଥିପାଇଁ ଆୟୋଜିତ ହୋଇଥିଲା ପ୍ରସ୍ତୁତି ବୈଠକ । ଉନ୍ନୟନ ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ମା'ଙ୍କୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ପ୍ରଥମ ନିମନ୍ତ୍ରଣ ପତ୍ର ଟ୍ରଷ୍ଟ ପକ୍ଷରୁ ପୂଜକ ହୃଷିକେଶ ପଣ୍ଡା ଅର୍ପଣ କରିଥିଲେ । ମ୍ୟାନେଜିଂ ଟ୍ରଷ୍ଟ ତଥା ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ ଚଳିତବର୍ଷର ମହୋତ୍ସବ କାର୍ଯ୍ୟକ୍ରମ, ଅତିଥି ଆମନ୍ତ୍ରଣ ସାଧୁସନ୍ଥ ମାନଙ୍କୁ ସମ୍ବର୍ଦ୍ଧନା ନେଇ ଆଲୋକପାତ କରିଥିଲେ । ଚଣ୍ଡୀଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ଆଠଲେନ୍ ବିଶିଷ୍ଟ ସଂପ୍ରସାରିତ ହେଉଥିଲା ବେଳେ ରାଜପଥ ପାର୍ଶ୍ୱରେ ଥିବା ମା'ଓଲାଶୁଣୀ ପୀଠକୁ ଆସିବା ପାଇଁ କୌଣସିସୁବିଧା ଯାତାୟତ ମାର୍ଗ ରଖାଯାଇନଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ଏ ସମ୍ପର୍କରେ ବଡ଼ଚଣା ବିଧାୟକଙ୍କ ସହିତ ଆଲୋଚନା କରାଯିବାକୁ ବୈଠକରେ ମତପ୍ରକାଶ ପାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ତଥା ଡ଼େରାବିଶ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ବଟକୃଷ୍ଣ ସାମଲ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ପ୍ରଫେସର ରବୀନ୍ଦ୍ରନାଥ ସାମଲ, ଉଦୟଗିରି ବୁଦ୍ଧ ମହୋତ୍ସବ ସମିତିର ଯୁବ ଆବାହକ ଶୈଳେନ୍ଦ୍ର ନାରାୟଣ ରାୟ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ପୂର୍ବତନ ସରପଂଚ ଫନିନ୍ଦ୍ରନାଥ ପଣ୍ଡା, ଟ୍ରଷ୍ଟି ଶ୍ରୀକାନ୍ତ କୁମାର ସାମଲ, ପ୍ରାଧାପକ ଡ଼ଃ.ଯତିନ୍ଦ୍ର ରାଉତ, ପଣ୍ଡିତ ଜ୍ଞାନେନ୍ଦ୍ର ତ୍ରିପାଠୀ, ସାମ୍ବାଦିକ ଉତ୍କଳ କେଶରୀ ସାମଲ, ଅନନ୍ତ ସିଂହ, ଶିକ୍ଷାବିତ୍ ରାଜେନ୍ଦ୍ର ପ୍ରସାଦ ସାମଲ, ଯୁବ ଶିଳ୍ପୋଦ୍ୟୋଗୀ ମନୋରଞ୍ଜନ ମହାନ୍ତି, ଶିକ୍ଷାବିତ୍ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଶିବିର



କେନ୍ଦୁଝର, (ମହାଭାରତ) : ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଇଣ୍ଡିଆନ ବାଏ ବାର୍ଥ ଦ୍ୱାରା ଆୟୋଜିତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର କେନ୍ଦୁଝର ଶିଶୁ ମନ୍ଦିର ପରିସର ମଧ୍ୟର ସଫଳତାର ସହିତ ସମାପନ ହେଇ ଯାଇଛି । ଏହି କାର୍ଯ୍ୟକ୍ରମରେ ସମ ଅଲଟିମେଟ ଭୁବନେଶ୍ୱରରୁ ଆସିଥିବା ବିଭିନ୍ନ ବିଭଗର ବିଶେଷଜ୍ଞ ଡାକ୍ତର, ଭୂମିକା ଚକ୍ଷୁ ମେଡିକାଲ୍ କେନ୍ଦୁଝର ର ଚକ୍ଷୁ ବିଶେଷଜ୍ଞ, ଡାକ୍ତର ସଂଜୀବ ଓତା ଦନ୍ତ ବିଶେଷଜ୍ଞମାନଙ୍କ ଦ୍ୱାରା କେନ୍ଦୁଝର ସହର ତଥା ଆଖ ପାଖ ଅଞ୍ଚଳର ୬୦ ବର୍ଷ ରୁ ଉର୍ଦ୍ଧ୍ୱ ଶତାଧିକ ବାପା ଓ ମା ମାନେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାର ସୁଯୋଗ ଲାଭ କରିଥିଲେ । ଏହି ଶିବିରଟି ପ୍ରତିଷ୍ଠାତା ଇଂ ସୁନିଲ୍ ବେହେରାଙ୍କ ତତ୍ତ୍ୱାବଧାନରେ ସହ ପ୍ରତିଷ୍ଠାତା ଇଂ ସତ୍ୟରଞ୍ଜନ ସାହୁ ଙ୍କ ନେତୃତ୍ୱରେ ଜିଲାର ଯୁଗ୍ମ ସଭାପତି ଅଭିଜିତ୍ ମହାନ୍ତି ଓ ସଂପାଦକ ମାନସ ରଂଜନ୍ ସାହୁଙ୍କ ସମେତ ସୁଭମ୍ ସାହୁ , ଚିନ୍ମୟ ମାଝୀ, କିଶୋର୍ ମହାନ୍ତ, ଲଳିତ୍ ମହାନ୍ତ, ଅନିଲ୍ ମୁଣ୍ଡା , କେଦାର୍ ମହାନ୍ତ, ଭରତ ମହାନ୍ତ ଓ ରାଜିବ ସାହୁ ପ୍ରମୁଖ କାର୍ଯ୍ୟରେ ସହଯୋଗ କରି ସମାପନ କରିଥିଲେ । ଇଣ୍ଡିଆନ ବାଏ ବାର୍ଥର ଏହି ମହତ୍ କାର୍ଯ୍ୟରେ ଜିଲାର ବରିଷ୍ଠ ନାଗରିକମାନେ ଆଶୀର୍ବାଦ କରିଥିଲେ ।

## ରାମାନୁଜନ କ୍ଲବ ପକ୍ଷରୁ ଗଣିତ ପ୍ରତିଯୋଗିତା ଆୟୋଜିତ

ପାରଳାଖେମୁଣ୍ଡି, (ମହାଭାରତ) : ଆଗାମୀ ୨୨ ତାରିଖରେ ଜାତୀୟ ଗଣିତ ଦିବସ ପାଳନ ଅବସରରେ ତଥା ପିଲାଙ୍କ ମଧ୍ୟରେ ଗଣିତ ବିଷୟ ପ୍ରତି ରୁଚି ବୃଦ୍ଧି କରିବା ଉଦ୍ଦେଶ୍ୟରେ ରାମାନୁଜନ୍ ଗଣିତ କ୍ଲବ୍, ପାରଳାଖେମୁଣ୍ଡି ପକ୍ଷରୁ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଗଣିତ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି ।ଶ୍ରୀ ରାମ ଶଙ୍କର ଗନ୍ତାୟତଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ହୋଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା ।ଏଇ ପ୍ରତିଯୋଗିତାରେ ୧୫ଟି ବିଦ୍ୟାଳୟର ୧୪୭ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ମୂଲ୍ୟାଙ୍କନ ପରେ କୃତି ପ୍ରତିଯୋଗୀ ମାନଙ୍କୁ ଜାତୀୟ ଗଣିତ ଦିବସ ରେ ପୁରସ୍କୃତ କରାଯିବ ।

## ଯୋଡ଼ାରେ ଅଭାବୀ ମାଗି ଚଳୁଛନ୍ତି



ଯୋଡା, (ମହାଭାରତ): କେନ୍ଦୁଝର ଜିଲ୍ଲାର ଖଣି ଓ ଶିଳ୍ପ ସମୃଦ୍ଧ ଯୋଡା ଅଞ୍ଚଳରେ ଅଭାବୀ ଙ୍କ ସଂଖ୍ୟା ଅହେତୁକ ପରିମାଣରେ ବୃଦ୍ଧି ପାଇଛି । ଆର୍ଥିକ ସାହାଯ୍ୟ ଚାଉଳ,ଓ ଅନ୍ୟାନ୍ୟ ସାମଗ୍ରୀ ମାଗି ଚଳୁ ଥିବା ମହିଳା ଓ ପୁରୁଷ ଛୋଟ ଛୋଟ ପିଲାଙ୍କୁ ନେଇ ରବିବାର ସାପ୍ତାହିକ ହାଟ ଏବଂ ସହର ରେ ଥିବା ବିଭିନ୍ନ ଦୋକାନକୁ ଯାଇ ହାତ ପତେଇ ସାହାଯ୍ୟ ମାଗୁ ଥିବା ଘଟଣା ଧନାଢ୍ୟ ସହର ର ଅଧିବାସୀ ଙ୍କୁ ବିଚଳିତ କରିଛି ।ସାପ୍ତାହିକ ହାଟ ରେ ପରିବା କିଣୁଥିବା ଜଣେ ଗୃହିଣୀ ନାମକୁ ଗୋପନରେ ରଖି କହିଛନ୍ତି ଯେ,ଚତୁର୍ଦ୍ଦିଗ ଖଣି ଓ ଶିଳ୍ପ ରେ ପରିବେଷ୍ଟିତ ହୋଇଥିବା ଯୋଡା ଉପତ୍ୟକା ରେ ଏହି ଭଳି ଅଭାବୀ ମାନଙ୍କ ର ସଂଖ୍ୟା ଗତ ଦୁଇ ବର୍ଷ ମଧ୍ୟରେ ଅନେକ ବଢ଼ି ଯାଇଛି ।ଶିକ୍ଷ୍ୟା ର ଅଭାବ,ଏବଂ ଅପହଞ୍ଚ ସରକାରୀ ଯୋଜନା ପାଇଁ ଏହିପରି ଅଭାବୀ ମାନଙ୍କର ସଂଖ୍ୟା ବୃଦ୍ଧି ପାଉଛି ।ଜନ୍ମେଞ୍ଜୟ ପାତ୍ର ନାମକ ଜୈନେକ ବ୍ୟକ୍ତି କହିଥିଲେ ଯେ,୨୦୧୧ ମସିହାରେ ସେ ଯୋଡା ଅଞ୍ଚଳ କୁ ଆସିଥିଲେ ।ସେ ସମୟରେ ଅଭାବୀ ମାନଙ୍କ ସଂଖ୍ୟା ଏତେ ନ ଥିଲା ।୨୦୧୮ - ୨୦୨୦ ବେଳକୁ ଯୋଡା ବ୍ଲକ୍ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିର , ରେଳ ଷ୍ଟେସନ,ବସ ଷ୍ଟାଣ୍ଡ,ଦୋକାନ ଓ ଘର ଘର ବୁଲି ଅଭାବୀ ମାନେ ନିଜର ଅଭାବ କୁ ମେଣ୍ଟାଇବା ପାଇଁ ଛୋଟ ଛୋଟ ପିଲା ଙ୍କୁ ହାତରେ ଧରି ଓ କାନ୍ଧରେ ବୋହି ସାହାଯ୍ୟ ଭିକ୍ଷା କରି ନିଜର ଅଭାବକୁ ମେଣ୍ଟାଉଛନ୍ତି ।ଗୋବର୍ଦ୍ଧନ ଲାଗୁରି କହନ୍ତି ଯେ,ନବେ ଦଶକରେ ବିଭିନ୍ନ ରେଳ ସାଇଡିଙ୍ଗ ରେ ଶ୍ରମିକ ନିୟୋଜିତ କରାଇ ରେଳ ଡବାରେ ଖଣିଜ ଲୋଡ ହେଉଥିଲା ।ଅନୁରୂପ ଭାବେ ଖଣିରେ ମଧ ଶ୍ରମିକ ନିୟୋଜିତ ହେଉଥିଲେ ଏବଂ ଟ୍ରକ୍ ରେ ଖଣିଜ ବୋଝେଇ କରି ବେଶ୍ ଦୁଇ ପଇସା ରୋଜଗାର କରୁଥିଲେ ।ହେଲେ ୨୦୦୦ ମସିହା ବେଳକୁ ଏହି ଖଣି ଅଞ୍ଚଳରେ ଏକ ବୈପ୍ଳବିକ ପରିବର୍ତନ ହେଲା ।ସମ୍ପୂର୍ଣ୍ଣ ଯାନ୍ତ୍ରିକ ପଦ୍ଧତିରେ ଖଣି ଖନନ ଓ ମେସିନ ସାହାଯ୍ୟରେ ରେଳ,ଓ ଟ୍ରକ୍ ଲୋଡିଂ ଆରମ୍ଭ ହୋଇ ଗଲା ।ଯାହାଦ୍ୱାରା କି,ହାତ ଗଣତି କିଛି ଲୋକ ଧନୀ ହୋଇ ଗଲେ ଏବଂ ଏକ ବଡ ସମୂହ ଦାରିଦ୍ର୍ୟ ଆଡ଼କୁ ଠେଲି ହୋଇ ଗଲା ।ଫଳରେ ଅଭାବ ବୃଦ୍ଧି ସହିତ ଅଭାବୀ ଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା । ଏ ନେଇ ବିଶିଷ୍ଟ ଶ୍ରମିକ ନେତା କେ ଏମ ଏଫ୍ ଡବ୍ଲ୍ୟୁ ୟୁ ,(କେନ୍ଦୁଝର ମାଇନିଙ୍ଗ ଫରେଷ୍ଟ ୱ୍ରା । ର କସ ୟୁନିଅନ) ର କେନ୍ଦୁଝର ଜିଲ୍ଲା ସାଧାରଣ ସମ୍ପାଦକ ମହେଶ୍ୱର ରାଉତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ,ପୂର୍ବରୁ ଖଣିରେ ପ୍ରାୟ କୋଡିଏ ହଜାର ଶ୍ରମିକ କାମ କରୁଥିଲେ । ଦୁଇଟି ଖଣିରେ ପ୍ରାୟ ୬ ରୁ ୭ ହଜାର ଶ୍ରମିକ କାର୍ଯ୍ୟ କରୁଥିଲେ । ବଂ।ଶ ପାଣି ରେଳ ସାଇଡିଙ୍ଗ ରେ ପ୍ରାୟ ୮୦୦ ରୁ ୯୦୦ ଶ୍ରମିକ କାର୍ଯ୍ୟ କରୁଥିଲେ ।ପରବର୍ତ୍ତୀ ସମୟରେ ୟୁରୁଡ଼ି ରେଳ ସାଇଡିଙ୍ଗ ରେ ସେଠାରେ ମଧ ପ୍ରାୟ ୬୦୦ ଶ୍ରମିକ ଲୋଡ଼ିଂ କାର୍ଯ୍ୟ କରୁଥିଲେ ।ପରବର୍ତ୍ତୀ ସମୟରେ ଲୋଡିଙ୍ଗ ରେ ମେସିନ ର ବହୁଳ ବ୍ୟବହାର ଶ୍ରମିକ ଙ୍କୁ କାର୍ଯ୍ୟ ହର । କଲା ।ରାଉତ ଆହୁରି ମଧ କହିଥିଲେ ଯେ ବର୍ତ୍ତମାନ ବି ସମୟ ଅଛି ।ଓଡ଼ିଶା ଖଣି ନିଗମ ର ମାଙ୍ଗାନିଜ ଖଣିରେ ଶ୍ରମିକ ନିଯୁକ୍ତି ର ସମ୍ଭାବନା ରହିଛି ହେଲେ ଖଣି ଗୁଡ଼ିକ ବନ୍ଦ ରହିଛି ।ଏହି ଖଣି ଗୁଡ଼ିକ ଚାଲିଲେ ଅନେକାଂଶରେ ଅଞ୍ଚଳ ର ଅଣ କୁଶଳୀ ଲୋକଙ୍କୁ ନିଯୁକ୍ତି ମିଳି ପାରିବ ଏବଂ ଅଭାବୀ ଙ୍କ ସଂଖ୍ୟା ହ୍ରାସ ପାଇବ ।ତେଣେ କେନ୍ଦ୍ର ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ୨୦୨୫ ଫେବୃଆରୀ ମାସ ମଧ୍ୟରେ ଓଡ଼ିଶା ରେ ୫୨୮୪ ଅଭାବୀ ଥିବା ସୂଚନା ରହିଛି ।ଏତଦବ୍ୟତୀତ ୫ ଟି ଜିଲ୍ଲାରେ ଅଭାବୀ ସାଂଖ୍ୟ ନ ଥିବା ଦର୍ଶାଇ ଯାଇଛି ।ଏହି ଜିଲ୍ଲା ଗୁଡ଼ିକ ମଧ୍ୟରେ ବାଲେଶ୍ୱର, ବୌଦ, ଦେବଗଡ଼, ଜଗତସିଂପୁର,ଯାଜପୁର ରହିଛି ।

## ବ୍ରାହ୍ମଣୀଗୁଡା ଭତ୍ରାଗୁଡା ରାସ୍ତା, ପାଲିଟିଛି ମରଣଜନ୍ତା

ଜୁନାଗଡ, (ମହାଭାରତ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚାରଭାଟି ପଞ୍ଚାୟତର ବ୍ରାହ୍ମଣୀଗୁଡା ଚାରିଛକରୁ ଭତ୍ରାଗୁଡା ଚାରିଛକ ପର୍ଯ୍ୟନ୍ତ ରାସ୍ତା ଦୀର୍ଘଦିନରୁ ଖାଲଖମାରେ ଭର୍ତିହୋଇ ମରଣଜନ୍ତା ପାଲିଟିଛି ।ଏହି ରାସ୍ତା ଖରାପ ଅବସ୍ଥା ଯୋଗୁଁ ଲୋକେ ଭତ୍ରାଗୁଡା ଛକକୁ ଯିବାପାଇଁ ଅଯଥାରେ ଜୁନାଗଡ଼ ଦେଇ ବୁଲିକି ଯିବାକୁ ପଡୁଛି ।ରାସ୍ତାରେ ବଡ଼ବଡ଼ ଖାଲଖମା ଯୋଗୁଁ ଚାରିଚାକିଆ ଯାନବାହନ ଯାଇପାରୁ ନ ଥିବା ବେଳେ,ଦୁଇଚକିଆ ଯାନ ମଧ ଯିବାରେ କଷ୍ଟ ହେଉଛି ।ଚାଷ ସମୟରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଏ ବିଷୟରେ ସ୍ଥାନୀୟ ଲୋକେ ସରପଞ୍ଚଙ୍କ ଠାରୁ ବିଧାୟକ ପର୍ଯ୍ୟନ୍ତ ଗୁହାରୀ କଲେଣି, ହେଲେ କୌଣସି ସୁଫଳ ପାଇପାରୁ ନାହାନ୍ତି ।ପ୍ରଶାସନ ଏହି ରାସ୍ତାଟିଏ ଅଛି କି ନାହିଁ ବୋଲି ଜାଣିଛି କି ନାହିଁ ବୋଲି ପ୍ରଶ୍ନ କରିଛନ୍ତି ।ଚବିଶି ବର୍ଷ ଶାସନକୁ ଦ୍ୱାହି ଦେଉଥିବା ଏବର ଦୁଇବର୍ଷ ପୁରିବାକୁ ଯାଉଥିବା ସରକାର ମଧ ଏହି ରାସ୍ତା ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି ।ରାସ୍ତା ନିର୍ମାଣ ଦିଗରେ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ଲକ୍ଷ୍ମୀ ନାରାୟଣ ସାହିତ୍ୟ ସଂସଦ ପ୍ରସ୍ତୁତି ଓ ମରୁତ ମହକ ଉନ୍ମୋଚନ ପାଇଁ ବୈଠକ

ହାଟଡିହି ଶନିବାର ଦିନ ମରେଇଗାଁ ଠାରେ ଲକ୍ଷ୍ମୀ ନାରାୟଣ ସାହିତ୍ୟ ସଂସଦ ର ବାର୍ଷିକ ଉତ୍ସବ ଓ ମରୁତ ମହକ ପୁସ୍ତକ ଉନ୍ମୋଚନ ପାଇଁ ପ୍ରସ୍ତୁତିବୈଠକ ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ ସାହିତ୍ୟ ସଂସଦ ସଭାପତି ଭାବରେ ପ୍ରତିମା ସ୍ୱାଇଁ ସମ୍ପାଦକ ସୁଦାମ ଚରଣ ଜେନା, ଏହି ସଂସଦର ଉପସଭାପତି ନିର୍ମଳ ଚନ୍ଦ୍ର ବାରକ, କୋଷାଧ୍ୟକ୍ଷ ନିର୍ମଳ ମଲ୍ଲିକ, ସନ୍ତୋଷ କୁମାର ଶା, ହେମନ୍ତ କୁମାର ନାୟକ, ବଳରାମ ଜେନା, ମୂରଲୀଧର ବେହେରା, କୃଷ୍ଣଚନ୍ଦ୍ର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାସ, ଅନନ୍ତ ମୁଦୁଲି, ବୁଦ୍ଧଦେବ ସାହୁ, ଗଣେଶ୍ୱର ମହାନ୍ତି, ଶରତ କୁମାର ସେଠୀ, ହାସ୍ୟମୟୀ ରାଜ, ନିରଂଜନ ଜେନା, ପ୍ରଭାକର ସ୍ୱାଇଁ, ରତ୍ନାକର ଜେନା, ପ୍ରଭୃତି ସାହିତ୍ୟ ପ୍ରେମୀ ଭାଇ ଭଉଣୀ ମାନେ ଅଂଶ ଗ୍ରହଣ କରି ଥିଲେ।ଏଥିରେ ପତ୍ରୀକା ପାଇଁ ଲେଖା ପଠାଇବାର ଆସନ୍ତା ୧୫ - ଜାନୁଆରୀ -୨୬ ତାରିଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ। ପରେ ଆଉ ଗ୍ରହଣ କରାଯିବ ନାହିଁ ବୋଲି ବୈଠକ ରେ ନିଷ୍ପତି କରାଯାଇଛି। ଯେଉଁ କବି କବିୟତ୍ରି ମାନେ ନିଜ ନିଜର ଲେଖା ପଠାଇବାର ବ୍ୟବସ୍ଥା ମୋବାଇଲ ମାଧ୍ୟମ ରେ ଦେଲେ ଗ୍ରହଣ କରାଯିବ ନାହିଁ। ତେଣୁ ସମୟ ମଧ୍ୟରେ ସମସ୍ତେ ପଠାଇବାକୁ ଅନୁରୋଧ।

## ଆସିକାରେ ଚଳିତ ବର୍ଷର ଚତୁର୍ଥ ଲୋକ ଅଦଳତା

ଆସିକା(ମହାଭାରତ): ଆସିକା କୋର୍ଟ ପରିସର ରେ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ମନୋଜ କୁମାର,ବିଚାରପତି ସୁକାନ୍ତ କିଶୋର ଜେନା,ବିଚାରପତି ଝିଲି ଲିନା ନାୟକ, ବିଚାରପତି ଏ. ଗୀତାଞ୍ଜଳି ନାୟୁଡୁ,ବିଚାରପତି ତୃପ୍ତି ଦାଶ,ବିଚାରପତି ଜେ. ମୋହିନୀ ପ୍ରମୁଖ ଉପସ୍ଥିତ ରହି ୧୩୭ ଗୋଟି କେସ ର ଶୁଣାଣି କରିଥିଲେ ।ସେଥି ମଧ୍ୟରୁ ଆପୋସ ସମାଧାନ, ଟଙ୍କା ଫେରସ୍ତ, ମୋଟର ଦୁର୍ଘଟଣା , ବୈବାହିକ ବିବାଦ, ଦେୱାନୀ ମାମଲା ର ବିଚାରଣ କରି ମୋଟ ୫୩୬୯୨୨୭ ଟଙ୍କା ଆଦାୟ ହୋଇଥିବା ଜଣାପଡିଛି । ଏହି ଲୋକ ଅଦାଲତ ରେ ସମାଜସେବୀ ରଶ୍ମିତା ସେନାପତି, ଆସିକା ଓକିଲ ସଙ୍ଘ ର ସଭାପତି ଅଜିତ ଚୌଧୁରୀ, ସମ୍ପାଦକ ନାରାୟଣ ମୁନି, ଆଇନଜୀବୀ ପି. ଅନନ୍ତ ଶୟନମ, ଛବିଳରାମ ମିଶ୍ର, ଶିବ ଶଙ୍କର ପାତ୍ର, ସରୋଜ ତ୍ରିପାଠୀ, ସୁରେନ୍ଦ୍ର ନାଥ ପଣ୍ଡା,ରବୀନ୍ଦ୍ର କୁମାର ପାତ୍ର, ସୁଧାଂଶୁ ପାଣିଗ୍ରାହୀ, ସନ୍ତୋଷ ପାଣିଗ୍ରାହୀ, ପ୍ରଭାତ ପାଢ଼ୀ, ବିଦେଶୀ ନାହାକ, ନାରାୟଣ ବେହେରା, ଶିବରାମ ପ୍ରଧାନ, ମୋହନ ରାଉ ଦୋରା, ହର୍ଷ ରଞ୍ଜନ ପାଢ଼ୀ, ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଉଦଳା କଚେରୀ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ଉଦଳା (ମହାଭାରତ) : ଉଦଳା କଚେରୀ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଦାଲତରେ ମାନ୍ୟବର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଉଦଳା ଓ ଏସଡିଜେଏମ୍ଙ୍କ କୋର୍ଟରେ ଆଗତ ୩୩୧ ଟି ମୋକଦ୍ଦମାରୁ ୩୨୧ ଗୋଟି ମୋକଦ୍ଦମା ଫଇସଲା ହୋଇ ୩ ଲକ୍ଷ ଚାଳିଶ ହଜାର ତିନି ଶହ ଷାଠିଏ ଟଙ୍କା ଆଦାୟ କରାଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ଉଦଳା କପ୍ତିପଦା ଷ୍ଟେଟ ବ୍ୟାଙ୍କର କର୍ତ୍ତୃପକ୍ଷ ଓ ଅନେକ ବ୍ୟାଙ୍କର କର୍ତ୍ତୃପକ୍ଷ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ଉପଖଣ୍ଡ ଓ ଉଦଳା ଓକିଲ ସଂଘର କର୍ମକର୍ତ୍ତା, ବିଚାର ବିଭାଗୀୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବିଦ୍ୟୁତ କରେଣ୍ଟରେ ଚାଲିଗଲା ଚାଷୀଙ୍କ ଜୀବନ

ବାଲିପାଟଣା ( ମହାଭାରତ) ସକାଳୁ ସକାଳୁ ବିଲ କୁ ଯାଇଥିଲେ କୋବି ତୋଳିବେ ବଜାର ରେ ବିକିବେ । କିନ୍ତୁ ନିୟତି ର ଉଦେଶ୍ୟ ଅଲଗା ଥିଲା। ଯମ ଜଗିଥିଲା ବିଲରେ, ବିଲ ରେ ଲାଗିଥିବା କରେଣ୍ଟ ଲାଗି ଚାଲିଗଲା ଚାଷୀ ର ଜିବନ । ବାଲିପାଟଣା ଥାନା ଅନ୍ତର୍ଗତ ବାରିଲୋ ଗ୍ରାମ ର ବିଜୟ ଜେନା ଆଜି ସକାଳ ପ୍ରାୟ ୬ ଟା ସମୟରେ କୋବି ବିଲକୁ କୋବି ତୋଳିବାକୁ ଯାଇଥିଲେ। ସେଠାରେ ଲାଗିଥିବା ବିଦ୍ୟୁତ କରେଣ୍ଟହାତରେ ଲାଗିଯିବାରୁ ସେ ତଳେ ପଡିଯାଇଥିଲେ। ଆଖ ପାଖ ରେ କେହି ନଥିଲେ ମଧ୍ୟ। ୯ ଟା ସମୟ ରେ କୋବି କିଣିବାକୁ ଦୁଇ ବ୍ୟକ୍ତି ତାଙ୍କ ବିଲକୁ ଯାଇ ତାଙ୍କୁ ଦେଖି ନପାରି ଡାକିଥିଲେ କିନ୍ତୁ କୌଣସି ଉତ୍ତର ନ ପାଇ ତାଙ୍କ ପୁଅକୁ ଘରୁ ଡାକି ସେହି ବିଲକୁ ଯାଇ ଦେଖିଥିଲେ ସେ ତଳେ ନିସ୍ତେଜ ହୋଇ ପଡ଼ିଛନ୍ତି। ତୁରନ୍ତ ତାଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ନିଆଯାଇଥିଲା। ସେଠାରୁ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ କୁ ରେଫର୍ କରାଯାଇଥିଲା କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଗଜପତି ବ୍ଲଡ଼ ଡୋନୋର ପକ୍ଷରୁ ମେଗା ରକ୍ତ ଦାନ ଶିବିର

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଟାଉନ ହଲ ରେ ଗଜପତି ବ୍ଲଡ଼ ଡୋନର ପକ୍ଷରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।ଅନ୍ୟତମ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏମ୍ ଏମ୍ ଅଲ୍ଲୀ,ଗଜପତି ବ୍ଲଡ଼ ଡୋନରର ସଭାପତି ଜୀ ନବୀନ, ଉପ ସଭାପତି ଏସ୍. ରଷି ପ୍ରମୁଖ ଯୋଗ ଦେଇଥିଲେ।ରକ୍ତ ଦାନ ଏକ ମହତ ଦାନ,ଅସୁବିଧା ସମୟରେ ରକ୍ତଦାନ କରି ଲୋକଙ୍କ ଜୀବନ ବଞ୍ଚି ପାରିବ ବୋଲି ମୂଳ ଉଦ୍ଦେଶ୍ୟ ଥିଲା। ୧୨୦ ୟୁନିଟ ରକ୍ତ ସଂଗୃହୀତ କରିବା ପାଇଁ ଲକ୍ଷ୍ୟ ରହିଥିଲା।ଏହି କାର୍ଯ୍ୟକ୍ରମରେ ମମତା ପାଢ଼ୀ, କୈଳାସ ଚନ୍ଦ୍ର ବିଶ୍ୱାଳ, ସୁଲତା ପାଣ୍ଡ,ସୁନିତା ରଥ,ମୋହିନୀ ପ୍ରଧାନ ଅମ୍ବିକା ମହାପାତ୍ର, କ୍ରାନ୍ତି କୁମାର, ନିହାର କୁମାର ପଣ୍ଡା,ଶରତ କୁମାର, ଙ୍କ ସମେତ ଗଜପତି ବ୍ଲଡ଼ ଡୋନରର ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ପେନସନ ନାହିଁ କି ରାସନ ନାହିଁ, ଏପଟେ ଭଙ୍ଗା କୁଡ଼ିଆ ରେ ଜୀବନ



ଝରୀଗାଁ, (ମହାଭାରତ) ପେଟକୁ ଭାତ ନାହିଁ କି ମୁଣ୍ଡକୁ ଛାତ ନାହିଁ ଅବହେଳିତ ଏହି ପରିବାର ମାନଙ୍କର ଦୁଃଖର ଅନ୍ତ ନାହିଁ, ସାଧାରଣ ମୌଳିକ ସୁବିଧାସୁଯୋଗ ରୁ ଅପହଞ୍ଚ ଏହି ବଣ୍ଟଆଗୁଡା ଗ୍ରାମର ପନ୍ଦର ପରିବାର, ସରକାର ପେଟକୁ ଭାତ ମୁଣ୍ଡକୁ ଛାତ ସହ ବୃଦ୍ଧ ବୃଦ୍ଧା ମାନଙ୍କ ଲାଗି କରିଛନ୍ତି ପେନସନ ର ବ୍ୟବସ୍ଥା, କିନ୍ତୁ ଏଭଳି ଅନେକ ଯୋଗ୍ୟ ହିତାଧିକାରୀ ଏଯାବତ ସରକାର ଙ୍କ ଦୃଷ୍ଟିରୁ ଅଗୋଚର ହୋଇ ରହିଯାଇଛନ୍ତି କିମ୍ବା ଅବହେଳିତ ହୋଇ ରହିଯାଇଛନ୍ତି ଯେଉଁଥିପାଇଁକି ଯୋଗ୍ୟ ହୋଇ ମଧ୍ୟ କିଏ ପେନସନ,ରାସନ ଏବଂ ଆବାସ ଭଳି ଯୋଜନା ର ଲାଭଉଠାଇବାରେ ଏଯାବତ ଅଯୋଗ୍ୟ ହୋଇ ରହିଯାଇଛନ୍ତି। ଏହି ହିତାଧିକାରୀ ଙ୍କ ଅଭିଯୋଗ କ୍ରମେ ଏମାନେ ବାରମ୍ବାର ସରକାରୀ ଦପ୍ତର କୁ ଯାଇ ଗୁହାରି କରିଆସିଛନ୍ତି କିନ୍ତୁ ଏମାନଙ୍କ କଥା କେହି ଶୁଣୁନଥିବା କହିଛନ୍ତି। ଏମାନେ, ଅଭାବୀ ଏବଂ ନିରକ୍ଷରତା ର ପରିଣତି ଏମାନଙ୍କୁ ଏଭଳି ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ କରିରଖିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଝରୀଗାଁ ପଂଚାୟତ ସମିତି ର ଏହି ଗ୍ରାମପଂଚାୟତ ଟି ହେଉଛି ।ନୂଆଗୁଡା ଗ୍ରାମପଂଚାୟତ, ଦିନେ ଏହି ଗ୍ରାମପଂଚାୟତ ର ଜଣେ ବୃଦ୍ଧା ମହିଳା ସୂର୍ଯ୍ୟ ହରିଜନ ପେନସନ ଟଙ୍କା ନ ପାଇ ଜାତୀୟ ସ୍ତରରେ ଚର୍ଚ୍ଚା ର ବିଷୟ ପାଲଟିଯାଇଥିଲେ ଯାହାକୁ ନେଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଙ୍କ ଷ୍ଟଙ୍ଗରସ୍ପ ପରେ ଏ ସଂକ୍ରାନ୍ତରେ ଚହଳ ସୃଷ୍ଟି ହୋଇଯାଇଥିଲା, ହେଲେ ଏ ଗ୍ରାମପଂଚାୟତ ର ବାସ୍ତବ ରୂପ ବଦଳିଲା ନାହିଁ, ଏବେବି ଅନେକ ହିତାଧିକାରୀ ବୟସର ଶେଷ ସମୟରେ ମଧ୍ୟ ପେନସନ ଏବଂ ରାସନ ପାଇବାରୁ ବଞ୍ଚିତ ରହିଛନ୍ତି। ଖୋଦ ପଂଚାୟତ ହେଡ୍‌କ୍ୱାଟର ର ଏହି ପରିବାର ମାନଙ୍କ ମଧ୍ୟରୁ ବିଷା ହରିଜନ ଯାହାଙ୍କ ବୟସ ପାଖାପାଖି ଅସିଏ ଛୁଇଁଲାଣି ହେଲେ ନା ମିଳୁଛି ପେନସନ ନା ମିଳୁଛି ରାସନ, ନିଜ ପେଟକୁ ମୁଠେ ଦାନା ଯୋଗାଡ଼ି ପାଇଁ କେବେ ଆ ଦୁଆରେ ତ କେବେ ଆଉ କାହା ଦୁଆରେ ଯାଇ ଅଳିଆ ପଡ଼ିଥାନ୍ତି। ଲୋକଙ୍କ ଦୟାରେ ବଞ୍ଚିଆସିଥିବା ଏହି ବୃଦ୍ଧ ଙ୍କ ପରିବାର ବୋଲି କେହି ନାହାନ୍ତି। ଏକ ଜରିପାଲ ଟଣା ଭଙ୍ଗା ଦଦରା କୁଡ଼ିଆ ହିଁ କେବଳ ସହାଭାରସା, ,ଅବହେଳିତ ଏହି ତମାମ ପରିବାର ମାନଙ୍କ ମଧ୍ୟରେ କାହାକୁ ଘର ନଥାଇ ଜରି ପାଲ ଟଣା ଝୋପଡ଼ି ରେ ଖରାବର୍ଷା କାକର ନିଜ ନିଜ ପରିବାରକୁ ନେଇଁ ରହି ଆସୁଛନ୍ତି ତ ଏଠି କାହାକୁ ବୟସ ଷାଠିଏ ପାର ହୋଇଯାଇଥିଲେ ମଧ୍ୟ ପେନସନ ମିଳୁନି। ଆଉ କେହି ବର୍ଷ ବର୍ଷ ଧରି ବିଧବା ଭତ୍ତା ପାଇନାହାନ୍ତି ।ସା ହେଉଛି ଗଣମାଧ୍ୟମ ଏବେ ଗଣମାଧ୍ୟମ କୁ ଆଶ୍ରା କରି ସରକାର ଙ୍କ ନିକଟରେ ଅଭିଯୋଗ ଜଣେଇଛନ୍ତି ଏହି ଗ୍ରାମବାସୀ। ଏଭଳି ଦୟନୀୟ ଜୀବନ ବିତାଉଥିବା ଏହି ପରିବାର ଗୁଡିକ ହେଉଛନ୍ତି ୧. ବିଶା ପନକା (୭୬)୨.ଲତା ପନକା (ବିଧବା),୩. ସାବିତ୍ରୀ ପନକା (ବିଧବା), ୪.ଜାମବତୀ ପନକା (ବାସହୀନ)୪.ଭଦର ଭତରା( ୬ ୨ ) , ୫ . ବନ୍ଧୁଭତରା,(୬୫)।୬,ସୁକୁ ପନକା(ବାସହୀନ ୭.ଫୁଲମତି ଗୌଡ଼ (ବାସହୀନ),୮.ତୁଲାରାମ ପନକା(ବାସହୀନ), ୯.ରାଧା ପନକା (ବାସହୀନ ), ୧୦.ସମ୍ବାରି ପୂଜାରୀ (ବାସହୀନ),୧୧.ଦେବକୀ ପନକା ଯାହାଙ୍କୁ ପରିବାର ମଙ୍ଗଳ ଯୋଜନା ପାଇବାର ହକ ଥିଲେ ମଧ୍ୟ ପାଇପାରିନାହାନ୍ତି। ଲୋକଙ୍କ ସମସ୍ୟା ରେ ଏବଂ ଲୋକଙ୍କ ଦୁଃଖ ସୁଖରେ ଲୋକଙ୍କ କାନ୍ଧରେ କାନ୍ଧ ମିଳେଇ ଚିଡ଼ହେବାର ପ୍ରତିଶୃତି ଦେଇ ନିର୍ବାଚିତ ହୋଇ ଆସିଥାନ୍ତି ନେତା, କିନ୍ତୁ ଲୋକଙ୍କ ସମସ୍ୟା ଯେମିତିକି ସେମିତି ରହିଯାଇଥାଏ ପୁଣି ନିର୍ବାଚନ ପରେ ନିର୍ବାଚନ ପୁଣି ନିର୍ବାଚନ ଆସିଲେ ପ୍ରତିଶୃତି ର ମାଳ ଧରି ଗରିବ ଦୁଆରେ ହାଜର ହୋଇଯାଇଥାନ୍ତି। ତେବେ ଏହି ତମାମ ସମସ୍ୟାକୁ ନେଇଁ ଝରୀଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ଜଣେଇବା ପରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଙ୍କୁ ତୁରନ୍ତ ସମାଧାନ ଲାଗି ନିର୍ଦ୍ଦେଶ ଦେଇଥିଲେ, ତେବେ ଏହି ଅସହାୟ ପରିବାର ମାନେ କେବେ ସହାୟତା ପାଉଛନ୍ତି ତାହା ସମୟ କହିବ।

## ବିଜ୍ଞାନ ମେଳାରେ ବିପର୍ଯ୍ୟୟ ପରିଚାଳନା ସୁରକ୍ଷା ସନ୍ଦେଶ : ଚର୍ଚ୍ଚା ସାଉଁଟିଲେ ଶ୍ରେୟାଂଶ



ଉଦଳା ( ମହାଭାରତ) - ବିଦ୍ୟାଳୟ ବିଜ୍ଞାନ ମେଳାରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ର ଙ୍କ ପ୍ରୋଜେକ୍ଟ ସମସ୍ତଙ୍କୁ କରିଲା ଆକୃଷ୍ଟ। ସବୁବେଳେ ବିପର୍ଯ୍ୟୟ ପରିଚାଳନା ସାରା ରାଜ୍ୟ ପାଇଁ ଏକ ଚ୍ୟାଲେଞ୍ଜ ହୋଇଥିବା ବେଳେ ତାହାକୁ କିପରି ପୂର୍ବ ପ୍ରସ୍ତୁତିରେ ମୁକାବିଲା କରାଯାଇପାରିବ ସେ ନେଇ ପ୍ରସ୍ତୁତ କରିଥିଲେ ନିଆରା ପ୍ରକଳ୍ପ। ଉଦଳା ବ୍ଲକ ଭୁରୁଡୁବଣି ଠାରେ ଥିବା ସେଣ୍ଟମେରୀ ବିଦ୍ୟାଳୟର ବିଜ୍ଞାନ ମେଳାରେ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ର ଶ୍ରେୟାଂଶ ମହାନ୍ତି କରିଥିଲେ ଏକ ନୂତନ ଚିନ୍ତାଧାରା ର ପ୍ରକଳ୍ପ। ଯାହାକି ଗାଇଡ଼ ଶିକ୍ଷକ ସ୍ମୃତି ବନ୍ୟା ମହାନ୍ତି ଏବଂ ସନ୍ଦୀପ ମହାନ୍ତିଙ୍କ ସହଯୋଗରେ ଏହି ପ୍ରକଳ୍ପ ତିଆରି କରାଯାଇଥିଲା। ଯେଉଁଥିରେ କିଭଳି ପ୍ରାକୃତିକ ବିପର୍ଯ୍ୟୟ କୁ ସମସ୍ତେ ନିଜ ଘରୁ ମୁକାବିଲା କରି ପାରିବେ ତାହାର ସନ୍ଦେଶ ଦିଆଯାଇଥିଲା। ଯେପରିକି ଭୂମିକମ୍ପ, କିମ୍ବା ଘରେ ନିଆଁ ଲାଗିଲେ । ବନ୍ୟା ସମୟରେ ଘର ପାଖକୁ ବନ୍ୟା ପାଣି ପହଂଚିବା ପୂର୍ବରୁ ଘରେ ଲାଗିଥିବା ସେନ୍ସର କିଭଳି ପୁରା ପରିବାର କୁ ସଚେତନ ଓ ସଜାଗ କରିପାରିବ, କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେଲେ ସ୍ୱତ ପ୍ରବୃତ ଭାବେ ଘରେ ଲାଗିଥିବା ସାଇରନ ଜଣାଇ ଦେବ ଆଗକୁ ବିପଦ ରହିଛି। କେବଳ ସେତିକି ନୁହେଁ ଟ୍ରେନ ଟ୍ରାକରେ କୌଣସି ତ୍ରୁଟି ରହିଲେ ଏହି ସେନ୍ସର ମାଧ୍ୟମରେ ମଧ୍ୟ ରେଳ ବିଭାଗ ଜାଣି ପାରିବେ ଯେ ରେଳ ଧାରଣାରେ ତ୍ରୁଟି ରହିଛି। ଯାହାକୁ ନ ସଜାଡ଼ିବା ପର୍ଯ୍ୟନ୍ତ ଏହି ସାଇରନ ବାଜି ରହିବ ବୋଲି କହିଛନ୍ତି ପ୍ରକଳ୍ପ ପ୍ରଦର୍ଶନ କରିଥିବା ଛାତ୍ର ଶ୍ରେୟାଂଶୟ ବିଭିନ୍ନ ସମୟରେ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟ ସହିତ ବାହାନଗା ଭଳି ବଡ଼ ଟ୍ରେନ ଟ୍ରାଜେଡି ରୁ ରକ୍ଷା ପାଇବା ପାଇଁ ଏହା ବେଶ ସହାୟକ ହେବ ବୋଲି କହିଛନ୍ତି ତାଙ୍କର ଗାଇଡ଼ ଶିକ୍ଷକ ସ୍ମୃତି ବନ୍ୟା ମହାନ୍ତି। ତାଙ୍କ ର ଏହି ପ୍ରକଳ୍ପ କୁ ବିଜ୍ଞାନ ମେଳାରେ ଭୂୟସୀ ପ୍ରଶଂସା କରାଯାଇଥିବା ବେଳେ ଶନିବାର ଆୟୋଜିତ ଏହି ବିଜ୍ଞାନ ମେଳାରେ ଉଦଳା ବିଇଓ ଦୀପକ ମିଶ୍ର, ବିଦ୍ୟାଳୟର ଏକାଡେମୀକ ଡାଇରେକ୍ଟର ପ୍ରାଣକୃଷ୍ଣ ସାହୁ ଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ।

## ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତି ଉଦଯାପିତ



ଦଶପଲ୍ଲା,(ମହାଭାରତ): ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ, କାଟପଲ୍ଲୀ ର ରୌପ୍ୟ ଜୟନ୍ତି ଉତ୍ସବ ଶନିବାର ସଂନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦେଇଥିଲେ। ବାମନ ଚରଣ ବାରୀକିଙ୍କ ସଭାପତିତ୍ୱ ରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପ୍ରଧାନ ଶିକ୍ଷକ ଶ୍ରୀ ହୃଷୀକେଶ ବାରିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ପବିତ୍ର ସାହୁ ପରିଚୟ ପ୍ରଦାନ କରିଥିଲେ। ଦୁଇ ଦିନ ଧରି ବହୁବିଧ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା।ସୂଚନା ଅନୁସାରେ ମଧ୍ୟାହ୍ନ ଭୋଜନରେ ପିଲା ଖାଇବା ପାଇଁ ଶଣ୍ଡା ଆଳୁ ଭଜା ତିଆରି ହେଉଥିବା ବେଳେ ଶିକ୍ଷକ ମାନଙ୍କ ପାଇଁ ପ୍ରସ୍ତୁତ ହେଉଥିଲା ମାଛ ବେସର ଭଜା । ଏହି ଖବର କିଛି ଗଣମାଧ୍ୟରେ ଖବର ପ୍ରକାଶ ହୋଇଥିବା ପରେ ଆଉ କିଛି ଭିତିରି ତଥ୍ୟ ପ୍ରକାଶ ହୋଇଯିବା ଭୟରେ କୌଣସି ଗଣମାଧ୍ୟମ କୁ ସୂଚନା ଦେଇନାହାନ୍ତି ସ୍କୁଲ ର ପ୍ରଧାନ ଶିକ୍ଷକ। ଏଭଳି କାର୍ଯ୍ୟକୁ ସମସ୍ତ ଗଣମାଧ୍ୟମ ର ପ୍ରତିନିଧି ନିନ୍ଦା କରିଛନ୍ତି।

## ଦଶପଲ୍ଲାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବାର୍ଷିକୋତ୍ସବ

ଦଶପଲ୍ଲା,(ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ତ୍ରିନାଥ ବଜାରସ୍ଥିତ ପ୍ରଭୁ ଶ୍ରୀ ଶ୍ରୀ ଠାକୁର ଅନୁକଳଚନ୍ଦ୍ର ଙ୍କ ସତସଙ୍ଗ ବିହାର ପରିସରରେ ରେ ପରମ ପ୍ରେମମୟ ପ୍ରଭୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳ ସମୟରେ ସମସ୍ତ ଭକ୍ତ ପଦଯାତ୍ରାରେ ବାହାରି ଥିଲେ।ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଏହି ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ (ଓୟୁଏଟି )ର ଅବସର ପ୍ରାପ୍ତ ପ୍ରଫେସର ହୃଷିକେଶ ସେନାପତି, ନିରୋଲୋଜି ଡାକ୍ତର ବିଶ୍ୱରଂଜନ ନାୟକଙ୍କ ସହିତ ଶ୍ରୀ ପ୍ରଭାତ କୁମାର ସାହୁ, ଦାମୋଦର ସାହୁ, ସୁଶାନ୍ତ ପାତ୍ର, କ୍ଷେତ୍ରବାସୀ ପ୍ରଧାନ, ଯୁଧିଷ୍ଠିର ପଣ୍ଡା ଅଧ୍ୱର୍ଯ୍ୟ ମଣ୍ଡଳୀ ଉପସ୍ଥିତ ରହିଥିଲେ।

## ଶିଶୁ ମନ୍ଦିର ଛାତ୍ରୀ ସାଇଶ୍ରୀ ପଣ୍ଡିତଙ୍କ ସଫଳତା

ଗଜପତି(ମହାଭାରତ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ପାରଳାଖେମୁଣ୍ଡିର ନବମ ଶ୍ରେଣୀର ଛାତ୍ରୀ ସାଇଶ୍ରୀ ପଣ୍ଡିତ ୧୩ ଡିସେମ୍ବର ଦିନ ଭୁବନେଶ୍ୱର ସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିଅମ୍ ଠାରେ ଟାଟା ଷ୍ଟିଲ୍ ଦ୍ୱାରା ଅନୁଷ୍ଠିତ ହୋଇଥିବା ୟଙ୍ଗ ଆଷ୍ଟ୍ରୋନୋମର୍ ଟ୍ୟାଲେଣ୍ଟ ସର୍ଚ୍ଚ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଓଡ଼ିଶାର ୬୦ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଚୟନିତ ହୋଇ ଶ୍ରେଷ୍ଠ ୩୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇ ମାନ୍ୟବର ଖାଦ୍ୟ ଯୋଗାଣ ଓ ବିଜ୍ଞାନ ବିଭାଗର ମନ୍ତ୍ରୀ ଶ୍ରୀ କୃଷ୍ଣ୍ୟଚନ୍ଦ୍ର ପାତ୍ରଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି ତଥା ବେଙ୍ଗାଲୁରୁ ସ୍ଥିତ ଇସ୍ରୋ ମହାକାଶ ବିଜ୍ଞାନ କେନ୍ଦ୍ର ଭ୍ରମଣ କରିବା ପାଇଁ ଯୋଗ୍ୟତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି ।ତାଙ୍କର ଏଇ ବିରଳ ସଫଳତାରେ ବିଦ୍ୟାଳୟରେ ଆନନ୍ଦର ଲହରି ଖେଳି ଯାଇଛି ।ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ପରିଚାଳନା ସମିତିର ସମସ୍ତ ସଦସ୍ୟ ଓ ଉପଦେଷ୍ଟା ମାନେ ତାଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ।ସେ ଆଚାର୍ଯ୍ୟ ଗୋପାଳ କୃଷ୍ଣ ପଣ୍ଡିତ ଓ ଶ୍ରୀମତୀ ସବିତା ପଣ୍ଡିତଙ୍କର କନ୍ୟା ଅଟନ୍ତି।

## ଜାତୀୟ ରାଜପଥ କଡରୁ ହଟୁନି ଜବରଦଖଲ



କେନ୍ଦୁଝର,(ମହାଭାରତ): ଜାତୀୟ ରାଜପଥ କଡରେ ଜବରଦଖଲ ଯୋଗୁଁ ଦୁର୍ଘଟଣା ବଢୁଛି । ଜାତୀୟ ରାଜପଥ କଡରୁ ଜବରଦଖଲ ହଟାଇବା ପାଇଁ ମୁଖ୍ୟ ଶାସନ ସଚିବ ପତ୍ରସଂଖ୍ୟା ୬୧୯୦/ ତା ୧୩/୬/୨୦୨୪ ରେ ସମସ୍ତ ଜିଲ୍ଲାପାଳ ଓ ଏସ୍ପି ମାନଙ୍କୁ ନିଦ୍ଦେଶ ଦେଇଥିଲେ । ଇତିମଧ୍ୟରେ ୧୮ ମାସରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ କେନ୍ଦୁଝର ଜିଲ୍ଲାରେ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଉନଥିବା ଦେଖିବାକୁ ମିଳୁଛି । କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୨୦ ର ପାଣିକୋଇଲିଠାରୁ ରିମୁଳି,ଜାତୀୟ ରାଜପଥ ୪୯ ର ବିଞ୍ଜାବାହାଲରୁ ତୁରୁମୁଙ୍ଗା,ଜାତୀୟ ରାଜପଥ ୫୨୦ ର ରିମୁଳିଠାରୁ ଗୁଆଲି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରାସ୍ତା କଡରେ ଏନ୍‌ଏଚ୍‌ଏଆଇ ଅଧିଗ୍ରହଣ କରିଥିବା ଜମି ଜବରଦଖଲ କରାଯାଇ ପାନ ଦୋକାନ,ଟାୟାର ଦୋକାନ,ଗ୍ୟାରେଜ,ଢାବା ଓ ହୋଟେଲ ଆଦି ଗଢି ଉଠିଛି । ଏସବୁ ଦୋକାନ ଗୁଡିକ ଆଗରେ ଚାଳକମାନେ ଗାଡି ରଖି ଘଣ୍ଟା ଘଣ୍ଟା ଅଟକି ରହୁଛନ୍ତି । ବିଶେଷ କରି ଭାରୀଯାନ ଗୁଡିକ ରାସ୍ତାରେ ଠିଆ ହେବା ଯୋଗୁଁ ଗାଡିମୋଟର ଚଳାଚଳରେ ସମସ୍ୟା ହେଉଛି । ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି । ରାତିରେ ସମସ୍ୟା ଅଧିକ ହେଉଛି ।ପଛରୁ ଆସୁଥିବା ଗାଡି ଗୁଡିକ ରାସ୍ତାକଡରେ ଠିଆ ହୋଇଥିବା ଗାଡି ପଛରେ ଧକ୍କା ଦେଉଛନ୍ତି । ୨୦ନଂ ଜାତୀୟ ରାଜପଥର ରାଇସୁଆଁ ନିକଟରେ ରାସ୍ତାକଡରେ ଜମି ଓ ଘରର କ୍ଷତିପୂରଣ ଦିଆଯିବା ପରେ ବି ଏକ ଦୁଇ ମହଲା କୋଠାକୁ ଭଙ୍ଗା ଯାଇନାହିଁ । ଉକ୍ତ କୋଠାରେ ଏବେ ହୋଟେଲ ଓ ଅନ୍ୟାନ୍ୟ ବ୍ୟବସାୟ ଚାଲିଛି । ବାରମ୍ବାର ଅଭିଯୋଗ ସତ୍ତେ ଏହି କୋଠାକୁ ଭଙ୍ଗା ଯାଉନଥିବା ସ୍ଥାନୀୟ ଲୋକେ କହିଛନ୍ତି । ଜାତୀୟ ରାଜପଥ (ଲ୍ୟାଣ୍ଡ ଆଣ୍ଡ ଟ୍ରାଫିକ) ଆକ୍ଟ ୨୦୦୨ ଅନୁସାରେ, ରାଜପଥ କଡରୁ ବେଆଇନ ଜବରଦଖଲ ଉଚ୍ଛେଦ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ସଡକ ସୁରକ୍ଷା ପାଇଁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ ରହିଛି । ହେଲେ କୌଣସି ପଦକ୍ଷେପ ନିଆଯାଉନାହିଁ । ସୁରକ୍ଷିତ ଯାତ୍ରା ପାଇଁ ଜାତୀୟ ରାଜପଥ କଡରେ ହୋଇଥିବା ବେଆଇନ ନିର୍ମାଣକୁ ତୁରନ୍ତ ଉଚ୍ଛେଦ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ସମାରୋହରେ ପାଳିତ

ପାରାଦୀପ (ମହାଭାରତ): ପାରାଦୀପ ସତସଙ୍ଗ ପକ୍ଷରୁ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଶୁଭ ଜନ୍ମ ମହୋତ୍ସବ ଶନିବାର ଦିନ ଜୟଦେବ ସଦନ ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି। ପୂଜ୍ୟପାଦ ଶ୍ରୀଶ୍ରୀ ଆଚାର୍ଯ୍ୟଦେବଙ୍କ ଅମୀୟ ଆଶିଷ ବହନ କରି ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ତଥା ଆଞ୍ଚଳିକ ସତ୍ସଙ୍ଗ ଉତ୍ସବ ପାରାଦୀପ ସ୍ଥିତ ଜୟଦେବ ସଦନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସନ୍ଧ୍ୟାରେ ସତ୍ସଙ୍ଗ ସଦାଲୋଚନାରେ ପାରାଦୀପ ଆଞ୍ଚଳିକ ସତ୍ସଙ୍ଗର ସମ୍ପାଦକ ରଞ୍ଜନ ବେଉରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ମୁଖ୍ୟବକ୍ତା ଋତ୍ୱିକ ଜିତେନ୍ଦ୍ର ପତି ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁଚରଣ ପରିଡ଼ା, ନିରଞ୍ଜନ ପ୍ରଧାନ, ମନୋଜ କୁମାର ଦାସ, ଦିପକ ରଞ୍ଜନ ରାୟଗୁରୁ, ଅକ୍ଷୟ କୁମାର ପାଲ, ମାନସ ରଞ୍ଜନ ପ୍ରଧାନ, ଅଲେଖ ଚରଣ ଖଟୁଆ, ମନୋଜ କୁମାର ମହାନ୍ତି, ସୌଭାଗ୍ୟ କୁମାର ସ୍ୱାଇଁ, ବସନ୍ତ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ କ୍ଷୟ ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ ଓ ନହବତ, ସମବେତ ଉଷା ବିନତି ପ୍ରାର୍ଥନା, ପରେ ପରେ ନଗର ପରିକ୍ରମା, ଶିଶୁଙ୍କୁ ନେଇ ଭଜନ ଓ ବକ୍ତୃତା ପ୍ରତିଯୋଗିତା, କିଶୋର ସତ୍ସଙ୍ଗ, ଅପରାହ୍ନରେ ମାତୃ ସମ୍ମିଳନୀ, ସଙ୍ଗୀତାଞ୍ଜଳୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସିଡନୀରେ ଆଖିବୁଜା ଫାୟାରିଂ, ୧୦ ମୃତ



ଅଷ୍ଟ୍ରେଲିଆ : ଆଜି ଅଷ୍ଟ୍ରେଲିଆର ସିଡନୀର ପ୍ରସିଦ୍ଧ ବଣ୍ଡି ବିଚରେ ଆଖିବୁଜା ଫାୟାରିଂ । ଏହି ଫାୟାରିଂରେ ୧୦ ଜଣଙ୍କର ମୃତ୍ୟୁ ଘଟିଛି । ଆଗକୁ ମୃତ୍ୟୁ ସଂଖ୍ୟା ବଢିପାରେ ବୋଲି ଅନୁମାନ କରାଯାଉଛି । ଯାହା ଫଳରେ ଘଟଣାସ୍ଥଳରେ ଆତଙ୍କ ଖେଳିଯାଇଥିଲା । ଯାହାର ଏକ ଭିଡିଓ ବର୍ତ୍ତମାନ ସାମ୍ନାକୁ ଆସିଛି । ସୂଚନାନୁଯାୟୀ, ଇହୁଦୀ ପର୍ବ ପାଳନ କରିବାକୁ ଶତାଧିକ ଲୋକ ଏକାଠି ହୋଇଥିଲେ । ସେହି ସମୟରେ ସିଡନୀର ବଣ୍ଡି ବିଚରେ ୨ ଜଣ ବନ୍ଧୁକଧାରୀ ଆଖିବୁଜା ଫାୟାରିଂ କରିଥିଲେ । ୨ ବନ୍ଧୁକଧାରୀ ପ୍ରାୟ ୫୦ ରାଉଣ୍ଡ ଗୁଳି ଫୁଟାଇଥିଲେ । ତେଣୁ ଭୟରେ ଲୋକମାନେ ବେଳାଭୂମିରୁ ଦୌଡ଼ିବାକୁ ଆରମ୍ଭ କରିଥିଲେ । ଏଥିସହ ପୋଲିସର ସାଇରନ୍ ମଧ ବାଜିଥିଲା । ବର୍ତ୍ତମାନ ୨ଜଣ ବନ୍ଧୁକଧାରୀଙ୍କୁ ଅଟକ ରଖିଛି ପୋଲିସ । ଏହି ଆଖିବୁଜା ଫାୟାରିଂରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ଯଦିଓ ଏପର୍ଯ୍ୟନ୍ତ ସରକାରୀ ଭାବରେ ନିଶ୍ଚିତ କରାଯାଇନାହିଁ । ସିଡନୀରେ ବଣ୍ଡି ବିଚ୍ ନ ଯିବାକୁ ଜାରି ହେଲା ନିର୍ଦ୍ଦେଶ । ଅନ୍ୟପଟେ ଏହି ଦୁର୍ଘଟଣା ପାଇଁ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ୍ ଦୁଃଖ ପ୍ରକାଶ କରିଛନ୍ତି । ପୋଲିସ ଏବଂ ଜରୁରୀକାଳୀନ ସେବା ଜୀବନ ବଞ୍ଚାଇବା ପାଇଁ କାର୍ଯ୍ୟ କରୁଛନ୍ତି । ଏଥିସହିତ କର୍ତ୍ତୃପକ୍ଷ ଲୋକମାନଙ୍କୁ ସେହି ସ୍ଥାନୀୟ ଅଞ୍ଚଳରୁ ଦୂରେଇ ରହିବାକୁ ଅନୁରୋଧ କରିଛନ୍ତି । ପୀଡିତ ଏବଂ ସେମାନଙ୍କ ପରିବାର ପ୍ରତି ସମବେଦନା ମଧ ଜଣାଇଛନ୍ତି । ଏହା ବ୍ୟତୀତ ପୋଲିସ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି ।

# ପାକିସ୍ତାନର ଅଜବ ବିବାହ: ବରଙ୍କୁ ଛାଡି ଚାଲି ଯାଆନ୍ତି କନ୍ୟା



ଇସଲାମାବାଦ: ଏବେ ପାକିସ୍ତାନରେ ଏକ ଅଜବ ବିବାହ ଧାରା ଜାରି ରହିଛି। ବିବାହ ମଞ୍ଚକୁ ଫୁଲରେ ସଜ୍ଜିତ କରାଯାଉଛି। ପାରମ୍ପରିକ ମେହେନ୍ଦୀ ଉତ୍ସବରେ ବର ଏବଂ କନ୍ୟାଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ରଖାଯାଉଛି। ଢୋଲର ତାଳେ ତାଳେ ନାଚଗୀତ ହେଉଛି। ସତେ ଯେପରି ସାଧାରଣ ବିବାହ ଉତ୍ସବ। ଉତ୍ସବ ତିନି ଦିନ ଧରି ଚାଲୁଛି। ବାହାଘର ହେଉଛି। କିନ୍ତୁ ବିବାହ ପରେ କନ୍ୟା ବରଙ୍କୁ ଛାଡି ଚାଲିଯାଉଛନ୍ତି। ପ୍ରକୃତରେ ଏହି ବିବାହ ସତ ସତିକା ନୁହେଁ। ସବୁ କିଛି ମିଛ ଆୟୋଜନ। ଏହି ମିଛ ବିବାହରେ ବର ବେଶରେ ଜଣେ ଝିଅ ରହିଥାନ୍ତି। କିନ୍ତୁ ଏହା ଏହା ଏକ ସମଲିଙ୍ଗୀ ବିବାହ ନୁହେଁ। ବିବାହ ଉତ୍ସବ ଭଳି ପାର୍ଟି, ଅଳଙ୍କାର, ପରିବାର ଏବଂ ବରଯାତ୍ରୀ ଉତ୍ସବରେ ସବୁ ପ୍ରକାରର ଲୋକ ଅଛନ୍ତି। କିନ୍ତୁ ବର ଏବଂ କନ୍ୟା ଏକାଠି ବଞ୍ଚିବା ଏବଂ ମରିବା ପାଇଁ ପ୍ରତିଜ୍ଞା ନିଅନ୍ତି ନାହିଁ। ସେମାନେ କେବଳ ବିବାହ ଭୋଜି ଉପଭୋଗ କରିଥାନ୍ତି। ଜୀବନରେ ଭାରାକ୍ରାନ୍ତ ହୋଇଥିବା ଲୋକଙ୍କୁ ସାମୟିକ ଖୁସି ଏବଂ ଆନନ୍ଦର ପରିବେଶ ପ୍ରଦାନ କରିବା ପାଇଁ ଏହି ବିବାହ ଉତ୍ସବ ଆୟୋଜନ କରାଯାଇଥାଏ। ଆୟୋଜକ ଏନେଇ ଅଂଶଗ୍ରହଣକାରୀଙ୍କଠାରୁ ଟଙ୍କା ନେଇ ଟିକେଟ୍ ଦେଇଥାନ୍ତି। ୨୦୨୩ ମସିହାରୁ ପାକିସ୍ତାନରେ ଏହି ଅଜବ ଧାରା ଦ୍ରୁତ ଗତିରେ ଦେଖାଦେଇଛି। ଏହି ନକଲି ବିବାହରେ ପ୍ରକୃତ ବିବାହର ସମସ୍ତ ପ୍ରକାରର ପୋଷାକ, ସଙ୍ଗୀତ, ରୀତିନୀତି ଏବଂ ସାଜସଜ୍ଜା ରହିଥାଏ। କିନ୍ତୁ ସମ୍ପର୍କ ଅସଲି ନୁହେଁ ନକଲି। ଯୁବବର୍ଗମାନେ ମୁକ୍ତ ଭାବରେ ନାଚିବା ଏବଂ ଗୀତ ଗାଇବା ଏବଂ ବିବାହ ଉତ୍ସବର ମଜା ନେବା ପାଇଁ ଏକ ମଞ୍ଚ ପ୍ରସ୍ତୁତ କରାଯାଇଥାଏ। ତେବେ ଏହା କେବଳ କିଛି ଘଣ୍ଟା ପାଇଁ। ୨୦୨୩ ମସିହାରେ ଲାହୋର ୟୁନିଭରସିଟି ଅଫ୍ ମ୍ୟାନେଜମେଣ୍ଟ ସାଇନ୍ସରେ ଅନୁଷ୍ଠିତ ଏକ ନକଲି ବିବାହର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହି ଧାରା ବ୍ୟାପକ ଭାବରେ ପରିଚିତି ପାଇଥିଲା। ବିବାହରେ ସବୁକିଛି ଥିଲା କିନ୍ତୁ ସମ୍ପର୍କ ନଥିଲା, ଉତ୍ସବ ପରେ ଦେଶରେ ବିବାଦ ସୃଷ୍ଟି କିନ୍ତୁ ଦେଶର ଯୁବପିଢ଼ି ଏବଂ ସୋସିଆଲ ମିଡିଆ ପ୍ରଭାବଶାଳୀ(ଇନଫ୍ଲୁଏନ୍ସର)ମାନେ ଏହାକୁ ଖୋଲାଖୋଲି ଭାବରେ ଗ୍ରହଣ କରିଥିଲେ।ଏହି ବିବାହ ସମାଲୋଚନାର ସୂତ୍ରପାତ କରିଥିଲା। ବିବାହରେ ଯୋଗ ଦେଇଥିବା ଜଣେ ଛାତ୍ରୀ କହିଥିଲେ, ଯେ ଏହା ତାଙ୍କ ଅନୁମତି ବିନା ଭାଇରାଲ ହୋଇଥିଲା। ଆମ ପରିବାରକୁ ଉତ୍ତର ଦେବାକୁ ପଡିଥିଲା। ବର ଘରେ ଶାନ୍ତି ଥିଲା, କିନ୍ତୁ କନ୍ୟା ସାଜିଥିବା ଝିଅଟି ଘରେ ହଙ୍ଗମା ସୃଷ୍ଟି ହୋଇଥିଲା। ରିପୋର୍ଟ ଅନୁଯାୟୀ, ବିଶ୍ୱବିଦ୍ୟାଳୟକୁ ନେଇ କଡ଼ା ସମାଲୋଚନା କରାଯାଇଥିଲା। କାରଣ ଅନେକ ଲୋକ ଏହାକୁ ଏକ ସମଲିଙ୍ଗୀ ବିବାହ ବୋଲି ଭାବିଥିଲେ। ଛାତ୍ରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବାକୁ ପଡିଥିଲା। ଯଦିଓ ପ୍ରଥମ ଥର ପାଇଁ ଏପରି ବିବାହ ସମାଲୋଚନାର ସମ୍ମୁଖୀନ ହୋଇଥିଲା, କିନ୍ତୁ ଏହି ନକଲି ବିବାହ ଏବେ ଏକ ଧାରା ପାଲଟିଛି। ପାକିସ୍ତାନରେ ଏହି ନକଲି ବିବାହ ଆଉ କେବଳ ପାର୍ଟି ନୁହେଁ; ଏଗୁଡ଼ିକ ସମାଜ, ପରମ୍ପରା ଏବଂ ସ୍ୱାଧୀନତା ମଧ୍ୟରେ ଦ୍ୱନ୍ଦ୍ୱର ଏକ ନୂତନ କାହାଣୀ ପାଲଟିଛି। ଅସଲି ବିବାହରେ ଶାରୀରିକ କ୍ଳାନ୍ତି ଏବଂ ସମ୍ପର୍କୀୟମାନଙ୍କ ଚାପ ପ୍ରାୟତଃ ଲୋକମାନଙ୍କୁ ସେମାନଙ୍କର ନିଜସ୍ୱ କାର୍ଯ୍ୟକ୍ରମ ଉପଭୋଗ କରିବାରୁ ବାଧା ଦେଉଥିଲା। ଏହିପରି ନକଲି ବିବାହ ଧାରା ଲୋକଙ୍କୁ ବିବାହ ଉପଭୋଗ କରିବାର ଅବସର ପ୍ରଦାନ କରୁଛି। ବର୍ତ୍ତମାନ ଅନେକ କମ୍ପାନି ମଧ ଏଭଳି ନକଲି ବିବାହ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି।

## ଦୁଇଟି ଆତଙ୍କବାଦୀ ଆକ୍ରମଣରେ ଅଳ୍ପକେ ବର୍ତ୍ତିଯାଇଥିବା ବ୍ୟକ୍ତି

ଅଷ୍ଟ୍ରେଲିଆ : ଅଷ୍ଟ୍ରେଲିଆର ସିଡନୀରେ ରବିବାର ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନେଇ ସାରା ବିଶ୍ୱରେ ଚିନ୍ତା ଓ କ୍ରୋଧ ପ୍ରଧାନ ପାଇଛି । ଏସବୁ ମଧ୍ୟରେ ଏକ ଚମତ୍କାର ଘଟଣା ଘଟିଛି । ଜଣେ ଇହୁଦି ବ୍ୟକ୍ତି ଆଶ୍ଚର୍ଯ୍ୟଜନକଭାବେ ବଞ୍ଚିଯାଇଛନ୍ତି । ତାଙ୍କ ନାଁ ହେଉଛି ଆର୍ସେନ୍ ଓଷ୍ଟ୍ରୋଭସ୍କି । ସେ ୨୦୨୩ ଅକ୍ଟୋବର ୭ରେ ହୋଇଥିବା ହମାସ ଆକ୍ରମଣରେ ବି ବର୍ତ୍ତିଯାଇଥିଲେ । ଗୁଳି ତାଙ୍କ କାନକୁ ଛୁଇଁ ଚାଲିଯାଇଥିଲା, କିନ୍ତୁ ସେ ବର୍ତ୍ତିଯାଇଛନ୍ତି । କିନ୍ତୁ ତାଙ୍କର ଏହି ବର୍ତ୍ତିଯିବାକୁ ଚମତ୍କାର ବୋଲି କାହିଁକି କୁହାଯାଉଛି ? ଏହାର କାରଣ ହେଉଛି ଠିକ ୨ ବର୍ଷ ପୂର୍ବେ ୨୦୨୩ରେ ଇସ୍ରାଏଲରେ ହୋଇଥିବା ହମାସର ଆତଙ୍କବାଦୀ ଆକ୍ରମଣରେ ବି ସେ ଆଶ୍ଚର୍ଯ୍ୟଜନକଭାବେ ବର୍ତ୍ତିଯାଇଥିଲେ । ସୋସିଆଲ ମିଡିଆ ପ୍ଲାଟଫର୍ମ ଡ ରେ ଆର୍ସେନ୍ ଓଷ୍ଟ୍ରୋଭସ୍କି ଲେଖିଛନ୍ତି, 'ମୁଁ ୨୦୨୩ ଅକ୍ଟୋବର ୭ ତାରିଖରେ ଘଟିଥିବା ଆତଙ୍କୀ ଘଟଣାରୁ ବି ବଞ୍ଚିଯାଇଥିଲି। ଅଷ୍ଟ୍ରେଲିଆରେ ଏପରି ଭୟଙ୍କର ଦୃଶ୍ୟ ଦେଖାଯିବ ବୋଲି ମୁଁ କେବେ କଳ୍ପନା କରି ନଥିଲି। ଗୁଳି ମୋ ମୁଣ୍ଡରେ ବାଜିଥିଲା। ଡାକ୍ତରମାନେ କହିଛନ୍ତି ଯେ ମୋର ବଞ୍ଚିବା ଏକ ଚମତ୍କାରଠାରୁ କମ୍ ନୁହେଁ, କିନ୍ତୁ ସୁସ୍ଥ ହେବା ପାଇଁ ସମୟ ଲାଗିବ। ଆଜି ହନୁକାହର ପ୍ରଥମ ରାତି।

## ଲୁଧିଆନା ୱେଷ୍ଟଏଣ୍ଡ ମଲରେ ଭୟଙ୍କର ଅଗ୍ନିକାଣ୍ଡ



ଲୁଧିଆନା : ଲୁଧିଆନାର ୱେଷ୍ଟଏଣ୍ଡ ମଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ପ୍ରଥମ ମହଲାରେ ଥିବା ଡ୍ରେସ୍ ଶୋ'ରୁମରେ ଅଗ୍ନିକାଣ୍ଡ ଘଟିବାରୁ ସେହି ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଏପରି ଘଟଣା ବିଳମ୍ବିତ ରାତିରେ ଘଟିଛି । ଅଗ୍ନିକାଣ୍ଡ ହେବା ମାତ୍ରେ ସମ୍ପୂର୍ଣ୍ଣ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା । ସାଇରନ୍ ବାଜିବା ମାତ୍ରେ ତୁରନ୍ତ ସମସ୍ତେ ଜୀବନ ରକ୍ଷା କରିବା ପାଇଁ ଦୌଡିବାକୁ ଲାଗିଥିଲେ । କିନ୍ତୁ ସେହି ସମୟରେ ଅଧିକାଂଶ ଦୋକାନ ବନ୍ଦ ଥିଲା । ସୌଭାଗ୍ୟବଶତଃ ଅଗ୍ନିଶମ ବାହିନୀ ସମୟ ମଧ୍ୟରେ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ। ଏହା ବ୍ୟତୀତ ଏଥିରେ କୌଣସି ଆହତ ହୋଇଥିବାର ସୂଚନା ନାହିଁ । ସୂଚନାନୁଯାୟୀ, ବିଳମ୍ବିତ ରାତିରେ ୱେଷ୍ଟଏଣ୍ଡ ମଲରେ ଅଗ୍ନିକାଣ୍ଡ ଘଟିଥିଲା। ସେହି ସମୟରେ ଅଧିକାଂଶ ଦୋକାନ ବନ୍ଦ ଥିଲା । କିନ୍ତୁ କିଛି ଲୋକ ମଲ୍ଟିପ୍ଲେକ୍ସରେ ଫିଲ୍ମ ଦେଖୁଥିଲେ । ନିଆଁ ବ୍ୟାପିବା ପରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା । ସେମାନଙ୍କୁ ତୁରନ୍ତ ସୁରକ୍ଷିତ ଭାବେ ବାହାରକୁ ସ୍ଥାନାନ୍ତର କରାଯାଇଥିଲା । ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । କିନ୍ତୁ କୌଣସି ଆହତଙ୍କ ସୂଚନା ନାହିଁ । ଏପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ମଧ ଅସ୍ପଷ୍ଟ ରହିଛି । ତେଣୁ ବର୍ତ୍ତମାନ ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ୟୁପି ବିଜେପି ରାଜ୍ୟ ସଭାପତି ହେଲେ ପଙ୍କଜ ଚୌଧୁରୀ



ଉତ୍ତର ପ୍ରଦେଶ : ଭାରତୀୟ ଜନତା ପାର୍ଟିର ଉତ୍ତର ପ୍ରଦେଶକୁ ନୂତନ ରାଜ୍ୟ ସଭାପତି ମିଳିଛି । ବିଜେପି ମନ୍ତ୍ରୀ ପୀୟୁଷ ଗୋୟଲ ଦଳର ନୂତନ ରାଜ୍ୟ ସଭାପତି ଘୋଷଣା କରିଛନ୍ତି । ଗୋରଖପୁରର ବରିଷ୍ଠ ବିଜେପି ନେତା ପଙ୍କଜ ଚୌଧୁରୀଙ୍କୁ ରାଜ୍ୟ ସଭାପତି ଭାବରେ ନିଯୁକ୍ତ କରାଯାଇଛି । ସେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜେପି ରାଜ୍ୟ ସଭାପତି ନିର୍ବାଚନରେ ବିଜୟୀ ହୋଇଛନ୍ତି । ଏହି ଘୋଷଣାକୁ ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ଦଳର ରଣନୀତିର ଏକ ଅଂଶ ଭାବରେ ଦେଖାଯାଉଛି । ଏହା ରାଜ୍ୟର ଆଗାମୀ ଜିଲ୍ଲା ପଞ୍ଚାୟତ ନିର୍ବାଚନରେ ମଧ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ । ପଙ୍କଜ ଚୌଧୁରୀ ମହାରାଜଗଞ୍ଜ ଲୋକସଭା ଆସନରୁ ସାତ ଥର ସାଂସଦ ଭାବରେ କାର୍ଯ୍ୟ କରିଛନ୍ତି । ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ, ଅମିତ ଶାହ ଏବଂ ରାଜନାଥ ସିଂ ବିଶ୍ୱସ୍ତ ନେତା ପଙ୍କଜ ଚୌଧୁରୀ । କୁର୍ମୀ ସମୁଦାୟରେ ଉତ୍ତରପ୍ରଦେଶ ରାଜନୀତିରେ ବେଶ ପ୍ରଭାବୀ । ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ପଙ୍କଜ ଚୌଧୁରୀଙ୍କୁ ଦଳରେ ସାମିଲ କରିଛି ।


## ଘନ କୁହୁଡ଼ି : ବସ୍ ସହିତ ଧକ୍କା ହେଲା ଆଉ ୪ଟି ବସ୍



ହରିୟାଣା : ହରିୟାଣାରେ ଘନ କୁହୁଡ଼ି ସାଜିଲା କାଳ । ଘନ କୁହୁଡ଼ି ପାଇଁ ରେୱାଡିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ରେୱାଡିରେ ୪ଟି ବସ୍ ପରସ୍ପର ସହିତ ଧକ୍କା ହୋଇଛନ୍ତି । ଯେଉଁଥିରେ ଅନେକ ଲୋକ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଯାହା ଫଳରେ ଟ୍ରାଫିକ୍ ଜାମ୍ ଭଳି ସମସ୍ୟା ମଧ ଦେଖିବାକୁ ମିଳିଛି । ଏହି ଦୁର୍ଘଟଣାରେ ତିନିରୁ ଚାରିଟି ବସ୍ ଧକ୍କା ହୋଇଥିବା ସୂଚନା ମିଳୁଛି । ତୁରନ୍ତ ପୋଲିସ ପହଞ୍ଚି ରାସ୍ତା ଜାମ୍ ହୋଇଥିବା ଭଳି ସମସ୍ୟାର ସମାଧାନ କରୁଛି । ସୂଚନାନୁଯାୟୀ, ଆଜି ସକାଳେ ରେୱାଡିରେ ଏହି ସଡ଼କ ଦୁର୍ଘଟଣା ଘଟିଛି । ରେୱାଡିରେ ୪ଟି ବସ୍ ପରସ୍ପର ସହିତ ଧକ୍କା ହୋଇଛି । ଗୋଟିଏ ବସ୍ ରେୱାରିରୁ ଝଜ୍ଜର ଯାଉଥିବା ସମୟରେ ଅନ୍ୟ ଏକ ବସ୍ ସହିତ ଧକ୍କା ହୋଇଥିଲା । ଏଥିସହ ଅନ୍ୟ ୨ଟି ଗାଡ଼ି ମଧ ଏହା ସହିତ ଧକ୍କା ହୋଇଥିଲା । ଏହି ସମୟରେ ଦୁର୍ଘଟଣାର ଏକ ଭିଡିଓ ସାମ୍ନାକୁ ଆସିଛି । ଯେଉଁଥିରେ ଗୋଟିଏ ବସ୍ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି । ଘନ କୁହୁଡ଼ି ଯୋଗୁଁ ଏପରି ଦୁର୍ଘଟଣା ଘଟିଥିବା ପୋଲିସ କହିଛି । ଅନ୍ୟପଟେ ଆୟତମାନଙ୍କୁ ବସରୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏଥିସହ ସେମାନଙ୍କ ପରିବାର ସଦସ୍ୟଙ୍କୁ ମଧ ସୂଚନା ଦିଆଯାଇଛି । ବର୍ତ୍ତମାନ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଆରମ୍ଭ କରାଯାଉଛି । ସୂଚନାଯୋଗ୍ୟ, ଘନ କୁହୁଡ଼ି ସାଜିଲା କାଳ । କୁହୁଡି ଯୋଗୁଁ, ଗ୍ରେଟର ନୋଏଡା ପୂର୍ବ ପେରିଫେରାଲ ହାଇୱେରେ ଛଅରୁ ଅଧିକ ଗାଡ଼ି ପରସ୍ପର ସହିତ ଧକ୍କା ହୋଇଥିଲା । ଯାହା ଫଳରେ ଅନେକ ଲୋକ ଆହତ ହୋଇଥିଲେ । ସୂଚନା ପାଇବା ପରେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଗାଡ଼ିଗୁଡ଼ିକୁ ହାଇୱେରୁ ଟାଣି ନେଇ ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା ।

## ଆମେରିକା ବ୍ରାଉନ୍ ୟୁନିଭର୍ସିଟିରେ ଗୁଳିକାଣ୍ଡ, ୨ ମୃତ

ଆମେରିକା : ଆମେରିକା ୟୁନିଭର୍ସିଟିର ବାରୁସ୍ ଆଣ୍ଡ ହୋଲି ବିଲ୍ଡିଂରେ ଫାଇନାଲ ପରୀକ୍ଷା ଚାଲିଥିବାବେଳେ ବଡ଼ ଧରଣର ଗୁଳିକାଣ୍ଡ ଘଟିଛି । କ ଳ । ପୋଷାକ ପିନ୍ଧିଥିବା ଜଣେ ସନ୍ଦିଗ୍ଧ ଅାର୍ସି



ଆଖିବୁଜା ଗୁଳିମାଡ଼ କରିଥିଲା । ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି । ଅନ୍ୟ ୮ ଜଣ ଆହତଙ୍କୁ ରୋଡ୍ ଆଇଲ୍ୟାଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମୃତାହତଙ୍କ ସଂଖ୍ୟା ବଢିପାରେ ବୋଲି ଆଶଙ୍କା କରାଯାଉଛି । ଗୁଳିମାଡ଼ କରିବା ପରେ ସନ୍ଦିଗ୍ଧ ଜଣକ ହୋପ୍ ଷ୍ଟ୍ରିଟ୍ ଆଡକୁ ଚାଲି ଚାଲି ଯାଇ ଫେରାର ହୋଇଯାଇଥିଲା । ଆକ୍ରମଣର କାରଣ ଜଣାପଡିନାହିଁ । ପ୍ରଥମେ ଜଣେ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଥିବାବେଳେ ପରେ ତାକୁ ଛାଡିଦିଆଯାଇଛି । ସୁରକ୍ଷା ଦୃଷ୍ଟିରୁ ଲୋକଙ୍କୁ ଘର ଭିତରୁ ନବାହାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍ଥାନୀୟ ପୋଲିସ ସହ ଋଇଓ ଓ ଇଞ୍ଚର ଘଟଣାର ତଦନ୍ତ କରୁଛନ୍ତି । ଘଟଣାକୁ ନେଇ ଦୁ!ଖ ପ୍ରକାଶ କରିବା ସହ ଶାନ୍ତି ବଜାୟ ରଖିବାକୁ ଅପିଲ୍ କରିଛନ୍ତି ମେୟର ବ୍ରେଟ୍ ସ୍ମାଇଲି ଓ ଗଭର୍ଣ୍ଣର ଡାନ୍ ମ୍ୟାକିକ୍ ।

# ରୋଡୱେଜ୍ ବସ୍ ସହିତ ଏକ ଘରୋଇ ସ୍କୁଲ ବସ୍ ର ମୁହାଁମୁହିଁ ଧକ୍କା, ଜଣେ ମୃତ




ହରିୟାଣା : ହରିୟାଣାର ଚରଖି ଦାଦ୍ରିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ରୋଡୱେଜ୍ ବସ୍ ଏକ ଘରୋଇ ସ୍କୁଲ ବସ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଯାହା ଫଳରେ ଏହି ଦୁର୍ଘଟଣାରେ ଜଣେ ୧୧ଶ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ଏଥିସହ ଏହି ଦୁର୍ଘଟଣାରେ ମଧ ଅନ୍ୟ ୧୮ ଜଣ ପିଲା ଆହତ ହୋଇଛନ୍ତି । ଏହି ଦୁର୍ଘଟଣା ଦାଦ୍ରି-ବିରୋହାଡ ରାସ୍ତାରେ ଦେଖିବାକୁ ମିଳିଛି । ଏହି ଦୁର୍ଘଟଣାରେ ସ୍କୁଲ ବସ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ପଠାଯାଇଛି । ସୂଚନାନୁଯାୟୀ, ଦାଦ୍ରି-ବିରୋହର ରାସ୍ତାରେ ହରିୟାଣା ରୋଡୱେଜର ଏକ ବସ୍ ଯାଉଥିଲା । ପିଲାମାନଙ୍କୁ ସ୍କୁଲକୁ ନେଇ ଯାଉଥିବା ଏକ ଘରୋଇ ସ୍କୁଲ ବସ୍ ସେହି ରାସ୍ତା ଦେଇ ଯାଉଥିଲା । ହଠାତ୍ ଦୁଇଟି ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା । ଧକ୍କା ହେବା ଫଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ସ୍କୁଲ ବସ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ଜଣେ ୧୧ଶ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଥିଲାବେଳେ ଅନ୍ୟ ୧୮ ଜଣ ସ୍କୁଲ ଛାତ୍ର ଆହତ ହୋଇଥିଲେ । ସ୍ଥାନୀୟ ଲୋକମାନେ ଆହତମାନଙ୍କୁ ସାହାଯ୍ୟ କରିଥିଲେ । ସୂଚନା ପାଇବା ପରେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା । ଆହତମାନଙ୍କୁ ଚିକିତ୍ସା ପାଇଁ ଦାଦ୍ରି ସିଭିଲ୍ ହସ୍ପିଟାଲ୍ ଏବଂ ଦୁଇଟି ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସୂଚନାଯୋଗ୍ୟ, ଝଜ୍ଜର ଜିଲ୍ଲାରେ ଘନ କୁହୁଡ଼ି ଯୋଗୁଁ ଶୁକ୍ରବାର ସକାଳେ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି । ଝଜ୍ଜର-ରେୱାରି ରାସ୍ତାରେ କୁଲାନା ଏବଂ ଗୁରାୱାରା ଗାଁ ମଧ୍ୟରେ ଏକ ଟ୍ରାଭେଲର୍ ବସ୍ ଠିଆ ହୋଇଥିବା ଏକ ଟ୍ରକ୍ ସହିତ ଧକ୍କା ହୋଇଥିଲା । ଦୁର୍ଘଟଣାରେ ବସ୍ ଡ୍ରାଇଭର ଗୁରୁତର ଆହତ ହୋଇଥିଲେ ଏବଂ ତାଙ୍କର ଗୋଟିଏ ଗୋଡ ହରାଇଛନ୍ତି । ବସ୍ ?ରେ ଥିବା କିଛି ତୀର୍ଥଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ ଏବଂ ସେମାନଙ୍କୁ ଘଟଣାସ୍ଥଳରେ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ୍ ବ୍ୟବସ୍ଥାକୁ ପୁନଃସ୍ଥାପିତ କରିଛି ଏବଂ ତଦନ୍ତ ଆରମ୍ଭ କରିଛି । କୁହୁଡ଼ି ପାଗ ସମୟରେ ସତର୍କତା ଅବଲମ୍ବନ କରିବା ଏବଂ ଧୀରେ ଗାଡି ଚଲାଇବାକୁ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି ।

## ଆତଙ୍କବାଦୀ ଆକ୍ରମଣ ବୋଲି ଘୋଷଣା କଲା ଅଷ୍ଟ୍ରେଲିଆ ପୁଲିସ

: ଆତଙ୍କବାଦୀ କାର୍ଯ୍ୟକଳାପରୁ ମୁଖ୍ୟତଃ ମୁକ୍ତ ରହିଆସିଥିବା ଅଷ୍ଟ୍ରେଲିଆରେ ଆଜି ଏକ ଆତଙ୍କବାଦୀ ଆକ୍ରମଣ ହୋଇଛି । ବଣ୍ଡି ବିଚରେ ଦୁଇଜଣ ଅଜଣା ବନ୍ଧୁକଧାରୀ ପହଞ୍ଚି ଲୋକଙ୍କ ଉପରେ ଆଖିମୁଜା ଗୁଳିଚଳାଇବାରୁ ୧୧ ଜଣ ଲୋକ ପ୍ରାଣ ହରାଇଛନ୍ତି । ଏହି ଘଟଣା ଏକ ଆତଙ୍କବାଦୀ ଘଟଣା ବୋଲି ଅଷ୍ଟ୍ରେଲିଆ ପୁଲିସ ଘୋଷଣା କରିଛି । ଏକ ଇହୁଦୀ ପର୍ବ ପାଇଁ ଲୋକମାନେ ଉତ୍ସବ ପାଳନ କରୁଥିବାବେଳେ ଆତଙ୍କବାଦୀମାନେ ଗୁଳିଚଳାଇଥିଲେ । ଏହା ଫଳରେ ଘଟଣାସ୍ଥଳରେ ହିଁ ୧୧ ଜଣ ଲୋକ ଟଳିପଡ଼ିଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଇହୁଦୀ ବୋଲି ଜଣାପଡ଼ିଛି । ଘଟଣାସ୍ଥଳରେ ପୁଲିସ ପହଞ୍ଚିବା ପରେ ଆତଙ୍କବାଦୀମାନଙ୍କ ସହ ଏନକାଉଣ୍ଟର ଆରମ୍ଭ ହୋଇଥିଲା । ଏହି ଏନକାଉଣ୍ଟରରେ ଜଣେ ଆତଙ୍କବାଦୀ ପ୍ରାଣ ହରାଇଛି ।

### ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ

# ମହିଳାରେ ଉନ୍ନତି, ପୁରୁଷରେ କିରଣ ବିଜେତା

ଭୁବନେଶ୍ୱର/କଟକ, ୧୪।୧୨ : କଟକ ସ୍ଥିତ ଜବାହର ଲାଲ ନେହେରୁ ଇଣ୍ଡୋର ଷ୍ଟାଡ଼ିୟମ୍ ଠାରେ ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଓଡିଶା ମାଷ୍ଟର୍ସ ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ମହିଳା ସିଙ୍ଗଲସ, ପୁରୁଷ ସିଙ୍ଗଲସ, ମହିଳା ଡବଲସ, ପୁରୁଷ ଡବଲସ ଏବଂ ମିକ୍ସଡ଼ ଡବଲସ ଏ ସମସ୍ତ ବିଭାଗର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇ ଚମ୍ପିୟାନ ଓ ରନର୍ସ ଅପ ଖେଳାଳୀଙ୍କୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।



ଖେଳାଯାଇ ଥିବା ପୁରୁଷ ଫାଇନାଲ ଖେଳରେ ଭାରତର କିରଣ ଜର୍ଜ ଇଣ୍ଡୋନେସିଆ। ଖେଳାଳି ମହମ୍ମଦ ୟୁସୁଫଙ୍କୁ ୨୧-୧୪,୧୩-୨୧ ଓ ୨୧-୧୬ ପଏଣ୍ଟର ତିନୋଟି ଗେମରେ ହରାଇ ଚମ୍ପିୟାନ ହୋଇଛନ୍ତି। ମହିଳା ଫାଇନାଲରେ ଟପସିଡ଼ ଭାରତୀୟ ଖେଳାଳୀ ଉନ୍ନତି ହୁଡ୍ଡା ନିଜ ଦେଶର ଇସାରାଣୀ ବରୁଆ।ଙ୍କୁ ସିଧାସଳଖ ୨୧-୧୭ ,୨୧-୧୦ ପଏଣ୍ଟର ଦୁଇଟି ଗେମ୍ରେ ହରାଇ ଚମ୍ପିୟାନ ହୋଇଛନ୍ତି।

ମିକ୍ସଡ଼ ଡବଲସ ଫାଇନାଲରେ ଇଣ୍ଡୋନେସିଆ। ଯୋଡ଼ିମାରାନ ଫାଜ୍ରା ଓ ଅ।ସ୍ୟାହ ପୂର୍ତ୍ତି ପ୍ରଣତା, ଡି.ଫେର୍ଡିନେନସି ଓ ବି. ୱାର୍ଦନାଙ୍କୁ ୨୧-୧୫ ଓ ୨୧-୧୦ ପଏଣ୍ଟର ସିଧାସଳଖ ଦୁଇଟି ଗେମ୍ରେ ହରାଇ ଚମ୍ପିୟାନ ହୋଇଛନ୍ତି। ମହିଳା ଡବଲସ ବିଭାଗ ଫାଇନାଲ ମ୍ୟାଚ୍ ଟପସିଡ଼ ବୁଲଗେରିଆ। ଯୋଡ଼ି ଗେବ୍ରିଏଲା ଷ୍ଟୋଭା ଓ ଷ୍ଟେଫାନୀ ଷ୍ଟୋଭା ଏବଂ ମାଲେସିଆ। ଯୋଡି ଅଙ୍ଗଜିନ ୟୀ ଓ କାର୍ମେନ ଟିଙ୍ଗଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବୁଲଗେରିଆ। ଯୋଡ଼ି ମାଲେସିଆ। ଯୋଡ଼ିଙ୍କୁ ୨୧-୧୯, ୨୧-୧୪ ପଏଣ୍ଟର ଦୁଇଟି ଗେମ୍ରେ ହରାଇ ଚମ୍ପିୟନ ହୋଇଛନ୍ତି।

ପୁରୁଷ ଡବଲସ ଫାଇନାଲ ମାଲେସିଆ। ଯୋଡି କଂଗ ଖାଇ ଜିଙ୍ଗ ଓ ଏରୋନ ତାଇ ଇଣ୍ଡୋନେସିଆ।ର ଅଲି ରେହନ ଓ ଦେଭିନ ଅର୍ଥ ୱାହୁଡିଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଣ୍ଡୋନେସିଆ। ଯୋଡି ମାଲେସିଆ। ଯୋଡିଙ୍କୁ ୧୫-୨୧, ୨୧-୧୨ ଓ ୨୧-୧୬ ପଏଣ୍ଟର ତିନୋଟି ଗେମ୍ରେ ହରାଇ ଚମ୍ପିୟାନ ହୋଇଛନ୍ତି।

ଛଅ ଦିନ ଧରି ଚାଲିଥିବା ଏହି ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଓଡିଶା ମାଷ୍ଟର୍ସର ପରିଚାଳନା ପାଇଁ ଏକ ସାତ ଜଣିଆ। ଅଫିସିଆ।ଲ ଦଳରେ ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଭାବେ ବେଣୁ ଗୋପାଳ ମହାଲିଙ୍ଗମ, ରେଫରୀ ଭାବେ ସ୍ୱିଜରଲାଣ୍ଡର ମାନିକ ବସ୍ତିଏନ, ଡେପୁଟି ରେଫରୀ ଭାବେ ଇସ୍ତୋନିଆ।ର ଅରତୁଲ ଯଲୁଜନୋଇ, ଲୋକାଲ ଡେପୁଟି ରେଫରୀ ଭାବେ ଭାରତର ମଞ୍ଜୁଷା ସହସ୍ରବୁଧେ, ମ୍ୟାଚ୍ କଣ୍ଟ୍ରୋଲର ଭାବେ ଭାରତର ମିହିର ରତଡ଼ଙ୍କର ନିଯୁକ୍ତ ହୋଇଥିଲେ। ପୁରସ୍କାର ବିତରଣ ସମୟରେ ପଦ୍ମଶ୍ରୀ ପୁରସ୍କାର ବିଜେତା ସୁଦର୍ଶନ ସାହୁ, ଡାଇରେକ୍ଟର ଜେନେରାଲ ଫାୟାର ସର୍ଭିସେସ ସୁଧାଂଶୁ ଷଡ଼ଙ୍ଗୀ, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଡ଼. ଯେଦୁଲା ବିଜୟ, ଓଡ଼ିଶା ଷ୍ଟେଟ ବ୍ୟାଡ଼ମିଣ୍ଟନ ଅ।ସୋସିଏସନର ସଭାପତି ରାଜେଶ ପ୍ରଭାକର ପାଟିଲ, ଶିକ୍ଷ ବିଭାଗ ନିର୍ଦ୍ଦେଶକ ଅ।ବୋଲି ସୁନୀଲ ନର୍ବାଣେ, ଭାରତୀୟ ବ୍ୟାଡ଼ମିଣ୍ଟନ ସଂଘ ସାଧାରଣ ସମ୍ପାଦକ ସଞ୍ଜୟ ମିଶ୍ର, ନାଲକୋ ସିଏମଡ଼ି ବିଜେନ୍ଦ୍ର ପ୍ରତାପ ସିଂ, ଓଡ଼ିଶା ଷ୍ଟେଟ ବ୍ୟାଡ଼ମିଣ୍ଟନ ଅ।ସୋସିଏସନ ସମ୍ପାଦକ ନିଳିନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମଶାଳାରେ ତୃତୀୟ ଟି୨୦

# ଜବରଦସ୍ତ ବିଜୟ

ଧର୍ମଶାଳା, ୧୪।୧୨ : ହିମାଚଳ ପ୍ରଦେଶର ଧର୍ମଶାଳାରେ ରବିବାର ଖେଳାଯାଇଥିବା ତୃତୀୟ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଦକ୍ଷିଣ ଅ।ଫ୍ରିକାକୁ ଭାରତ ୭ ୱିକେଟ୍‌ରେ ପରାସ୍ତ କରିଛି ଭାରତ। ୧୧୮ ରନ୍‌ର ଟାର୍ଗେଟକୁ ୧୫.୫ ଓଭରରେ ୩ ୱିକେଟ୍ ହରାଇ ୧୨୦ ରନ୍ କରିଛି। ଏଥି ସହିତ ଭାରତ ଶୃଙ୍ଖଳାରେ ୨-୧ରେ ଅ।ଗୁଆ। ଅଛି।

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ଭାରତ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଅତିଥି ଟିମ୍‌କୁ ବ୍ୟାଟିଂ ପାଇଁ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଅ।ମନ୍ତ୍ରଣ କରିଥିଲେ। ଦକ୍ଷିଣ ଅ।ଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଏଡେନ୍ ମାର୍କରାମ ୪୬ ବଲ୍ ରୁ ସର୍ବାଧିକ ୬୧ ରନ୍ କରିବାରେ ସଫଳ ହୋଇଛନ୍ତି। ଦକ୍ଷିଣ ଅ।ଫ୍ରିକାର ୮ ଜଣ ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନାହାଁନ୍ତି। ଭାରତ ପକ୍ଷରୁ ଅର୍ଶଦୀପ ସିଂହ, କୁଲଦୀପ ଯାଦବ, ହର୍ଷିତ ରାଣା ଏବଂ ବରୁଣ ଚକ୍ରବର୍ତ୍ତୀ ଦୁଇଟି ଲେଖାଏ ୱିକେଟ୍ ନେଇଛନ୍ତି।ଶିବମ୍ ଦୁବେ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରତ୍ୟେକେ ଗୋଟିଏ ଲେଖାଏଁ ୱିକେଟ୍ ନେବାରେ ସଫଳ ହୋଇଛନ୍ତି।

ଜବାବରେ ଭାରତ ପାଇଁ ଗିଲ୍ ଓ ଅଭିଷେକ ଭଲ ଆରମ୍ଭ କରିଥିଲେ। ଅଭିଷେକ ଶର୍ମା ଦ୍ରୁତ ୩୫ ରନ୍ କରିଥିବାବେଳେ ଗିଲ୍ ୨୮ ରନ୍, ସୂର୍ଯ୍ୟକୁମାର ଯାଦବ ୧୨ ରନ୍ କରିଥିବାବେଳେ ତିଲକ ବର୍ମା ୨୬ ରନ୍ କରି ଅପରାଜିତ ରହିଥିଲେ।



### ୧୯ ବର୍ଷରୁ କମ୍ ଏସିଆ କପ୍

# ଭାରତଠୁ ହାରିଲା ପାକିସ୍ତାନ





ଦୁବାଇ,୧୪।୧୨: ପୁଣି ଭାରତଠାରୁ ହାରିଲା ପାକିସ୍ତାନ। ୧୯ ବର୍ଷରୁ କମ୍ ଏସିଆ। କପ୍ ରେ ଭାରତ ତାର ଦ୍ୱିତୀୟ ମ୍ୟାଚରେ ଲଗାତାର ବିଜୟ ହାସଲ କରିଛି। ଭାରତ ୨୪୦ ରନ୍ କରିଥିବାବେଳେ ପାକିସ୍ତାନ ମାତ୍ର ୧୫୦ ରନ୍ କରି ଅଲ୍‌ଆଉଟ୍ ହୋଇଯିବାରୁ ୯୦ ରନ୍‌ରେ ପରାସ୍ତ ହୋଇଛି। ଭାରତ ୨ ମ୍ୟାଚରୁ ୪ ପଏଣ୍ଟସହ ସେମି ଫାଇନାଲ ସ୍ଥାନ ପକ୍କା କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଅ।ରୋନ ଗର୍ଗଙ୍କ ଧୂଅ।ଁଧାର ୮୮ ବଲରେ ୮୫ ରନ୍, କନିଷ୍କ ଚୌହ୍ୱାନଙ୍କ ୪୪, ଆୟୁଷ ମହାତ୍ରେଙ୍କ ୩୮, ଏ କୁଣ୍ଡୁଙ୍କ ୨୨ ରନ୍ ବଳରେ ୨୪୦ ରନ୍ କରିଥିଲା।

ତେବେ ୨୪୧ ରନ୍ ବିଜୟଲକ୍ଷ୍ୟକୁ ପିଛା କରିଥିବା ପାକିସ୍ତାନ ଟିମ୍ ପ୍ରାରମ୍ଭିକ ବ୍ୟାଟିଂ ବପର୍ଯ୍ୟୟର ସମ୍ମୁଖିନ ହୋଇଥିଲା ପାକିସ୍ତାନ ଅଧିନାୟକ ଫରହାନ ୟୁସୁଫ (୭୦)ଙ୍କ ସମେତ ତିନି ଜଣ ବ୍ୟାଟରଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରିନଥିଲେ । ଭାରତ ପକ୍ଷରୁ କନିଷ୍କ ଚୌହାନ ଏବଂ ଦୀପେଶ ଦେବେନ୍ଦ୍ରନ ୩ଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ୧୪ ବର୍ଷୀୟ ବିସ୍ଫୋରକ ବ୍ୟାଟ୍ସମ୍ୟାନ ବୈଭବ ସୂର୍ଯ୍ୟବଂଶୀ ତାଙ୍କ ବୋଲିଂର କମାଲ ଦେଖାଇ ପାକିସ୍ତାନି ଅଧିନାୟକଙ୍କୁ ଅ।ଉଟ କରିଥିଲେ। ମାତ୍ର ୧୫୦ ରନ୍ କରି ଅଲଅ।ଉଟ ହୋଇଯାଇଥିଲା ପାକିସ୍ତାନ । ଟିମ୍ ଇଣ୍ଡିଆ। ଦୁଇଟି ମ୍ୟାଚ ଖେଳି ଦୁଇଟିରେ ବିଜୟ ହାସଲ କରିବା ସହ ୪ ପଏଣ୍ଟ ପାଇ ଗ୍ରୁପ-ଏ ର ଶୀର୍ଷ ସ୍ଥାନରେ ରହିଛି ।

# ଅବସର ନେଲେ ଜନ୍ ସିନା

ନୂଆଦିଲ୍ଲୀ,୧୪।୧୨: ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଡବ୍ଲୁଡବ୍ଲୁଇ ରିଙ୍ଗରେ ରାଜ କରିଥିବା ଜନ୍ ସିନା ଶେଷରେ ତାଙ୍କ କ୍ୟାରିଅରକୁ ବିଦାୟ ଦେଇଛନ୍ତି । ୪୮ବର୍ଷ ବୟସରେ ଜନ ସିନା ତାଙ୍କର ଶେଷ ମ୍ୟାଚ୍‌ରେ ଗୁନ୍ଥରଙ୍କଠାରୁ ହାରିବା ପରେ ବୃତ୍ତିଗତ



କୁସ୍ତିରୁ ଅବସର ନେଇ ଘୋଷଣା କରିଛନ୍ତି । ଏହି ମ୍ୟାଚଟି ଭାବପ୍ରବଣତାରେ ପରିପୂର୍ଣ୍ଣ ଥିଲା। ରେସଲିଂରୁ ବିଦାୟ ନେଇଛନ୍ତି ସୁପରଷ୍ଟାର ଜନ୍ ସିନା । ମ୍ୟାଚ୍‌ର ଆରମ୍ଭରେ ସେନା ପୂର୍ଣ୍ଣ ଫର୍ମରେ ଥିବା ଦେଖାଯାଉଥିଲେ, କିନ୍ତୁ ସମୟ ବଢ଼ିବା ସହିତ ତାଙ୍କ ଶକ୍ତି ବିଫଳ ହେବାକୁ ଲାଗିଲା ଏବଂ ଶେଷରେ ତାଙ୍କୁ ପରାଜୟ ଗ୍ରହଣ କରିବାକୁ ପଡିଲା। ପ୍ରାୟ ୨୦ ବର୍ଷ ମଧ୍ୟରେ ଏହା ପ୍ରଥମ ଥର ଥିଲା ଯେତେବେଳେ ଜନ୍ ସିନା ଏକ ମ୍ୟାଚ୍‌ରେ ଟପ୍ ଆଉଟ୍ ହୋଇଥିଲେ। ୨୪ ବର୍ଷର କ୍ୟାରିୟରରେ ସେ ୧୭ ଥର ବିଶ୍ୱ ଚାମ୍ପିୟନ ହୋଇଛନ୍ତି । ଲୁହଭିଜା ଆଖିରେ ସେ ଫ୍ୟାନ୍ସଙ୍କ ଠାରୁ ବିଦାୟ ନେଇଛନ୍ତି । କୁସ୍ତି ବ୍ୟତୀତ, ଜନ୍ ସିନ । ହଲିଉଡରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି । ତାଙ୍କ ଅବସର ପରେ, ତାଙ୍କ ଫିଲ୍ମ ବିଷୟରେ ଆଲୋଚନା ପୁଣି ଥରେ ତୀବ୍ର ହୋଇଛି ।
ଏହାକୁ ଜନ୍ ସେନାଙ୍କ ପ୍ରଥମ ପ୍ରମୁଖ ଆକ୍ସନ୍ ଫିଲ୍ମ ବୋଲି ବିବେଚନା କରାଯାଏ। ଏହି ଫିଲ୍ମରେ ସେ ଜଣେ ପୂର୍ବତନ ମାରିନ୍ ଭୂମିକାରେ ଅଭିନୟ କରିଥିଲେ ଯିଏ ତାଙ୍କ ପତ୍ନୀଙ୍କୁ ଉଦ୍ଧାର କରିବା ପାଇଁ ଏକ ମିଶନରେ ବାହାରିଥିଲେ। ଆକ୍ସନ୍ ଫିଲ୍ମରେ ସେନାଙ୍କ ପ୍ରବେଶ ଏହିଠାରୁ ଦୃଢ଼ ହୋଇଥିଲା।

# କିଟ୍ ଓ କିସ୍‌ରେ ଭଲିବଲ୍ ମହାକୁମ୍ଭ

## ଓଡ଼ିଶାରେ ଆୟୋଜିତ ହେବ ଏଫ୍ଆଇଭିବି ବିଚ୍ ଭଲିବଲ, ଏଫ୍ଆଇଭିବି, କିଟ୍ - କିସ୍ ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, (ମହାଭାରତ): ଓଡ଼ିଶାରେ କିଟ୍ ଓ କିସ୍ ସହଯୋଗରେ ୨୦୨୬ରୁ ଲଗାତାର ୩ବର୍ଷ ଏଫ୍‌ଆଇଭିବି ବିଚ୍ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଅନ୍ତର୍ଜାତୀୟ ଭଲିବଲ ସଂଘ (ଏଫଆଇଭିବି) ସଭାପତି ଫାବିଓ ଆଜେଭେଦୋ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। କିଟ୍ ଓ କିସ୍‌ରେ ବ୍ୟାପକ ସୁବିଧା ଓ ଓଡ଼ିଶାର ମନୋରମ ପରିବେଶ ପାଇଁ ଆସନ୍ତା ୨୦୨୬, ୨୦୨୭ ଓ ୨୦୨୮ ବର୍ଷରେ କିଟ୍ ଓ କିସ୍ ସହଯୋଗରେ ଓଡ଼ିଶାରେ ଏଫ୍‌ଆଇଭିବି ବିଚ୍ ଭଲିବଲ୍ ଆୟୋଜିତ ହେବ ବୋଲି ଫାବିଓ ଘୋଷଣା କରିଥିଲେ। ଏଫଆଇଭିବି ସହଯୋଗରେ କିଟ୍ ଓ କିସ୍‌ରେ ୧୧ ତାରିଖରୁ ଆରମ୍ଭ ହୋଇଥିବା ଭଲିବଲ ମହାକୁମ୍ଭ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଓଡ଼ିଶା ଆସିଥିବା ଫାବିଓ କହିଲେ, ଭାରତ ତଥା ଓଡ଼ିଶାରେ ତୃଣମୂଳସ୍ତରରେ ଭଲିବଲ୍‌ର ବିକାଶ ଓ ମହିଳା ସଶକ୍ତିକରଣ ନିମନ୍ତେ ଏହି ମହାକୁମ୍ଭ ଆୟୋଜନ କରାଯାଇଛି।



୨୦୩୨ ସୁଦ୍ଧା ଭଲିବଲ୍ ମାଧ୍ୟମରେ ବିଶ୍ୱର ୧.୨ ବିଲିୟନ୍ ଲୋକଙ୍କୁ ଯୋଡ଼ିବା ଏଫ୍‌ଆଇଭିବି ଲକ୍ଷ୍ୟ ରଖିଛି ବୋଲି ସେ କହିଥିଲେ। କ୍ରୀଡ଼ା ବିଶେଷ କରି ଭଲିବଲ୍‌ର ଶକ୍ତି ମାଧ୍ୟମରେ ଲୋକଙ୍କୁ ଏକାଠି କରିବା ଓ ସେମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ବଜାୟ ରଖିବା ଏଫ୍‌ଆଇଭିବିର ଉଦ୍ଦେଶ୍ୟ।

ଏହି ସାମ୍ବାଦିକ ସମ୍ମିଳନୀରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଏଫଆଇଭିବି ସହିତ ଆମର ସହଭାଗିତା ଯୋଗୁଁ ଓଡ଼ିଶାକୁ ଏଭଳି କାର୍ମଶାଳା ଜରିଆରେ ବିଶ୍ୱସ୍ତରୀୟ ଦକ୍ଷତା ଅଣାଯାଇପାରିଛି। ଏଥିରେ ହଜାର ହଜାର ବାଳିକା ଓ ମହିଳାଙ୍କୁ ଭଲିବଲ୍‌ର ପରିବର୍ତ୍ତନକାରୀ ଶକ୍ତି ଅନୁଭବ କରିବାର ସୁଯୋଗ ସୃଷ୍ଟି କରିବ। କିଟ୍ ଓ କିସ୍‌ର କନ୍ୟା କିରଣ ପଦକ୍ଷେପର ଏକ ଅଂଶ ଭାବରେ ମହିଳା ସଶକ୍ତିକରଣ ଏବଂ ତୃଣମୂଳ ସ୍ତରରେ ଭଲିବଲ୍ ବିକାଶକୁ ପ୍ରୋତ୍ସାହିତ କରିବା ଏହି ଭଲିବଲ୍ ମହାକୁମ୍ଭର ଲକ୍ଷ୍ୟ ବୋଲି ଶ୍ରୀ ସାମନ୍ତ କହିଥିଲେ।

ଏହି ଅବସରରେ କିଟ୍, କିସ୍ ଓ ଏଫ୍‌ଆଇଭିବି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହ ଫାବିଓଙ୍କ ଦ୍ୱାରା ଏଫ୍‌ଆଇଭିବି- କିଟ୍, କିସ୍ ଉତ୍କର୍ଷ କେନ୍ଦ୍ରର ଉଦ୍‌ଘାଟନ କରାଯାଇଥିଲା। ଏହା ସହ ଶ୍ରୀ ସାମନ୍ତଙ୍କ ଉପସ୍ଥିତିରେ ଫାବିଓଙ୍କ ଦ୍ୱାରା ଏକ ସ୍ପୋର୍ଟସ ଜୋନ୍ ଉଦ୍‌ଘାଟିତ ହୋଇଥିଲା।

ସୂଚନାଯୋଗ୍ୟ, ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ୪୦ ହଜାର ଛାତ୍ରଛାତ୍ରୀ ଦର୍ଶକଙ୍କ ଉପସ୍ଥିତିରେ ଶନିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା। ଭଲିବଲ୍ ମହାକୁମ୍ଭର ବିଭିନ୍ନ ଦିନରେ କିଟ୍ ଓ କିସ୍‌ର କନ୍ୟା କିରଣ ପଦକ୍ଷେପର ଏକ ଅଂଶ ଭାବରେ ଓଡ଼ିଶା ସମେତ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ଭଲିବଲ୍ ପ୍ରଶିକ୍ଷକଙ୍କ ପାଇଁ ଏକ କର୍ମଶାଳା ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ମହିଳା ଭଲିବଲ୍ କୋଚଙ୍କୁ କର୍ମଶାଳା ଜରିଆରେ ପ୍ରଶିକ୍ଷଣ ସହ ସଶକ୍ତିକରଣ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାରୁ ୫୦୦ ଅଂଶଗ୍ରହଣକାରୀଙ୍କ ବ୍ୟତୀତ ଭାରତ ସମେତ ବିଶ୍ୱର ୨୦୦ରୁ ଅଧିକ ଭଲିବଲ୍ ପ୍ରଶିକ୍ଷକ, ଖେଳାଳି ଏବଂ ବିଶେଷଜ୍ଞ ଏଥିରେ ଯୋଗ ଦେଇଥିଲେ। ସେମାନେ ଏଠାରୁ ତାଲିମ ପାଇ ନିଜ ଅଞ୍ଚଳରେ ଭଲିବଲ ଖେଳାଳିଙ୍କୁ ତାଲିମ ପ୍ରଦାନ କରିବେ। ଫଳରେ ଏହା ଦ୍ୱାରା ୫୦ ହଜାରରୁ ଊର୍ଦ୍ଧ୍ୱ ଭଲିବଲ ଖେଳାଳି ଉପକୃତ ହେବେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଭଲିବଲ ପ୍ରଶିକ୍ଷକ ଜନ୍ କେସେଲ୍ ଏବଂ ଜାନା କୁଲାନ୍ ପ୍ରମୁଖ ୪ଟି ଇନ୍‌ଡୋର ଓ ୪୦ରୁ ଊର୍ଦ୍ଧ୍ୱ ଆଉଟଡୋର କୋର୍ଟରେ ଗତିଶୀଳ ଅନ-କୋର୍ଟ ତାଲିମ, ଉନ୍ନତ କୌଶଳ ଅଧିବେଶନ, ପ୍ରଶିକ୍ଷକ-ବିକାଶ ପ୍ରୟୋଗଶାଳା ଓ ଗଣ ଅଂଶଗ୍ରହଣ କାର୍ଯ୍ୟକ୍ରମଗୁଡ଼ିକରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ଏହି ଅବସରରେ ବିଭିନ୍ନ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷା, ସାମାଜିକ ପରିବର୍ତ୍ତନ ଓ ଯୁବ କଲ୍ୟାଣରେ ଭଲିବଲର ଭୂମିକା, ଭଲିବଲ୍ ଜରିଆରେ ତୃଣମୂଳସ୍ତରରେ ପରିବର୍ତ୍ତନ ଏବଂ ଭଲିବଲ୍ ମାଧ୍ୟମରେ ମହିଳା ସଶକ୍ତିକରଣ, ସମାନତା ଏବଂ ବିଶ୍ୱ ସଶକ୍ତିକରଣକୁ ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଫାବିଓ ଆଜେଭେଡୋ, ଅଚ୍ୟୁତ ସାମନ୍ତ, ଅଭିଜିତ ବି, ଅଭିନବ ବିନ୍ଦ୍ରା, ଜନ୍ କେସେଲ୍ ଓ ଜାନା କୁଲାନ୍ ପ୍ରମୁଖ ଏଥିରେ ଯୋଗଦେଇ ଉପରୋକ୍ତ ବିଷୟ ଉପରେ ଆଲୋଚନା କରିଥିଲେ।

## ମେସିଙ୍କ ସହ ସେଲ୍‌ଫି : ବିକ୍ରି କରିବାକୁ ପଡ଼ିପାରେ ଘର

ନୂଆଦିଲ୍ଲୀ,୧୪।୧୨: କିମ୍ବଦନ୍ତୀ ଫୁଟବଲ ଖେଳାଳି ଲିଓନେଲ ମେସି ବର୍ତ୍ତମାନ ତିନି ଦିନିଆ ଭାରତ ଗସ୍ତରେ ଅଛନ୍ତି। ସେ ପ୍ରଥମେ କୋଲକାତାରେ ପହଞ୍ଚିଥିଲେ, ତା'ପରେ ହାଇଦ୍ରାବାଦରେ ପହଞ୍ଚିଥିଲେ ଏବଂ ଏବେ ଡିସେମ୍ବର ୧୪ରେ ସେ ମୁମ୍ବାଇରେ ରହିବେ। ମେସି ମୁମ୍ବାଇରେ ଅନେକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ମେସିଙ୍କୁ ଭେଟିବା ଏବଂ ତାଙ୍କ ସହ ସେଲଫି ନେବା ପାଇଁ ଏକ ଫିଜ ଦେବାକୁ ପଡ଼ିଥାଏ ? ଏହି ଫିଜ ଛୋଟ ନୁହେଁ, ବରଂ ଲକ୍ଷ ଲକ୍ଷ ଟଙ୍କା। ହଁ, ରିପୋର୍ଟ କରାଯାଉଛି ଯେ ମେସିଙ୍କ ସହ ସେଲଫି ପାଇଁ ପ୍ରତି ବ୍ୟକ୍ତି ପାଇଁ ୯.୯୫ ଲକ୍ଷ ଟଙ୍କା ଦେବାକୁ ପଡିପାରେ। ତଥାପି, ଏହି ଟିକେଟ ସୀମିତ, ତେଣୁ ଯଦି ଆପଣ ମେସିଙ୍କୁ ଭେଟି ତାଙ୍କ ସହ ସେଲଫି ନେବାକୁ ଚାହାଁନ୍ତି, ତେବେ ଯଥାଶୀଘ୍ର ଆପଣଙ୍କର ଟିକେଟ ବୁକ କରନ୍ତୁ। ଏହା ମନେ ରଖିବା ଉଚିତ ଯେ ଏହି ପରିମାଣ ଏତେ ଅଧିକ ଯେ ଜଣେ ସାଧାରଣ ବ୍ୟକ୍ତି ଏହା କିଣିପାରିବେ ନାହିଁ, ଏବଂ ଏଥିପାଇଁ ସେମାନଙ୍କୁ ନିଜର ଘର ବିକ୍ରୟ କରିବାକୁ ପଡ଼ିପାରେ।

## ସୁକିନ୍ଦା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା

ସୁକିନ୍ଦା,୧୪।୧୨: ଯାଜପୁର ଜିଲ୍ଲା ର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସୁକିନ୍ଦା ମହାବିଦ୍ୟାଳୟ ର ୪୭ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗତ କାଲି ଓ ଆ।ଜି ଦୁଇ ଦିନ ଧରି ଅନୁଷ୍ଠିତ ହୋଇ ଯାଇଛିଗତ କାଲି ଉଦଘାଟନ ଦିବସ ରେ ଛାତ୍ର ଛାତ୍ରୀ ମାନେ ଏକ ଶୋଭାଯାତ୍ରା ରେ ଯାଇ ସୁକିନ୍ଦା ର ଅଧିଷ୍ଠାତ୍ରୀ ଦେବୀ ମା ଖଣ୍ଡୁରାଇ ଙ୍କ ମନ୍ଦିର ରେ ପୂଜାର୍ଚ୍ଚନା କରି ମଶାଲ ରେ ଅଗ୍ନି ସଂଯୋଗ ପୂର୍ବକ ମହାବିଦ୍ୟାଳୟ କୁ ଅ।ସିଥିଲେ। ମହାବିଦ୍ୟାଳୟ ରେ ଭାରପ୍ରାପ୍ତ ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ ଙ୍କୁ ମଶାଲ ହସ୍ତାନ୍ତର କରିଥିଲେକ୍ରୀଡା ପତାକା ଉତ୍ତୋଳନ ସହିତ ଛାତ୍ର ଛାତ୍ରୀ ମାନେ ଶପଥ ପାଠ କରିଥିଲେ।

କ୍ରୀଡା ପ୍ରତିଯୋଗିତା କୁ ଉଦଘାଟନ କରି ଅଧ୍ୟକ୍ଷ ସୁସ୍ଥ ଶରୀର ଓ ମନ ପାଇଁ ଛାତ୍ର ଛାତ୍ରୀ ଙ୍କ ଜୀବନ ରେ କ୍ରୀଡା ର ଅ।ବଶ୍ୟକତା ଥିବା କଥା କହିଥିଲେପରେ ପରେ କ୍ରୀଡା ଶିକ୍ଷକ କାଳନ୍ଦୀ ଚରଣ ସାହୁ,ସଞ୍ଜୟ କୁମାର ବାରିକ,ଗଣେଶ୍ୱର ବେହେରା, କୈଳାସ ମହାପାତ୍ର,ଅଜିତ କୁମାର ପାଲଙ୍କ ପରିଚାଳନା ଓ ମହାବିଦ୍ୟାଳୟ ର ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କ ସହଯୋଗ ରେ ଦୁଇ ଦିନ ଧରି ବିଭିନ୍ନ ପ୍ରକାର ର ଦୌଡ କୁଦ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା ।ପ୍ରତିଯୋଗିତା ଶେଷ ରେ ଅଧ୍ୟକ୍ଷ କୃତି ପ୍ରତିଯୋଗୀ ଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଦୁଇ ଦିନ ର ଏହି ପ୍ରତିଯୋଗିତା ରେ କ୍ରୀଡା ସଂସଦ ର ଉପସଭାପତି ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ ଙ୍କ ସମେତ ପ୍ରାଧ୍ୟାପକ ସିତିକଣ୍ଠ ଦାସ,ରାଜେନ୍ଦ୍ର ନାରାୟଣ ରାଉଳ,ଅଧ୍ୟାପକ ହାଡିବନ୍ଧୁ ଦାସ,ପାଣ୍ଡବ ଚରଣ ବେହେରା, ତ୍ରୈଲୋଚନ ମଳିକ,ସୁଶାନ୍ତ କୁମାର ବେହେରା,ଦିବ୍ୟଜ୍ୟୋତି ନାୟକ,ପ୍ରେମାନନ୍ଦ ପତି, ଜାଭେଦ ଇକବଲ୍,ସଞ୍ଜୟ ସାମଲ,ପ୍ରଶାନ୍ତ ମହାରଣା,ମନୀନ୍ଦ୍ର ହନହାଗା,ଦେବେନ୍ଦ୍ର ନାୟକ,ମନୋଜ ମହାରଣା,ଅରୁଣ କୁମାର ସ୍ୱାଇଁ,ମାଧବାନନ୍ଦ ବାରିକ,ଗିରିଜା ପ୍ରସନ୍ନ ପଟ୍ଟନାୟକ, ଅ।ପୁଲ ଜେନା,କବିତା ପୃଷ୍ଟି,ସୁଚିତ୍ରା ଦାସ,ପୁଷ୍ପାଞ୍ଜଳି ସାହୁ,ଉତ୍କଳିକା ଦ୍ୱିବେଦୀ, ସୁଧାମୟୀ ଭୋଇ,ପ୍ରଣତି ସ୍ୱାଇଁ,ହେମିନା ବିଶ୍ୱାଳ,ଉଦ୍ଧବ ବେହେରା,ମନୋରଞ୍ଜନ ସିଂ ସାମନ୍ତ,ଗୟାସୁଦ୍ଦିନ ଖାଁ,ଶୁଭେନ୍ଦୁ ବେହୁରା, ଫୁର୍କାନ ଅଲ୍ଲୀ ପ୍ରମୁଖ ସହଯୋଗ କରିଥିଲେ।

# ଜୟଦୁର୍ଗା ଫୁଟବଲ ଫାଇନାଲରେ ଯାଜପୁର



ଡେରାବିଶ,୧୪।୧୨(ନି:ପ୍ର)- ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ହାଇସ୍କୁଲ ପଡ଼ିଆ।ରେ ଜୟଦୁର୍ଗା ଆ।ଥଲେଟିକ ଅ।ସୋସିଏସନ୍ ଅ।ନୁକୂଲ୍ୟରେ ଚାଲିଥିବା ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣା।ମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଯାଜପୁର ଟିମ୍ ବରହମପୁର ଟିମକୁ ହରାଇ ଫାଇନାଲରେ ପ୍ରବେଶ କରିଛି ଅ।ଜି ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲାଖେଳର ପ୍ରଥମାର୍ଦ୍ଧରେ ବରହମପୁର ଟିମ୍ ଯାଜପୁର ଟିମକୁ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଯାଜପୁର ଟିମ୍ ଗୋଟିଏ ଗୋଲ ଦେଇ ଖେଳକୁ ବରାବର ସ୍ଥିତିକୁ ଅ।ଣିଥିଲା। ତେବେ ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକର ର ସହାୟତା ନିଅ।ଯାଇଥିଲା ଏଥିରେ ଯାଜପୁର ଟିମ୍ ୩-୨ ଗୋଲରେ ବରହମପୁର ଟିମକୁ ହରାଇ ଫାଇନାଲରେ ପ୍ରବେଶ କରିଛି ୧୪ ତାରିଖ ରବିବାର ଯାଜପୁର ଟିମ୍ ଓ ମୟୂରଭଞ୍ଜ ଟିମ୍ ମଧ୍ୟରେ ଫାଇନାଲ ମୁକାବିଲା ହେବରେଫରି ଭାବେ ସୁଶାନ୍ତ ବିଶ୍ୱାଳ, ଜିତେନ୍ଦ୍ର ବାରିକ ଓ ରିଅ।ଜ କାଦ୍ରୀ ଖେଳ ପରିଚାଳନା କରିଥିଲେ ଅ।ସୋସିଏସନର ସଭାପତି ନୃସିଂହ ଚରଣ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବିଜେପି ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡ଼ା, କମେଡି କୁଇନ ଐଶ୍ୱରିୟା ଓ ଶିବିର କୁମାର ପରିଡ଼ା ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେବିଶ୍ୱ ରଞ୍ଜନ ସାମଲ, ସୁଶାନ୍ତ କୁମାର ସାହୁ, ଅଭିରାମ ମଲିକ, କୈଳାସ ଲେଙ୍କା, ଅଲେଖ ବେଜ ଅଭିରାମ ମହାନ୍ତିଙ୍କ ସମେତ ଅ।ସୋସିଏସନର କର୍ମକର୍ତ୍ତାମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

# 'ମ୍ୟାଚ୍ ଫିକ୍ସିଂ' କଳଙ୍କ

## ଚାରି ଜଣ ଭାରତୀୟ ଖେଳାଳି ନିଲମ୍ବିତ

ଗୁଆହାଟୀ,୧୪।୧୨ : ଏକ ମ୍ୟାଚ୍ ଫିକ୍ସିଂ କାଣ୍ଡ ଦ୍ୱାରା କ୍ରିକେଟ୍ ଜଗତ ପୁଣି ଥରେ ଲଜ୍ଜିତ ହୋଇଛି। ଏହା ଭାରତୀୟ ଘରୋଇ କ୍ରିକେଟରେ ସାମ୍ନାକୁ ଆସିଛି। ଶୁକ୍ରବାର ଆସାମ କ୍ରିକେଟ୍ ଆସୋସିଏସନ୍ ସମ୍ପାଦକ ସନାତନ ଦାସ ଗଣମାଧ୍ୟମକୁ କହିଛନ୍ତି ଯେ ଚାରି ଜଣ ଖେଳାଳିଙ୍କୁ ତୁରନ୍ତ ପ୍ରଭାବରେ ନିଲମ୍ବିତ କରାଯାଇଛି। ଏହି ଚାରି ଜଣ ଖେଳାଳି ହେଉଛନ୍ତି ଅମିତ ସିହ୍ନା, ଇଶାନ୍ ଅହମ୍ମଦ, ଅମନ ତ୍ରିପାଠି ଏବଂ ଅଭିଷେକ ଠାକୁର। ସନାତନ ଦାସ କହିଛନ୍ତି ଯେ ଏହି ଚାରି ଜଣ ଖେଳାଳି କ୍ରିକେଟରେ ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟକଳାପରେ ଜଡିତ ଥିଲେ। ଏହି ମାମଲା ସୟଦ ମୁସ୍ତାକ ଅଲି ଟ୍ରଫି ୨୦୨୫ ସହିତ ଜଡିତ।

ଆସାମ କ୍ରିକେଟ୍ ଆସୋସିଏସନ୍ (ଏସିଏ) ସଚିବ ସନାତନ ଦାସ ଏକ ବିବୃତ୍ତିରେ କହିଛନ୍ତି, ଏହି ଚାରି ଜଣ କ୍ରିକେଟର୍ ଯେଉଁମାନେ ବିଭିନ୍ନ ସ୍ତରରେ ଆସାମକୁ ପ୍ରତିନିଧିତ୍ୱ କରିଛନ୍ତି। ସେମାନଙ୍କ ଉପରେ ସୟଦ ମୁସ୍ତାକ ଅଲି ଟ୍ରଫି-୨୦୨୫ରେ ଆସାମ ପାଇଁ ଖେଳିଥିବା କିଛି ଖେଳାଳିଙ୍କୁ ପ୍ରଭାବିତ ଏବଂ ପ୍ରୋତ୍ସାହିତ କରିବାର ଅଭିଯୋଗ ଅଛି। ଏହି ଅଭିଯୋଗ ଆସିବା ମାତ୍ରେ ବିସିସିଆଇର ଦୁର୍ନୀତି ନିବାରଣ ୟୁନିଟ୍ ଏହି ଘଟଣାର ତଦନ୍ତ କରିଛି। ଏସିଏ ମଧ୍ୟ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।ଏସିଏ କହିଛି ଯେ ମ୍ୟାଚ୍ ଫିକ୍ସିଂରେ ଜଡିତ ଚାରି ଜଣ ଖେଳାଳିଙ୍କ ବିରୋଧରେ ଗୌହାଟି କ୍ରାଇମ୍ ବ୍ରାଞ୍ଚରେ ଏକ ଏଫ୍‌ଆଇଆର୍ ଦାୟର କରିଛି। ଏହି ସମୟରେ, ଟାଇମ୍ସ ଅଫ୍ ଇଣ୍ଡିଆ ଅନୁଯାୟୀ, ବିସିସିଆଇ ସଚିବ ଦେବଜିତ ସାଇକିଆ ଏପରି କାର୍ଯ୍ୟକଳାପରେ ଜଡିତ ଖେଳାଳିମାନଙ୍କୁ ଚେତାବନୀ ଦେଇଛନ୍ତି। ସାଇକିଆ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଏପରି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ।ଆସାମ ଦଳକୁ ସୟଦ ମୁସ୍ତାକ ଅଲି ଟ୍ରଫିର ଏଲିଟ୍ ଗ୍ରୁପ୍-ଏରେ ସ୍ଥାନିତ କରାଯାଇଥିଲା। ଭାରତର ଷ୍ଟାର କ୍ରିକେଟର ରିୟାନ ପରାଗ ମଧ୍ୟ ଏହି ଦଳ ପାଇଁ ଖେଳନ୍ତି। ଆସାମ ସାତଟି ମ୍ୟାଚ୍ ରୁ କେବଳ ତିନୋଟି ବିଜୟ ହାସଲ କରିଥିଲା ଏବଂ ତା'ର ଗ୍ରୁପର ଆଠଟି ଦଳ ମଧ୍ୟରୁ ସପ୍ତମ ସ୍ଥାନରେ ରହିଥିଲା। ଏହା ଉଲ୍ଲେଖନୀୟ ଯେ ମ୍ୟାଚ୍ ଫିକ୍ସିଂ ମାମଲାରେ ଜଡିତ ଚାରି ଜଣ ଖେଳାଳିଙ୍କ ମଧ୍ୟରୁ କେହି ବି ସୟଦ ମୁସ୍ତାକ ଅଲି ଟ୍ରଫି ପାଇଁ ଆସାମ ଦଳରେ ସାମିଲ ନଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ